ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସଙ୍କ କୃତ

# ଚେତନା



ସଂପାଦନା

ଡକ୍ଟର ଶିବ ପ୍ରସାଦ ଦଳାଇ

Scanned by CamScanner

ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସଙ୍କ କୃତ

# ଚେତନା

ସଂପାଦନା :

ଡକ୍ଟର ଶିବ ପ୍ରସାଦ ଦଳାଇ

(ଏମ୍.ଏ., ଏମ୍ ଫିଲ୍, ପିଏଚ୍‌ଡି.)

ପ୍ରକାଶିକା :

କୃଷ୍ଣା ପଟ୍ଟନାୟକ

ଏମ୍-୧୪୯, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ

ଭୁବନେଶ୍ୱର

Scanned by CamScanner

ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସଙ୍କ କୃତ ଆଧାତ୍ମିକ ବାଣୀ ସମ୍ଭାର

# ଚେତନା ।


ସଂପାଦନା : ଡକ୍ଟର ଶିବ ପ୍ରସାଦ ଦଳାଇ
(ଏମ୍.ଏ,ଏମ୍ ଫିଲ୍, ପି ଏଚ୍ ଡି.)
ଗ୍ରାମ-ସାନ୍ତପୁର, ପୋ-ଓରିକଣ୍ଡା, ଭାୟା-ନେମାଳ,
ଜି-କଟକ, ଓଡିଶା, ପିନ୍-୭୫୪୨୯୩

ପ୍ରକାଶିକା : କୃଷ୍ଣା ପଟ୍ଟନାୟକ
ଏମ୍-୧୪୯, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର-୩

ମୁଦ୍ରଣ : ବିଜୟିନୀ ପବ୍ଲିକେସନ
ଶଙ୍କରପୁର, ଅରୁଣୋଦୟ ମାର୍କେଟ,କଟକ-୧୨

ପ୍ରାପ୍ତିସ୍ଥାନ : (୧) ଜଗନ୍ନାଥ ସଂସଦ, ଗୋବର୍ଦ୍ଧନ ପୀଠ,
ଗାରୋଇ ଆଶ୍ରମ,ପୋ. କୋରୁଓ,
ଭା. ନାଉଗାଁ, ଜଗତସିଂହପୁର
(୨) ସମ୍ପାଦକ-ଅଚ୍ୟୁତବାଣୀ, କ୍ୱାଟର ନଂ-ଜି/୧୦୧, ପୁରୁଣା
ଏଲ.ଆଇ.ସି କଲୋନୀ, ବାଦାମବାଡ଼ି, କଟକ-୯

ପ୍ରଥମ ସଂସ୍କରଣ : ଜାନୁୟାରୀ ୨୦୦୨(ବକୁଳ ଅମାବାସ୍ୟା)
ମୂଲ୍ୟ : ~~୨୫.୦୦ (ପଚିଶି ଟଙ୍କା ମାତ୍ର)~~ 15.00


---

*A Collection of the devotional messages of*
BABA SRI SRI BUDHANATHA DAS
## CHETANA


**Edited by** - Dr. Shiba Prashada Dalai,(M.A.M.Phi,Ph.D.) At- Santapur, Po - Orikanta, Via- Nemalo, Dist- Cuttack, Pin -754293, Orissa. **Publisher:** Krushna Pattnayak, M-149, Baramunda Housing Board Colony, Bhubaneswar- 751 003, **Printed at** : Bijayinee Publications, Sankarpur, Arunodaya Market, Cuttack- 12, Orissa. **Books Available at** : (1)Jaganatha Sansad, Gobardhan Pitha, Garoi Ashram , Po- Korua, Via. Naugan, Dist - Jagatsinghpur.(2) Editor : Achyutavani, Qtr No. G/ 101,Old L.I.C. Colony, Badambadi, Cuttack-9. **1st Edition** : January 2002 (BAKULA AMABASYA) **Price** : Rs. 25.00 (Twenty five only).


---



ଅଚ୍ୟୁତ ଅଣାକାର ଜ୍ୟୋତି ।
ସେ ପାଦେ ସଦା ମୋର ପ୍ରୀତି ॥
ସେ ପ୍ରୀତି ଅପ୍ରୀତି ନୋହିବ ।
ପରମ ପ୍ରୀତି ଭାବେ ଥିବ ॥
ଯେଉଁ ପ୍ରୀତିରେ ଇତି ନାହିଁ ।
ସେ ପ୍ରୀତି କର ତୋହ ପାଇଁ ॥
ସକଳ ଜ୍ଞାନ ପ୍ରୀତି ଦାତା ।
ପ୍ରାଣୀରେ ଦିଏ ଜ୍ଞାନ ଚେତା ॥
ଶ୍ରୀଗୁରୁ ଚରଣକୁ ଆଶା ।
ବୁଢିଆ କରିଛି ଭରସା ॥

ଓଁ ପରମବ୍ରହ୍ମ ଶ୍ରୀଗୁରୁ ଅଚ୍ୟୁତ
ଗୋଲକନାଥାୟ ନମଃ

ଦାସାନୁଦାସ
'ବୁଢିଆ'



Scanned by CamScanner

# ମୁଖବଂଧ

ଯଗେଯୁଗେ ଓଡ଼ିଶା ଧର୍ମର ଲୀଳାଭୂମି । ଏହି ପବିତ୍ର ଭୂମିରେ ବିଭିନ୍ନ ସମୟରେ କେତେ କେତେ ସାଧୁ,ସନ୍ଥ, ମହାପୁରୁଷ, ଭକ୍ତଙ୍କର ଆଗମନ ହୋଇଛି । ସେମାନେ ନିଜର ଧର୍ମ ମତକୁ ଏହି ମାଟିର ଆରାଧ୍ୟ ଦେବତା କୋଟି ବ୍ରହ୍ମାଣ୍ଡର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭିତରେ ମିଶାଇ ଦେଇଛନ୍ତି । ସେମାନଙ୍କର ଆବିର୍ଭାବ ସମଗ୍ର ମାନବ ଜାତିକୁ ନୂତନ ଆଲୋକରେ ଆଲୋକିତ କରିଛି । ସେମାନେ ନବ ଜାଗରଣର ଉନ୍ମେଷ ଘଟାଇ ଚେତନା ଜାଗରଣ ପୂର୍ବକ ସମାଜରେ ଶାନ୍ତି ମୈତ୍ରୀ ପ୍ରୀତିର ମନ୍ଦାକିନୀଧାରା ପ୍ରବାହିତ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ସକଳ ଧର୍ମର କେନ୍ଦ୍ରବିନ୍ଦୁ ରୂପେ ଗ୍ରହଣ କରି ନିଜର ଚିନ୍ତା ଓ ଚେତନାକୁ ପରିବ୍ୟାପ୍ତ କରିଛନ୍ତି । ସେମାନଙ୍କ ମତରେ ଜଗନ୍ନାଥ ହେଉଛନ୍ତି ଶୂନ୍ୟ ଶୂନ୍ୟ ମହାଶୂନ୍ୟ ମହାକାରୁଣିକ ପତିତପାବନ । ସେ ଅଚ୍ୟୁତ ଅନନ୍ତ ଷୋଳକଳାରେ ପରିପୂର୍ଣ୍ଣ । ସେ ଅଣାକାର ଓ ସାକାରର ଶୂନ୍ୟପିଣ୍ଡ । ଷୋଡଶ ଶତାବ୍ଦୀରେ ଯୁଗ ପରୁଷ ପଞ୍ଚସଖା ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସ ପ୍ରମୁଖ ପଞ୍ଚ ମହାପୁରୁଷ ଶ୍ରୀଜଗନ୍ନାଥଙ୍କୁ ହିଁ ସେମାନଙ୍କର ଆଧ୍ୟାତ୍ମିକ ସାଧନା କେନ୍ଦ୍ରରେ ସ୍ଥାପନ କରି ଅଛନ୍ତି ।

ଏହି ମହାପୁରୁଷମାନେ ଥିଲେ ଯଥାର୍ଥରେ ଜାତିସ୍ମର । ଏଣୁ ବିଭିନ୍ନ ସମୟରେ ବିଭିନ୍ନ କଳା ନେଇ ଜନ୍ମଗ୍ରହଣ କରିଥିବା କଥା ସେମାନଙ୍କ ରଚନାରେ ଉଲ୍ଲିଖିତ ହୋଇଛି । ସର୍ବୋପରି ସେମାନଙ୍କର ବିଭିନ୍ନ ମାଳିକା ସମଗ୍ର ମାନବ ଜାତିକୁ ସଚେତନ କରିଥାଏ । ଏଥିରେ ଥିବା ସମସ୍ତ ନୀତି ଉପଦେଶ, ଭବିଷ୍ୟକଥନ ଇତ୍ୟାଦି ଗୁରୁଶିଷ୍ୟ ପରମ୍ପରା ଭାବରେ ଗୁରୁ ମୁଖରୁ ଶିଷ୍ୟ ମାଧ୍ୟମରେ କଥୋପକଥନ ଶୈଳୀରେ ପ୍ରକାଶିତ ହୋଇଅଛି । ମହାପୁରୁଷ ଅଚ୍ୟୁତାନନ୍ଦ ଏହି ପରମ୍ପରାର ଜଣେ ବିଶିଷ୍ଟ ଦାର୍ଶନିକ ତତ୍ତ୍ୱଜ୍ଞ ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ସେ ଥିଲେ ଶୂନ୍ୟ ପରମ୍ପରାର ଉପାସକ । ସେହି ମହାନ ସାଧକ ସିଦ୍ଧ ପୁରୁଷ ଗୁରୁ ଶିଷ୍ୟର ପରମ୍ପରା ସୃଷ୍ଟିକରି ଲଉଡ଼ିଟୁଙ୍ଗୀ ଦ୍ୱାରା ଦ୍ୱାଦଶ ଗୋପାଳ ମାଧ୍ୟମରେ ଏକ ସାମାଜିକ ଓ ଆଧ୍ୟାତ୍ମିକ ସଂସ୍କାର ପାଇଁ ଉଦ୍ୟମ କରିଅଛନ୍ତି ।



Scanned by CamScanner

ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଆଦର୍ଶର ଅନୁଗାମୀ ଭାବରେ ବାବା ଶ୍ରୀଶ୍ରୀ ବୁଦ୍ଧନାଥ ଦାସ ଜଗତ୍‌ସିଂହପୁର ଜିଲ୍ଲାର ଗାରୋଇ ଠାରେ ଆଶ୍ରମ ପ୍ରତିଷ୍ଠା କରି ନିଜର ସାଧନା ଓ ପ୍ରତିଭାବଳରେ ସାମାଜିକ ଓ ଆଧ୍ୟାତ୍ମିକ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଅଛନ୍ତି । ଅଜ୍ଞତାର ଅନ୍ଧକାର ଦୂରୀଭୂତ କରି ମଣିଷ ହୃଦୟ ଭିତରେ ଜ୍ଞାନର ଦୀପ ଜାଳିବା, ଚେତନାର ଆଲୋକରେ ସମଗ୍ର ମାନବ ଜାତିକୁ ଆଲୋକିତ କରିବା, ଉତ୍କଳର ସୁନାମ ପ୍ରସିଦ୍ଧ ପଞ୍ଚକବି ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ତତ୍ତ୍ୱ ତଥା ଆଦର୍ଶକୁ ଜନସମାଜରେ ପ୍ରଚାର କରିବା ହେଉଛି ବାବା ଶ୍ରୀ ଶ୍ରୀ ବୁଦ୍ଧନାଥଦାସଙ୍କର ମହାନ ଲକ୍ଷ୍ୟ । ବାବାଙ୍କର ଏହି ତତ୍ତ୍ୱ ତଥା ଆଦର୍ଶ ହିଁ ବର୍ତ୍ତମାନ ବିପଥଗାମୀ ନୀତିଭ୍ରଷ୍ଟ ସମାଜକୁ ଉଦ୍ଧାର କରିବାର ଏକମାତ୍ର ପଥ । ବାବାଙ୍କର ତତ୍ତ୍ୱଦର୍ଶନ ଘଟିଛି । ତାଙ୍କ ମୁଖରୁ ଧର୍ମ, ଦର୍ଶନ, ଆଦର୍ଶ, ସାମାଜିକ ଚେତନା ସାଂସ୍କୃତିକ ଜିଜ୍ଞାସା ତଥା ଭବିଷ୍ୟତ ସଂପର୍କରେ ଯେଉଁ ମହାନ ତତ୍ତ୍ୱଗୁଡ଼ିକ ବିଭିନ୍ନ ସମୟରେ ସ୍ୱତଃସ୍ଫୁର୍ତ୍ତ ଭାବରେ ଆତ୍ମ ପ୍ରକାଶ କରିଛି ସେଗୁଡ଼ିକୁ ଏକାଠି କରି ପୁସ୍ତକ ଆକାରରେ ପ୍ରକାଶ କରିବା ନିମନ୍ତେ ମୁଁ ଜଣେ ସଂକଳକ ଭାବରେ ଗୁରୁଦାୟିତ୍ୱ ବହନ କରିଅଛି ମାତ୍ର । ପୁସ୍ତକର ନାମକରଣର ଉଦ୍ଦେଶ୍ୟ ଯାହାହେଉନା କାହିଁକି ତତ୍ତ୍ୱଗୁଡ଼ିକ ପାଠକ/ଶ୍ରୋତା ମନରେ ସାମାଜିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କରିବାକୁ ସମର୍ଥ ।ଚେତନାର ବିଷୟଟି ଅତି ବ୍ୟାପକ । ତାହାକୁ ଏଠାରେ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଭିତରେ ଆବଦ୍ଧ କରିବା କିମ୍ବା ନିର୍ଦ୍ଦିଷ୍ଟ ଅର୍ଥ କରି ବୁଝାଇବା ସମ୍ଭବ ନୁହେଁ । ତେବେ ଚେତନାଟିକୁ ଏକ ବୌଦ୍ଧିକ ବିଚାର ବୋଲି କୁହାଯାଇପାରେ । ଏପରି କହିବା ପଛରେ ଯୁକ୍ତିଟି ହେଉଛି ଯେ ସମାଜରେ ସାଧାରଣ ଜନତା ଯାହା ଅନୁଭବ କରେ ଜଣେ ସାଧକ-ତତ୍ତ୍ୱଜ୍ଞ-ଦିବ୍ୟଦ୍ରଷ୍ଟା ମହାପୁରୁଷ ଭିନ୍ନ ଭାବେ ତାହାକୁ ଅନୁଭବ କରିଥାନ୍ତି । ଏପରି ଅନୁଭବ ପଛରେ ଗୋଟିଏ ଶୃଙ୍ଖଳା କାମ କରୁଥାଏ । ଶୃଙ୍ଖଳା ପଛରେ ଥାଏ କେତୋଟି ସାଧାରଣ ଅନୁଚିନ୍ତା/ଅନୁଭୂତି । ଏହାକୁ ସାଧାରଣ ଲୋକ ଉପଲବ୍ଧ କରି ପାରନ୍ତି ନାହିଁ । ସେପରି ଅନୁଭୂତି ଗୁଡ଼ିକ ଅମୃତମୟ ଚେତନାରେ ଭରପୂର, ଯାହାକି ପ୍ରତ୍ୟେକଙ୍କ ହୃଦୟକୁ ଛୁଇଁ ଯାଏ । 'ଚେତନା'ର କାର୍ଯ୍ୟ ହେଉଛି ମଣିଷ ମନ ଭିତରେ ବିଚାର ଶକ୍ତିକୁ ଜାଗ୍ରତ କରାଇବା, ଅନୁଭବ ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ସର୍ବୋପରି ମନ ଭିତରେ ଅନୁଭୂତ ବିଷୟଗୁଡ଼ିକୁ ଦୃଢ଼ ଭାବରେ ଆଙ୍କିଦେବା । ଚେତନା ହିଁ ଏଦିଗରେ ଯଥାର୍ଥ ଭୂମିକା ଗ୍ରହଣ କରିପାରିଛି ବୋଲି ମନେହୁଏ । ସାଧାରଣ କଥାରେ ସରଳ ଭାଷା ଓ କଥୋପକଥନ



ଶୈଳୀରେ ଶ୍ରୀଳ ବାବା ଯେଉଁସବୁ ଆଧ୍ୟାତ୍ମିକ ଉପଦେଶ, ଦାର୍ଶନିକ ତତ୍ତ୍ୱ ଓ ସାମାଜିକ ବାର୍ତ୍ତା ପ୍ରଦାନ କରିଅଛନ୍ତି ଯଥାର୍ଥରେ ସେଗୁଡ଼ିକ ତାଙ୍କର ଅନ୍ତରାତ୍ମାର ଉପଲବ୍ଧି ଏବଂ ତଥାକଥିତ ସମାଜକୁ ପରିବର୍ତ୍ତନ କରିବା ପାଇଁ ଏବଂ ଚେତନାର ଜାଗରଣ ପାଇଁ ଉଦ୍ଦିଷ୍ଟ ।

ଅଜ୍ଞତାହିଁ ମନୁଷ୍ୟର ପରମ ଶତ୍ରୁ । ସେହି ଶତ୍ରୁର ବିନାଶ ନ ଘଟିଲେ ମନୁଷ୍ୟର ଗତି ମୁକ୍ତି ନାହିଁ । କାରଣ ତାହା ମନୁଷ୍ୟର ଦୈବୀ ଗୁଣକୁ ତଥା ମଣିଷପଣିଆକୁ ନଷ୍ଟ କରିଥାଏ । ମନୁଷ୍ୟ ହୃଦୟ ଭିତରେ ଦୈବୀ ପ୍ରକୃତି ଲୁକ୍‌କାୟିତ ଅବସ୍ଥାରେ ଥାଏ । ବାହ୍ୟ ଜଗତରେ ପରିପ୍ରକାଶ ନିମିତ୍ତ ଅହରହ ବାଟ ଖୋଜୁଥାଏ, ମାତ୍ର ଅଜ୍ଞତା କୁସଂସ୍କାର ତାର ପଥରୋଧକରେ । 'ଚେତନାର'ର କାମ ହେଉଛି ତାହାକୁ ବିନାଶ କରିବା ଏବଂ ଦୈବୀ ପ୍ରକୃତିର ପଥକୁ ପରିଷ୍କାର କରିବା । ଏହି ଚେତନାହିଁ ଏକ ପ୍ରୟାସ ମାତ୍ର । ଏହି ପ୍ରୟାସ ଭିତରେ ଆଧୁନିକ ପଥଭ୍ରଷ୍ଟ ମନୁଷ୍ୟକୁ ସଚେତନ କରାଇ ଦେବାକୁ ବାବା ଶ୍ରୀଶ୍ରୀ ବୁଦ୍ଧନାଥ ଦାସ ଚାହିଁଛନ୍ତି ।

ଏହି ଗ୍ରନ୍ଥରେ ସ୍ଥାନିତ ହୋଇଥିବା ୩୦ଟି ବିଷୟ ମଧ୍ୟରେ ଜୀବନର ସେହିଭଳି କଥା ଗୁଡ଼ିକ କୁହାଯାଇଛି- ଯେଉଁ ଗୁଡ଼ିକ ଆତ୍ମୋପଲବ୍ଧିର କଥା । ଯେପରି- 'ସତ୍ୟ-ପ୍ରେମ-ଧୈର୍ଯ୍ୟ' । ମହାପୁରୁଷ କୁହନ୍ତି-''ଈଶ୍ୱର ଭକ୍ତକୁ ଧୈର୍ଯ୍ୟର କଷଟି ପଥରରେ କଷନ୍ତି । ଗଡ଼େଇ ପଡ଼େଇ ଦେଖନ୍ତି । ଖାଣ୍ଟି ଥିଲେ ଖାଣ୍ଟି କଥା କହନ୍ତି । ଅଖାଣ୍ଟି ଥିଲେ ଅଖାଣ୍ଟି ଫଳ । ଈଶ୍ୱର କ'ଣ ସହଜରେ ମିଳନ୍ତି ? ମିଳନ୍ତି ସହଜରେ-ପ୍ରେମରେ-ସତ୍ୟରେ-ଧୈର୍ଯ୍ୟରେ । ସତ୍ୟର ସାଥୀ ଈଶ୍ୱର । ଈଶ୍ୱର ଏକ ଅଦ୍ୱିତୀୟ । ହଜାରେ କୋଟି ମାନବ ପାଇଁ ହଜାର କୋଟି ଈଶ୍ୱର ନାହାନ୍ତି । ସେଇ ରାମ, ସେଇ କୃଷ୍ଣ, ସେହିଁ ଜଗନ୍ନାଥ । ସୃଷ୍ଟିର ସମଗ୍ର ମାନବ ଭାଇଭାଇ । ଗୋଟିଏ ପିତାର କୋଟିଏ ସନ୍ତାନ । xxxxx ସବୁଠାରେ ଈଶ୍ୱର ଅଛନ୍ତି । ତୁ ତାଙ୍କୁ ଦେଖି ପାରୁନୁ ଆଖିଥାଇ । ମାତ୍ର ସେ ସମଗ୍ର ସୃଷ୍ଟିକୁ ଦେଖୁଛନ୍ତି ଅପଲକ ନୟନରେ, ଚକା ଆଖିରେ ।'' ସେହିପରି 'ହେ ମନୁଷ୍ୟ ପ୍ରେମକର' ବିଷୟରେ କୁହନ୍ତି-''ଉଦ୍ୟାନ ଭରା ଫୁଲ । ସାରା ବିଶ୍ୱରେ କେତେ ଫୁଲ ଉଦ୍ୟାନ । ଅଗଣିତ ଫୁଲ । ଅଗଣିତ ପାଖୁଡ଼ା । ଅମାପ ତାର ରସ-ସୌନ୍ଦର୍ଯ୍ୟ । ଅଗଣିତ ନାରୀ ପୃଥିବୀର ଗୋଟିଏ ଗୋଟିଏ ଫୁଟିଲା ଫୁଲ ' xxxxx ସବୁଫୁଲର ଭାଗ୍ୟ ଏକାପରି ନୁହେଁ । ମହୁମାଛି ଓ ଭଅଁରମାନେ ଗୁଣୁଗୁଣୁ ତାନରେ ଫୁଲର



Scanned by CamScanner

ଏକନିଷ୍ଠ ମନକୁ ଭାଙ୍ଗି ଦିଅନ୍ତି । ଫୁଲ କୁହେ-ତୁମେ ମୋତେ କିଛି କୁହନା । ଭଅଁର କୁହେ-ଏକମାତ୍ର ତୁମକୁ ମୁଁ କହିବାକୁ ଆସିଛି । ଉଦ୍ୟାନ ମୋର । ଫୁଲ ବି ମୋର । ମୁଁ ଆସିବି ଫୁଲପାଇଁ । ଫୁଲ ଫୁଟିବ ମୋ ପାଇଁ । ମୋ ଭିତରେ ଫୁଲ ଓ ଫୁଲ ଭିତରେ ମୁଁ । ମୋ ଭିତରେ ମୁଁ, ମୋ ଭିତରେ ମଣିଷ ଏବଂ ମଣିଷ ଭିତରେ ମୁଁ । ବୁଢ଼ୀଆଣି ଜାଲ ଭିତରେ ଛନ୍ଦିହେଲା ଭଳି ମୁଁ ମୋ ଭିତରେ ବନ୍ଦୀ ହୋଇଅଛି । ସେ ବନ୍ଧନ ଫିଟିବ ଏକମାତ୍ର ଭାବରେ-ପ୍ରେମରେ । ତେଣୁ ହେ ମନୁଷ୍ୟ ପ୍ରେମକର । ଆନନ୍ଦ ଲାଭ କର । ଆନନ୍ଦ ଭିତରେ ମୁଁ ଅଛି, ମୋ ଭିତରେ ଶ୍ରେଷ୍ଠ ଆନନ୍ଦ ରହିଛି । ଏଣେତେଣେ ବୁଲନା କସ୍ତୁରୀ ମୃଗପରି ।''

ଅହଂକାର ହେଉଛି ମଣିଷର ବଡ ଶତ୍ରୁ । ଅନେକ ଲୋକ ଜ୍ଞାନୀ, ପାଠୁଆ, ସାଧୁ ସନ୍ଥ ନିଜର ଅଳ୍ପଜ୍ଞାନ ଗୁଣକୁ ନେଇ ଆତ୍ମବଡ଼ିମା ପ୍ରକାଶ କରିଥାନ୍ତି । ସେମାନେ ଭାବନ୍ତି ନାହିଁ ଯେ ସେମାନଙ୍କ ଠାରୁ ଆହୁରି ବେଶି ଜ୍ଞାନୀ ଗୁଣୀ ଥାଇ ପାରନ୍ତି । ଅଳ୍ପବିଦ୍ୟା ଭୟଂକରୀ ସଦୃଶ ସଂକୀର୍ଣ୍ଣତାର ଗଣ୍ଡି ଭିତରେ ସେମାନେ ନିଜକୁ ବିରାଟ ମନେ କରନ୍ତି ଓ ନିଜର ସ୍ଥିତିକୁ ଆହୁରି କିଛି ଗ୍ରହଣ କରିବା ଅବସ୍ଥାରେ ନଥାନ୍ତି । ପଞ୍ଚସଖାର ଅନ୍ୟତମ ମହାପୁରୁଷ ସିଦ୍ଧଯୋଗୀ ଜଗନ୍ନାଥ ଦାସ ଭାଗବତରେ କପୋତ ପକ୍ଷୀ,ସର୍ପ,ମହୁମାଛି, ପ୍ରଭୃତିଙ୍କୁ ଗୁରୁକରି ସେମାନଙ୍କଠାରୁ ନୀତିଶିକ୍ଷା ଗ୍ରହଣ କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି । ବାବା ଏହିଭଳି ବ୍ୟକ୍ତିମାନଙ୍କୁ ସତର୍କ କରାଇ ଦେଇ କୁହନ୍ତି-''ଦେବତା ଗୁରୁ ରୂପରେ ଆଶୀର୍ବାଦ ଦିଅନ୍ତି । ଭାବ ସରଳ ହେଲେ, ମନ ଆନନ୍ଦ ହେଲେ ଦୁଃଖ ନାଶ ଯାଇ ସୁଖ ଆସେ । ପରମ ପୁରୁଷ ଗୁରୁ ରୂପରେ ଶିଷ୍ୟର ଅଜ୍ଞାନତାକୁ ନାଶ କରନ୍ତି । ଅଜ୍ଞାନ ନାଶ ପାଇଁ ଗୁରୁନାମ ମହାମେରୁ ସଦୃଶ । ସୂର୍ଯ୍ୟ ନଥିଲେ ଯେପରି ସାରାଜଗତ ଅଂଧକାରରେ ପରିପୂର୍ଣ୍ଣ ହୁଏ । ସେପରି ଗୁରୁ ନଥିବା ବ୍ୟକ୍ତିର ଜୀବନ ଘୋର ଅଂଧକାର (ପ୍ରକୃତ ମଣିଷ) ।'' ସେହିପରି 'ସତ୍ୟ ଓ ଗୁରୁ ପ୍ରେମ' ରେ କୁହନ୍ତି - ''ପରମବ୍ରହ୍ମ ସତ୍ତା ଲାଭ କରିବାକୁ ହେଲେ ପରମପ୍ରେମ ସହିତ ଭାବ ଆଦାନ ପ୍ରଦାନ କରିବାକୁ ହେବ । କାଇଁଚ ସିନା ଦେଖିବାକୁ ସୁନ୍ଦର ତାହା କିନ୍ତୁ ପଙ୍କରେ ନାଶ ହୋଇଯାଏ । ଦେହ ଯୌବନ ଜୀବନ ସବୁ ସୁନ୍ଦର । କଳଙ୍କ ଲାଗିଲେ କାଇଁଚ ସଦୃଶ ନାଶଯାଏ । ପ୍ରେମ କିନ୍ତୁ ଅକଳଙ୍କ । ପ୍ରେମ ସହିତ ଈଶ୍ୱରଙ୍କର ସଂପର୍କ ଆମୂଳ । ପ୍ରେମର ବନ୍ଧନ ସହଜରେ ଛିଡ଼େ ନାହିଁ । ପ୍ରେମର ପରିଚୟ ପାଇବାକୁ ହେଲେ ପ୍ରଥମେ ସତ୍ୟ ଲୋଡ଼ା । ସତ୍ୟକୁ ପାଇବାକୁ ହେଲେ ଦିନରାତି



ମିଥ୍ୟା ସଂଗରେ ସଂଘର୍ଷ କରିବାକୁ ପଡ଼ିବ ।----- ତୁମର ଦେହ ପ୍ରାଣ ବିଜୁଳି ସଦୃଶ । କେଉଁ ମୁହୂର୍ତ୍ତରେ ଆସି କେଉଁ ମୁହୂର୍ତ୍ତରେ ଚାଲିଯିବ । କିନ୍ତୁ ପ୍ରେମ, ଅକ୍ଷୟ ଅନନ୍ତ । ତାର ମୃତ୍ୟୁ ନାହିଁ । ତାକୁ ପାଇବାକୁ ଗୁରୁ ଦରକାର । ଗୁରୁ ହିଁ ସାକ୍ଷାତ୍ ପରମବ୍ରହ୍ମ । ସର୍ବ ଶରୀରରେ ସେ ବିଦ୍ୟମାନ । ସେ ଅଚ୍ୟୁତ । ଯିଏ ଚ୍ୟୁତ ହୋଇ ପାରିନାହାନ୍ତି । ସିଏ ଅନଙ୍ଗ । ଅନଙ୍ଗ ସହ ବନ୍ଧୁ କଲେ ବନ୍ଧନରୁ ମୁକ୍ତ ହେବ । ସେ ବନ୍ଧନର ଅନ୍ୟନାମ ଆନନ୍ଦରଜ୍ଜୁ । ଯେଉଁଥିରେ ଭକ୍ତ ଭଗବାନକୁ ବାନ୍ଧିବାକୁ ସକ୍ଷମହୁଏ ।''

ବାବା କେବଳ ଧର୍ମ, ସଂସ୍କୃତି, ଦର୍ଶନ କୁ ଧରି ତାଙ୍କର ଦିବ୍ୟାମୃତ ବିଚାର ଉପସ୍ଥାପନ କରିନାହାଂତି ଅପରନ୍ତୁ ସାଧାରଣ ପାଠକଙ୍କର କୌତୂହଳ ପାଇଁ ସେ ସନାତନ ଧର୍ମର ସହିଷ୍ଣୁତାକୁ ଇତିହାସର ପୃଷ୍ଠଭୂମିରେ ବିଚାର କରିଛନ୍ତି । ଧର୍ମ ଏକ ବିଶ୍ୱାସ କେବଳ ନୁହେଁ, ତାହା ଏକ ଆଚରଣ-ଏକ ସମ୍ମୁନ୍ନତ ସାମାଜିକ ଆଚରଣ ମଧ୍ୟ । ଧାର୍ମିକ ମୌଳବାଦକୁ ନେଇ ପୃଥିବୀରେ ନାନା ଅଘଟଣ ତଥା ବର୍ବରୋଚିତ ଅମାନୁଷିକତା ଘଟି ଚାଲିଛି । ସନାତନ ଧର୍ମରେ ଏପରି ଆଚରଣର ସ୍ଥାନ ନାହିଁ । ଏହାର ଲକ୍ଷ୍ୟ ହେଉଛି ସମଗ୍ର ମାନବର ଜୟଗାନ । ସମଗ୍ର ପୃଥିବୀ ଗୋଟିଏ କୁଟୁମ୍ବ ଭଳି-''ବସୁଧୈବ କୁଟୁମ୍ବକମ୍'' । ଧର୍ମକୁ ଆଚରଣର ମାର୍ଗ ରୂପେ ବିଚାର କରାଯାଇ ପାରିଲେ ମଣିଷ ଭିତରୁ ଅଜ୍ଞତା, ଅନ୍ଧକାର, ଅହଂକାର ପ୍ରଭୃତି ଆସୁରିକ ଭାବ ଦୂରେଇଯିବ । ଆଜିର ତଥାକଥିତ ମଣିଷ ଅସାମାଜିକ ଅହଂସର୍ବସ୍ୱ ହୋଇ ଉଠୁଥିଲା ବେଳେ ଯଥାର୍ଥ ଧର୍ମ ତାକୁ ଭଲ ମଣିଷଟିଏ କରିପାରିବ ଯାହାକି ମହାପୁରୁଷଙ୍କର 'ଚେତନା' ଭିତରେ ପରିଲକ୍ଷିତ ହୋଇଛି । କେବଳ ସେତିକି ନୁହେଁ ଏହା ଭିତରେ ରହିଛି ସାରା ଜଗତକୁ ଅବିଦ୍ୟା, ଆଳସ୍ୟ, ହିଁସା, ଅଜ୍ଞାନ ତିମିରରୁ ମୁକ୍ତ କରି ସତ୍ୟ, ଧର୍ମ, ପବିତ୍ରତା, ବିଶ୍ୱାସର ବାତାବରଣ ଓ ସାମାଜିକ ସଂହତି ପ୍ରତିଷ୍ଠା କରିବା ତଥା ମନୁଷ୍ୟକୁ ସରଳ, ନମ୍ର, ନିଷ୍କପଟ, ସ୍ପଷ୍ଟବାଦୀ, କର୍ମଠ, ଦୟାଳୁ, ସମଦୃଷ୍ଟି, ନିର୍ଲୋଭ ଓ ପ୍ରେମପୂର୍ଣ୍ଣ ହୃଦୟକରି ଗଢି ତୋଳିବା ।

ଯୁଗେଯୁଗେ ମହାପୁରୁଷ ସାଧୁସନ୍ଥ ମାନେ ସମାଜର ଯେଉଁ ଆବଶ୍ୟକତା ପୂରଣ କରିଯାଇଛନ୍ତି, ସାଧୁ ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସ ମଧ୍ୟ ସେହି ଆବଶ୍ୟକତା ପୂରଣ କରିବାରେ ବ୍ରତୀ ଓ ସମର୍ଥ ଅଛନ୍ତି । ତାଙ୍କଭଳି ମହାମାନବ ସନ୍ଥପୁତ୍ରକୁ ଲାଭକରି ଉତ୍କଳ ଜନନୀ ଗୌରବାନ୍ୱିତ ହୋଇଅଛି । ତାଙ୍କରି ପଦାଙ୍କ ଆଜିର ସମାଜରେ ଲକ୍ଷଲକ୍ଷ ଭକ୍ତମାନଙ୍କ ଦ୍ୱାରା ଅନୁସୃତ ହେଉଅଛି ଏବଂ ଯାବତ୍ ଚନ୍ଦ୍ରାର୍କେ



Scanned by CamScanner

ଲକ୍ଷଲକ୍ଷ ଭକ୍ତମାନେ ତାଙ୍କ ପଦାଙ୍କ ଅନୁସରଣ କରିବେ ଏଥିରେ ସନ୍ଦେହ ନାହିଁ । ଶ୍ରୀଳ ବାବାଙ୍କର ଆଧ୍ୟାତ୍ମିକତାର ଉଜ୍ଜ୍ୱଳ ଆଲୋକ ଚିରକାଳ ଧରି ଏହି ଉତ୍କଳ ଭୂମିକୁ ତଥା ସମଗ୍ର ଭାରତବର୍ଷ ଓ ବିଶ୍ୱକୁ ଆଲୋକିତ କରି ରଖିବ ଏଥିରେ ସନ୍ଦେହ ନାହିଁ । ଏହି ଅକିଞ୍ଚନ ଦୀନହୀନ ସଂକଳକ ବାବାଙ୍କର ସାମାନ୍ୟତମ କାର୍ଯ୍ୟରେ ନିୟୋଜିତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଅଛି ।

ଏହି ପୁସ୍ତକର ଅନ୍ତରାଳରେ ଯେଉଁମାନଙ୍କର ଆଶୀର୍ବାଦ ସାହାଯ୍ୟ ସହଯୋଗ ଭୁଲି ହୁଏ ନାହିଁ ସେମାନଙ୍କର ମଧ୍ୟରେ ପୂଜ୍ୟ ଗୁରୁ ପ୍ରଫେସର ଡ଼କ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ, ଡଃ. ନଟବର ଶତପଥୀ, ଡଃ. ଧନେଶ୍ୱର ମହାପାତ୍ର, ଡଃ. ବୈଷ୍ଣବ ଚରଣ ସାମଲ, ଡଃ. ରତ୍ନାକର ଚଇନି, ଡଃ. ଦାଶରଥୀ ଦାସ, ଶ୍ରୀ କାର୍ତ୍ତିକ ଚନ୍ଦ୍ର ଦାସ, ଶ୍ରୀ ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ପ୍ରଧାନ । ସେମାନଙ୍କୁ ମୋର ହୃଦୟର ଗଭୀର ପ୍ରଣାମ ଜଣାଉଛି । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପ୍ରତାପରୁଦ୍ର ପଟ୍ଟନାୟକ, ଶ୍ରୀ ବେଣୁଧର ମହାନ୍ତି, ଶ୍ରୀ ପ୍ରଶାନ୍ତ କୁମାର ପ୍ରାଣିଗ୍ରାହୀ, ଶ୍ରୀ କାହ୍ନୁ ଚରଣ ନାୟକ, ଶ୍ରୀ ଲିଙ୍ଗରାଜ ନାୟକ,ଶ୍ରୀ ହରେକୃଷ୍ଣ ବେହେରା, ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀ ଲୋକନାଥ ଦାସ, ଶ୍ରୀ ଖଡ଼ୁ ପରିଡ଼ା, ଶ୍ରୀ ଯୋଗେନ୍ଦ୍ର ନାଥ ଜେନା, ଶ୍ରୀ ଉପେନ୍ଦ୍ର କୁମାର ମହାନ୍ତି, ଶ୍ରୀ ଅମୂଲ୍ୟ କୁମାର ମାହାନ୍ତି, ସାଥୀ ଶ୍ରୀ ବିଜୟ କୁମାର ମହାପାତ୍ର, ଶ୍ରୀ ପ୍ରଶାନ୍ତ କୁମାର ବେହେରା, ଶ୍ରୀ ଚନ୍ଦ୍ରକାନ୍ତ ପରିଡ଼ା, ଶ୍ରୀ ସୁବାସ ଦାସ, ଅଧ୍ୟାପକ ବିଜୟ କୁମାର ରାଉତ , ଡଃ. କ୍ଷିରୋଦ କୁମାର ସାହୁ ପ୍ରମୁଖ ବିଦ୍ୱାନ୍ ଓ ଗୁଣି ସବୁମନ୍ତେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମୋ ହୃଦୟର ଗଭୀର କୃତଜ୍ଞତା ଜଣାଉଛି ।

ଯାହାଙ୍କ ଯୋଗୁ ଉକ୍ତ ପୁସ୍ତକଟି ଲୋକଲୋଚନକୁ ଆସିପାରିଲା ସେ ହେଉଛନ୍ତି ମୋର ଚିର ନମସ୍ୟା ପ୍ରକାଶିକା ଝୁନା ମାଉସୀ । ତାଙ୍କର ପ୍ରେରଣାକୁ ପାଥେୟକରି ବାବାଙ୍କର ଏତେ ବଡ଼ କାର୍ଯ୍ୟରେ ମୁଁ ଆଗେଇ ପାରିଛି । ତାଙ୍କୁ ମୋ ହୃଦୟର ପ୍ରଣାମ ଜଣାଉଛି । 'ବିଜୟନୀ ପବ୍ଲିକେସନ୍ସ' କଟକର ସତ୍ତ୍ୱାଧିକାରୀ ଶ୍ରୀଯୁକ୍ତ ଦିଲୀପ କୁମାର ବେଉରାଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁ ଉକ୍ତ ପୁସ୍ତକଟି ଅଳ୍ପ ସମୟ ମଧ୍ୟରେ ପ୍ରକାଶ ପାଇପାରିଛି । ତେଣୁ ମୁଁ ତାଙ୍କୁ ମୋ ହୃଦୟର ସାଧୁବାଦ ଜଣାଉଛି ।     ।। ଇତି ।।

ବିନୀତ,

୨୦-୧୨-୨୦୦୧ କଟକ

ଡଃ. ଶିବ ପ୍ରସାଦ ଦଳାଇ



## *ପ୍ରକାଶିକାଙ୍କ କଲମରୁ ...*

"ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରି
ଯତ୍‌କୃପା ତମହଂ  ବନ୍ଦେ ପରମାନନ୍ଦ ମାଧବଂ" ।

ଆଜକୁ ପ୍ରାୟ ଏଗାର ବାର ବର୍ଷ ତଳେ ମୋର ପୂଜ୍ୟ ଜଗଦ୍‌ବନ୍ଧୁ ବାବାଙ୍କ ସହ ଦେଖାହୁଏ । ବାବା ଗାଇବା ଆରମ୍ଭ କଲେ ଘଣ୍ଟା ଘଣ୍ଟା ବିତିଯାଏ ଆଉ କହିବା ଆରମ୍ଭ କଲେ ଘଣ୍ଟା ଘଣ୍ଟା ଚାଲିଯାଏ । ବାବାଙ୍କର ପ୍ରତିଟି ଶବ୍ଦ ପ୍ରାଣସ୍ପର୍ଶୀ, ଅମୃତମୟ, ଶିକ୍ଷଣୀୟ । ମୋ ଭିତରେ ଆଶାର ଝଲକଟିଏ ଉକୁଟି ଉଠେ । ଏ ସବୁକୁ ଧରି ରଖି ହୁଅନ୍ତା ନାହିଁ ! ଅନେକ ଥର ଚେଷ୍ଟା କରି ବିଫଳ ହେଲି, ମୋ ଜାଣିବାରେ ବାବାଙ୍କ ଅଜ୍ଞାତରେ ହେଲେ ସବୁଶବ୍ଦ ଶୂନ୍ୟରୁ ଆସି ଶୂନ୍ୟରେ ମିଳେଇ ଯାଉଥାଏ । ଖାଲି ମୋ ଭିତରେ ମୁଁ ଯାହା କଷ୍ଟ ପାଉଥାଏ । ଦିନେ ବାବା ମୋତେ କହିଲେ-"ଧରା ନଦେଲେ ତୁ କଣ ଧରି ପାରିବୁ ? ଶୂନ୍ୟରୁ ଆସି ଶୂନ୍ୟକୁ ଚାଲିଯିବ ସେ ।" ମୋ ଭୁଲ୍‌କୁ ମୁଁ ବୁଝିପାରିଲି । ଅନ୍ତର୍ଯ୍ୟାମୀଙ୍କୁ କୋଉ କଥା ଅବା ଅଜଣା । ତଥାପି ହୃଦୟ ଭିତରେ ଶବ୍ଦ ଧରିବାର ଅଦମ୍ୟ ଇଚ୍ଛା ଶେଷ ହୋଇନଥାଏ ।

ଏ ଭିତରେ ଅନେକ ଦିନ ବିତିଗଲା । ବାବା ମତେ କିଛି ଲେଖା ଖାତା ଦେଇ କହିଲେ, ' ଭଲ ଅକ୍ଷରରେ ଏହାକୁ ଉତାରି ଦେବୁ' । ମତେ ବହୁତ ଖୁସି ଲାଗିଲା । ଖାତା ଧରି ଘରକୁ ଫେରିଲି । ହେଲେ ଜାଣି ନଥିଲି ଖାତା ସହ ଏତେ ପରୀକ୍ଷାର ବନ୍ଧ ମୋ ପାଇଁ ବନ୍ଧା ବୋଲି । ଗୋଟିଏ ଖାତାବି ସଂପୂର୍ଣ୍ଣ ଉତାରି ପାରିଲି ନାହିଁ । ଅନେକ ଦିନ ପୂଜା ଘରେ ରଖିଲା ପରେ ଦିନେ ବାବା ଖାତାସବୁ ଫେରାଇ ନେଲେ । ନିଜ ଉପରେ ମୋର ନିଜର ଅନେକ ଅଭିମାନ ଆସିଲା ନିଜର ଅଯୋଗ୍ୟ ପଣିଆ ପାଇଁ ।  ହେଲେ ଅନୁଭବ କରି ଦେଖିଲି ବାବାଙ୍କର



Scanned by CamScanner

ପାଣ୍ଡୁଲିପିର ରହଣି ଅନେକ ସାନ୍ତ୍ୱନା ଦେଉଥିଲା ମୋର ବିପଦ ସମୟରେ ।

ବର୍ଷ ବର୍ଷ ବିତିଗଲା । ଭିତରେ ଅନେକ ଇଚ୍ଛା ଥିଲେବି ସାକାର ହେବାର ଧାରା ମୋତେ ମିଳୁନଥିଲା । ମୋ ଭିତରେ ମୁଁ ପ୍ରତି ମୁହୂର୍ତ୍ତରେ ଖୋଜି ଚାଲିଥାଏ- 'ଏମିତି କେହି ଆସନ୍ତା ନାହିଁ, ଯିଏ ବାବାଙ୍କର ପ୍ରତିଟି ଶବ୍ଦ ଧରି ରଖିପାରନ୍ତା, ଆଉ ଲୋକ ଲୋଚନକୁ ଆଣି ପାରନ୍ତା' । ଏହି ମାନସିକତାରେ ମୁଁ କେତେ ଝୁଣ୍ଟିଲି, କ୍ଷତ ବିକ୍ଷତ ହେଲି । ତଥାପି ଇଚ୍ଛା ମୋ ଭିତରୁ ଶେଷ ହୋଇନଥିଲା । କେତେକାହାକୁ ଭେଟିଲି, ଅନେକ ଆଶାରେ ବାବାଙ୍କ ପାଖକୁ ଟାଣି ନେଲି ହେଲେ ପ୍ରଭୁଙ୍କର ଇଚ୍ଛା ନହେଲେ ମୁଁ କ'ଣ କରି ପାରନ୍ତି । ଦିନେ ଦେଖିଲି ବାବାଙ୍କର ମୁଖ ନିଃସୃତ କେତେକ କବିତା ଗୁଡ଼ିକ 'ଭକ୍ତି ତରଙ୍ଗ' ଆକାରରେ ପ୍ରକାଶିତ ହେବାକୁ ଯାଉଛି । ସଂଗ୍ରାହକ ଥିଲେ ଶ୍ରଦ୍ଧେୟ ଶିବ ଓ ବିଜୟ । ମୋର ଖୁସିର ସୀମା ରହିଲା ନାହିଁ । ବାବାଙ୍କ ଲେଖାର ଅଗାଧ ସମୁଦ୍ର ଭିତରୁ 'ଭକ୍ତି ତରଙ୍ଗ' ବିନ୍ଦୁଟିଏ ମାତ୍ର । ବିନ୍ଦୁରେ ବିନ୍ଦୁଟିଏ ଯୋଡ଼ା ହେବାର ଇଚ୍ଛା ପୁଣି ମୋ ଭିତରେ ଲଟେଇଲା । ଏ ଥିଲା ୨୦୦୦ ମସିହା ଡ଼ିସେମ୍ବର ମାସର ଘଟଣା । ଶିବ ଓ ବିଜୟଙ୍କ ପାଖରେ ବାବାଙ୍କର ଆହୁରି ଅନେକ ଖାତା ରହିଥିଲା । ଏହା ଭିତରେ ବିଜୟ ବମ୍ବେ ଚାଲିଯିବାରୁ ତା ପାଖରେ ଥିବା ଖାତା ଗୁଡ଼ିକୁ ବାବା ମୋତେ ଆଣିବା ପାଇଁ କହିଲେ । ବିଜୟ ରହୁଥିବା କଟକ ଘରେ ଖାତାଗୁଡ଼ିକ ଥିଲା । ଏହି ସମୟରେ ପ୍ରଳୟଙ୍କରୀ ବର୍ଷା ଓ ବନ୍ୟା ଦ୍ୱାରା ଖାତାଗୁଡ଼ିକ ନଷ୍ଟ ହେବାର ସନ୍ଦେହ ମୋ ମନରେ ଉଙ୍କି ମାରିଲା । ବିଜୟର ଅନୁପସ୍ଥିତିରେ ଶିବ ଦ୍ୱାରା ଖାତା ଅଣାଇଲି । ବଡ଼ ଆଶ୍ଚର୍ଯ୍ୟର କଥା ବର୍ଷାରେ ଅନ୍ୟାନ୍ୟ ଜିନିଷ ପତ୍ର ନଷ୍ଟ ହୋଇଥିଲେବି ବାବାଙ୍କର ଖାତା ଗୁଡ଼ିକ ଅକ୍ଷତ ରହିଥିଲା । ଖାତାଗୁଡ଼ିକ ମୁଁ ପାଇଲା ପରେ ମୋର ଆନନ୍ଦର ସୀମା ରହିଲା ନାହିଁ । ଏହା ଭିତରେ ଶିବ, ବାବାଙ୍କର ଦୁଇ ଖଣ୍ଡ ବହିର ପାଣ୍ଡୁଲିପି ପ୍ରସ୍ତୁତି କରିଥିଲା ବୋଲି ମୋତେ କହିବାରୁ ମୁଁ କଟକ ଯାଇ ବାବାଙ୍କୁ ଏ ବିଷୟରେ ଜଣେଇଲି । ବାବା କହିଲେ -' ଏ ସବୁରେ ମୋର ମନ ନାହିଁ । ଭାବୁଛୁ ଯଦି କାକଟପୁର ଯାଇ ପୋଥିରେ ପ୍ରଶ୍ନ କରିବୁ । ' ପୋଥିରେ ମୁଁ ପ୍ରଶ୍ନ ପଚାରିଲି ଏବଂ ଠାକୁରଙ୍କ ପାଣ୍ଡୁଲିପି ପୁସ୍ତକ ଆକାରରେ ପ୍ରକାଶିତ ହେବାପାଇଁ ଅନୁମତି ମିଳିଲା । ତାଙ୍କ ଜୀବନ ସଂମ୍ପର୍କରେ ଯେଉଁ ପୁସ୍ତକ ହେବ ତାର ନାମ ହେବ 'ଜୀବନ ଜ୍ୟୋତି'



ଏବଂ ବାବାଙ୍କର ବାଣୀ ବହିର ନାମ ହେବ 'ଚେତନା' । ଏହି ଚେତନା ଉପରେ ରହିବ ଉଦିତ ସୂର୍ଯ୍ୟର ଛବି । ବାବାଙ୍କୁ ଏକଥା ଜଣେଇଲି ଏବଂ ଭିକ୍ଷା ଦ୍ୱାରା ଅର୍ଥ ସଂଗ୍ରହ କରି ଉକ୍ତ ପୁସ୍ତକକୁ ପ୍ରକାଶ କରିବା ପାଇଁ ସମ୍ମତି ପାଇଲି । ଯାହାଙ୍କୁ ଭିକ୍ଷା ମାଗିଲି ସେମାନେ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ । ଭାରି ଖୁସି ଲାଗିଲା । ମନର ବଳ ବଢ଼ିଗଲା । ବାବା ଯଜ୍ଞ କରୁଥିବା ସମୟରେ ଗାରୋଇ ପୀଠରେ କେବଳ 'ଭକ୍ତି ତରଙ୍ଗ' ବହି ବ୍ୟତୀତ ଅନ୍ୟ ବହି କିଛି ନଥିଲା । କିନ୍ତୁ ଲୋକଙ୍କର ବହି କିଣିବାର ଆଗ୍ରହ ମୁଁ ଲକ୍ଷ୍ୟ କରିଥିଲି । ତେଣୁ ବାବାଙ୍କ ବିଷୟରେ ବହି ପ୍ରକାଶ କରିବାର ଲୋଭକୁ ସମ୍ବରଣ କରି ପାରିଲି ନାହିଁ । ବହି ପ୍ରକାଶ କରିବା ପାଇଁ ମୁଁ ପ୍ରଥମେ ଯାହାଙ୍କୁ ଫୋନ୍ କଲି ସେ କହିଲେ 'ଝୁନା ! ବ୍ୟସ୍ତ ହେବ ନାହିଁ ମୋ ଟଙ୍କାଟା ତୁମ ପାଖରେ ପହଞ୍ଚିଯିବ । ଦ୍ୱିତୀୟ ଜଣକ କହିଲେ ମୁଁ କଟକରେ କାହା ପାଖରେ ଦେଇଦେଲେ ତମେ ପାଇଯିବ, ମତେ କୁହ । ତୃତୀୟ ଜଣକ କହିଲେ ବାବାଙ୍କ ବହି ପାଇଁ ବେଶୀ ଥର କାହାକୁ ମାଗ ନାହିଁ । ଯାହା ଟଙ୍କା ଦରକାର ମୋ ଠାରୁ ନେଇ ବହି ଛପାଅ, ପଇସା ଆସିଲେ ଫେରାଇ ପାର । ଦୁଇ ଚାରି ହଜାର କମ୍ ପଡ଼ିଲେ ମୋ ଠାରୁ ଆଡ୍‌ଜଷ୍ଟ କର । ବାବାଙ୍କ ବାଣୀ ଲୋକଙ୍କ ପାଖରେ ପହଞ୍ଚୁ । ଟଙ୍କା ପାଇଁ ଚିନ୍ତା କରିବ ନାହିଁ । ପାରିବ ଯଦି ଦୁଇ ଚାରି ପୃଷ୍ଠାର ମାଗାଜିନ୍ ପବ୍ଲିସ୍ କର ଭଲ ହେବ । ଚତୁର୍ଥରେ ଯାହାଙ୍କୁ ମନେପକାଇ ଦେବାକୁ ଫୋନ୍ କଲି ସେ କହିଲେ ଭାଉଜ ! ବାବାଙ୍କ ଲେଖାତ, କେତେ ଖଣ୍ଡ ବହି - ଯାହା ଲାଗିବ ନେଇଯାଅ । ମୁଁ ଖୁସିରେ ଫାଟି ପଡ଼ିଲି । ଅନେକ ଦିନରୁ ମୋ ଭିତରେ ସାଇତା ଇଚ୍ଛା ସାକାର ହେବାକୁ ଯାଉଛି । ଏତେ ଦିନର ଏତେ ଦୁଷ୍ଚିନ୍ତା ଯେମିତି ନିମିଷକରେ ଉଭେଇ ଗଲା । ବାବାଙ୍କ ଫଟୋ ପାଖରେ ଠିଆ ହେଲି । ଏତେ ଖୁସିରେ କିଛି କହି ପାରିଲି ନାହିଁ । ଉଚ୍ଛୁଳା ଆନନ୍ଦରେ ତାଙ୍କ ପାଦ ତଳେ ମୁଣ୍ଡ ମୋର ନଇଁ ଗଲା । ମନ ଭିତରେ ଆସିଲା ଶବ୍ଦ କିଛି- 'ମୂକଂ କରୋତି ବାଚାଳଂ.....'

ଛାର ମଣିଷଟାଏ ମୁଁ । ମୋ କଥାର କି ମୂଲ୍ୟ ? କାହାରି ପାଖରେ ପହଞ୍ଚିବାର ସାଧନ ମୋର ନାହିଁ । ଅଳ୍ପ କେତେଜଣଙ୍କୁ ମାତ୍ର ଜଣାଇ ପାରିଛି । ବାବାଙ୍କର ସବୁ ଭକ୍ତମାନଙ୍କୁ ଏ ବିଷୟରେ ମୁଁ ଜଣାଇ ପାରି ନାହିଁ । ମାତ୍ର ବାବାଙ୍କ



Scanned by CamScanner

ପାଇଁ ସବୁ ଶିଷ୍ୟ ଆଗ୍ରହ ଦେଖି ମୁଁ ନିଜକୁ ଧନ୍ୟ ମଣୁଛି । ସାହିତ୍ୟର 'ସ' ଅକ୍ଷର ଜଣା ନଥିବା ଜୀବନଟାଏ ମୁଁ । ନା ମୋତେ ଭାବ ଜଣା, ନା ମତେ ଭାଷା ଜଣା । ଶବ୍ଦ ବାନ୍ଧିବାର ଶୈଳୀବି ମତେ ଜଣା ନାହିଁ । କେମିତି ମୋ ଭିତରର କୃତଜ୍ଞତା ଜଣାଇବି ଶବ୍ଦ ଖୋଜି ପାଉନାହିଁ । କିଛି ନଜାଣି ସମୁଦ୍ର ଭିତରକୁ ଡେଇଁ ପଡ଼ିଛି ମୁଁ । ଅଥଳ ସମୁଦ୍ରରେ ଉବୁଡୁବୁ ହୋଇ ଆଖି ନାକରେ ପାଣି ପଶିଗଲା ବେଳେ ଯାହାଙ୍କର ଅଖଣ୍ଡ ଆଶୀର୍ବାଦ ମୋତେ କୂଳକୁ ଟାଣି ଆଣିଛି, ସେହି ପରମ ପୂଜ୍ୟ ବାବାଙ୍କ ପାଦତଳେ କୋଟି ପ୍ରଣାମ ଜଣାଉଛି । 'ଚେତନା'ର ଅଗଣିତ ପାଠକ ପାଠିକା, ବାବାଙ୍କର ଶିଷ୍ୟ/ଶିଷ୍ୟା ଓ ଭକ୍ତବୃନ୍ଦଙ୍କ ମଙ୍ଗଳ ପାଇଁ ପ୍ରଭୁ ଅଚ୍ୟୁତଙ୍କ ପଦ୍ମ ପାଦରେ କାମନା କରୁଛି । ଯେଉଁମାନଙ୍କର ସାହାଯ୍ୟ ସହଯୋଗ ସହାନୁଭୂତିରେ 'ଚେତନା' ଆଜି ଲୋକ ଲୋଚନକୁ ଆସି ପାରିଲା ମୁଁ ସେମାନଙ୍କ ପାଖରେ ଚିର ଋଣୀ । ବିଶେଷ କରି ଶ୍ରଦ୍ଧେୟ ଶିବର ଅକ୍ଳାନ୍ତ ପରିଶ୍ରମ ଓ ବାବାଙ୍କ ଆଶୀର୍ବାଦ ଯୋଗୁ ଏହା ସମ୍ଭବ ହୋଇ ପାରିଛି । ଯେଉଁମାନେ ମୋର ଛୋଟିଆ କଥା ପଦକରେ ଏତେ ବିଶ୍ୱାସର ଫୁଲ ବିଛି 'ଚେତନା'ର କଳେବରକୁ ଆଗକୁ ଆଗେଇ ନେଇଛନ୍ତି ସେମାନଙ୍କୁ ମୋର ହୃଦୟର ଆନ୍ତରିକ କୃତଜ୍ଞତା ଜଣାଉଛି । ପାଠକ ପାଠିକା ମାନେ ଏହାକୁ ସହୃଦୟ ସହକାରେ ଗ୍ରହଣ କରିବେ ବୋଲି ଆଶା ରଖୁଛି ।

ଅନେକ ଶୁଭେଚ୍ଛା ସହ ।

କୃଷ୍ଣା ପଟ୍ଟନାୟକ



## ସୂଚୀପତ୍ର


| କ୍ରମ ନଂ | ବିଷୟ | | ପୃଷ୍ଠା |
|---|---|---|---|
| ୧ । | ମରଣ ହିଁ ମୋର ଆନନ୍ଦ | : | ୧୦ |
| ୨ । | ପ୍ରକୃତ ମଣିଷ | : | |
| ୩ । | ଆନନ୍ଦ ଓ ସତ୍ୟ | : | |
| ୪ । | ସାଧୁ ଓ ସାଧୁପତ୍ର | : | |
| ୫ । | ସତ୍ୟ ଓ ଗୁରୁପ୍ରେମ | : | |
| ୬ । | ଅଚ୍ୟୁତ ପରିଚୟ | : | |
| ୭ । | ଧର୍ମ | : | |
| ୮ । | ବିଶ୍ୱାସ | : | |
| ୯ । | ଦୁଃଖ | : | |
| ୧୦ । | ମୁଁ ଓ ମନୁଷ୍ୟ | : | |
| ୧୧ । | ସମୟ-ଭାଗ୍ୟ-ବିଧାତା | : | |
| ୧୨ । | ଭକ୍ତ ଓ ଭଗବାନ | : | |
| ୧୩ । | ସତ୍ୟ-ପ୍ରେମ-ଧୈର୍ଯ୍ୟ | : | |
| ୧୪ । | ସବିତା | : | |
| ୧୫ । | ବକୁଳ ଅମାବାସ୍ୟା | : | |




Scanned by CamScanner

| କ୍ରମ ନଂ | ବିଷୟ | ପୃଷ୍ଠା |
|---|---|---|
| ୧୬ । | ଜଣା ଅଜଣା | : |
| ୧୭ । | ସତ୍ୟ ଓ ମିଥ୍ୟା | : |
| ୧୮ । | ଖଣ୍ଡଗିରି | : |
| ୧୯ । | ସୁନାମ | : |
| ୨୦ । | ସାଧନା | : |
| ୨୧ । | ମହୁମାଛି | : |
| ୨୨ । | ସାଧୁର ହିସାବ | : |
| ୨୩ । | ହୋଲିରଙ୍ଗ | : |
| ୨୪ । | ମୃତ୍ୟୁଞ୍ଜୟୀ | : |
| ୨୫ । | ଶିବମହିମା | : |
| ୨୬ । | ମହାକଳ୍ପବଟ | : |
| ୨୭ । | ମାନବ ଓ ଦାନବ | : |
| ୨୮ । | ଦେଇଥିଲେ ପାଇ | : |
| ୨୯ । | ହେ ମନୁଷ୍ୟ ସ୍ଥିର ହୁଅ | : |
| ୩୦ । | ହେ ମନୁଷ୍ୟ ପ୍ରେମକର | : |




# ମରଣ ହିଁ ମୋର ଆନନ୍ଦ

ସାଗର ବେଳା ଭୁଇଁରେ ମୋ ଘର । ସମୟର ଜୁଆର ବେଳେବେଳେ କାଳ ଲହରୀରେ ଖେଳେ । ବାଲି ବନ୍ଧ ଭାଙ୍ଗିବା ପାଇଁ ଭାରି ଶ୍ରଦ୍ଧା । ଅବିବେକ ମନଟା ଅମାନିଆରେ ବନ୍ଧ ପକାଇ ପକାଇ ଚାଲିଥାଏ । ପ୍ରେମର ମୃଦୁ ମୃଦୁ ବସନ୍ତ ପବନରେ ଛୋଟ ଛୋଟ ଢେଉମାନେ ଖେଳନ୍ତି । ପକ୍ଷୀମାନଙ୍କ ଗତି ପଥକୁ ଚାହିଁ ଦିନଟା ବିତାଉଥାଏ । ଦୁଃଖ କ'ଣ ? ଆଉ ସୁଖ କ'ଣ ? ଏକ ବୃକ୍ଷର ଅନେକ ଶାଖା । ଏ ଦିନେ ଭାଙ୍ଗିଯିବ । ଗଛ ବୁଢ଼ା ହୋଇ ମୂଳ ଉପୁଡ଼ି ପଡ଼ିପାରେ । ଏତେ ବଳ କାହାକୁ ଦେଖାଉଛୁ ? ଆଗପଛ ହୋଇ ଆସି ଆଗ ପଛ ହୋଇ ସମସ୍ତେ ଚାଲିଗଲେ । ଆସିବା ବନ୍ଦ ହେଉନାହିଁ କିମ୍ୱା ଯିବା ସରୁ ନାହିଁ । ମୋର ବାଲିଘର ତିଆରି ଚାଲିଛି । ଖୁଣ୍ଟ ନାହିଁ, ଦମ୍ଭ କାହୁଁ ହେବ ?

ସେମିତି ରାତି ପୁହାଏ । ଘାସ, କୁଟା, ଦଳ ବିଛଣା କରି ଗାମୁଛା ଘୋଡ଼େଇ ହୋଇ ପଡ଼େ । ସୁଖ କ'ଣ ଆଉ ଦୁଃଖ କ'ଣ ? ସୁନ୍ଦରୀର ଆକାଶରେ ସିନ୍ଦୂରା ଉଇଁଲା । ବାଳ ସୂର୍ଯ୍ୟ ଉଠିଲା । ମା'ର ପେଟରେ ଛୋଟ ଛୋଟ ବେଦନାର ଶୂଳ ଶରୀରକୁ ଶର ବିଦ୍ଧ କରୁଥାଏ । ଦ୍ୱାଦଶ ମାସର ହେଲା । ଉପୁଜିଲା ପୁଷମାସ । ଦୁଃଖୀ ଘରେ ଧାନ ହେଁସ । ପଣ୍ଡିତ ବାସରେ ଜନ୍ମ ହେଲେ କ'ଣ ହେବ ? ମହା ମୂର୍ଖ । ତେଣୁ ଗଧ ପରି ସହି ସହି ଓଧ ପରି ଦିନ କାଟୁଥାଏ । କେତେବେଳେ ଶୁଖିଲାରେ ତ କେତେ ବେଳେ ପାଣିରେ ରୁହେ । କେତେବେଳେ ଗଛରେ ଚଢ଼େ । ହେଲେ କ'ଣ ହେବ ? ସୁନ୍ଦରୀର ସୁନ୍ଦର ପୁଅଟିଏ ହୋଇ ପାରିଲା ନାହିଁ । ଦରିଦ୍ର ଭିକାରୀ ଅତିହୀନ । ଭିକ୍ଷା ନୈବଣ୍ଟ-ନୈବଣ୍ଟ-ନୈବଣ୍ଟ । ସେ ଜୀବନରେ ସୁଖ କ'ଣ ? ରାତି ପାହି ଯାଉଛି, ଅମାବାସ୍ୟା ସରିଯାଉଛି, ପ୍ରତିପଦ ଆସି ଯାଉଛି । ଦୁଃଖ ପୀଡ଼ିତରେ ରାମେଶ୍ୱର ଜଟିଆ ସାଆନ୍ତ, ମା'ର କରୁଣ ଡ଼ାକରେ ଅଯୋଗ୍ୟ ବୁଦ୍ଧିଆ ଜନ୍ମ ହେଲା । ସେ ଦିନର ନାମ ବୁଧବାର । କଳି ଶେଷବେଳ ନୁହଁଇ । ଖେଳପାଇଁ



Scanned by CamScanner

ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ସେ ତିଆରି କରିଛନ୍ତି । ମୁଁ କାହାକୁ କହିବି ? କିଏ କ'ଣ ମୋର ଆପଣାର ଲୋକ ଅଛନ୍ତି ? ବୁଲି ବୁଲି କ୍ଷଣେ, ଦଣ୍ଡେ, ମୁହୂର୍ତ୍ତେ ମିଶେ । ଏ ଯୁଗ ଯାହା ଚାହୁଁଛି ମୁଁ ସେହିଥିରେ ଗଢ଼ା ହୋଇଥିଲେ ତା ସଙ୍ଗେ ମିଶି ମିଶି ଚାଲନ୍ତି । ମୁଁ ସେହି ସମୟରେ ଜନ୍ମ ହୋଇଛି । କିନ୍ତୁ ସେହି ଭଳି ନୁହେଁ । ମା' କୁହେ ବୁଦ୍ଧିଆ ! ଗର୍ଭରେ ଏତେ ଦୁଃଖ ତାହା କ'ଣ ତୁ ବୁଝିଲୁ ? ପିଲାଟିଏ ହୋଇଥିଲୁ-ବିବାହ କଲୁ, ତଥାପି ସୁଦ୍ଧା ବୁଦ୍ଧିସୁଦ୍ଧି ହେଲାନାହିଁ । ହେଉ ତୋ ଇଚ୍ଛା । ମୁଁ ଅଳ୍ପଦିନେ ମରିଯିବି ତୁ ଭିକାରୀ ହୋଇଯିବୁ । ସେତେବେଳେ ହସି ହସି ମା'କୁ କହିଥିଲି ମୁଁ ସ୍ୱପ୍ନରେ ଯାହା ସବୁ ଦେଖେ ସେହି ଭିକାରୀ ମାନଙ୍କୁ ଦେଖେ । ତୁ ମୋତେ କହୁ ଡ଼ାହାଣୀ ଖାଇ ଯାଉଛି । ବାଇଟା ତୁ । ମୁଁ ଏମିତି ନାଲିଆ, ହଳଦିଆ କାହିଁକି ଦେଖୁଛି କହିଲେ - ତୁ ମୋ ଗୋଡ଼ ତୋ ଗୋଡ଼ ଭିତରେ ପୁରେଇ, କାନିରେ ଘୋଡ଼େଇ ମୁହଁକୁ ଛେପ ପକାଇ, ଡାହାଣୀ ଖାଇ ଯାଉଛି କହି ଶୁଆଇ ଦେଉ । ଏବେ ସେହି ଭୁତ-ଡାହାଣୀ ମୋତେ ଗ୍ରାସ କରୁଛନ୍ତି । ଯାହାକି ଗୁଣିଆ ଛଡ଼ାଇବାକୁ ନାହାନ୍ତି । ମା' ଚାଲିଗଲୁ ମୋତେ ଛାଡ଼ିକରି । ମୁଁ କ'ଣ ସୁଖରେ ଅଛି ? ତୋ ବାଣୀ ତୋ ଆଖିରେ ଦେଖି ପାରିଲୁ ନାହିଁ । ତୁ ବି ଥିଲେ ମୁଁ ଭିକାରୀ ହୋଇ ପାରି ନ ଥାନ୍ତି । ଆଜି ତୋ କୃପା କରୁଣାରୁ ଗୁରୁଙ୍କ ଦୟାରୁ ପୂର୍ବ ସୁକୃତରୁ ମୁଁ ସବୁ ପାଇ ପାରୁଥିବି । ଯେଉଁ ଆଡ଼କୁ ଅନାଏ ତୋର ଛବି ସେହି ବେଳେ ଏସବୁ ମନେ ପଡ଼େ ।

ହେ ସୁନ୍ଦରା ବଉଦ ! ପୂର୍ବ ଆକାଶରେ ସବୁଦିନ ପାଇଁ ରହିଛୁ । ମୋ ମା'କୁ କେମିତି କେମିତି ସ୍ୱପ୍ନରେ ମଧ୍ୟ ଯେଉଁ ଦରଶନ ସେହି ଦରଶନ କରାଇବ । ହେଉ ଦୁଃଖ ଦୁନିଆରେ ଦିନକ ପାଇଁ ମୋର କ'ଣ ସୁଖ ନାହିଁ ? ମୁଁ ସୁଖ ସଙ୍ଗରେ କ'ଣ ବିରୋଧ ଥିଲି । ଯାହାର ଉପକାର କଲେ ସେ ବିପରୀତ ହେଉଛି କାହିଁକି ? ପୂର୍ବ ଅଭିଶାପ ନା ବର୍ତ୍ତମାନର ଈର୍ଷା ଅସୂୟା ମନଭାବ ? ହେଉ ! ତୁମେ ଧର୍ମରାଜା, ଧର୍ମର ଦଣ୍ଡି । ରାତିଦିନ ଓଜନରେ ଯୁଗଯୁଗ ବିତେଇଛ- ବିତଉଛ । ଯେଉଁଠି ସେ ଦୀନହୀନ ଅକିଞ୍ଚନ ଅଭାଗା ବୁଦ୍ଧିଆ ରହିବ । ପୁଣ୍ୟତ୍ମା ପୁରୁଷ ଟିକେ କରୁଣା କଟାକ୍ଷରେ ଅନାଇବ । ମୋର କିଏ ଅଛି ? ତୁମେ ତ ଜାଣ ସବୁ । ମୁଁ ଅବା କାହାର ? ମୁଁ କ'ଣ ଏତେ ଭୁଲ ହୋଇ ଗଢ଼ା ହୋଇଥିଲି । ନା ଲୋକଙ୍କ ଆଖି ଭୁଲ । ଯଦି ଭୁଲ ତୁମେ ଠିକ୍ କରାଅ । ପ୍ରଭୁ ଏ କି ନିଶା ? ବୟସ ନିଶା-ନା-ରକ୍ତର ନିଶା, ପଇସାର ନିଶା-ନା-କାଳର ନିଶା ? କେଉଁ ନିଶା ଘାରୁଛି । ତୁମେ ହିଁ ତୁମକୁ ରକ୍ଷା କର ।

ଉଚ୍ଚ ନୀଚ୍ଚ ଜଣା ପଡୁ ନାହିଁ । ଏ ସବୁ ତୁମ୍ଭେ ଜାଣ । ତୁମ୍ଭରି ହାତ ଗଢ଼ା ଖେଳଣା ଭାଙ୍ଗିଦିଅ । ଏ ଦୁଃଖ ନିର୍ଯ୍ୟାତନା ଅପମାନ ବିନା ଦୋଷରେ କାହିଁକି ? କ'ଣ କଠୋର ଶାସ୍ତି ଦେବାପାଇଁ ଏତେ ଭଲ ପାଉଛ ? ଗହମ ଅଟାକୁ ପାଣି ପକାଇ ଦଳି ଦେଲେ ଆଉ କ'ଣ ସେ ଶୁଖିଲା ହୁଏ ? ଜନ୍ମ କାଳରେ ଯାହା ଗଢ଼ିଲା ବେଳେ ତୁମେ ଗଢ଼ିଥିବ ସେ କ'ଣ ଆଉ ବଦଳି ପାରିବ ? ଜନ୍ମ କାଳ ଛାଡ଼ି ଏ ପଟେ ଯାହା ତିଆରି ହୋଇଥିବ ତାକୁ ଛଡ଼ାଅ । ଗର୍ବ ଓ ଅହଂଭାବ ପ୍ରାଣୀର ସର୍ବନାଶ କରେ ।

ସରଳ ହୃଦୟ କୋମଳ ବାଣୀ ସକଳ ଆତ୍ମାରେ ଶାନ୍ତି ଦିଏ । ଶାନ୍ତି ଦେବାପାଇଁ ଏକ ମାତ୍ର ତୁମେ ସତ୍ୟର ଆଲୋକ । ସେହି ବାଲିବନ୍ଧର ଘର ବୁଦ୍ଧିଆର ଭରସା । ଭବ ସଂସାରରେ ନଉକା ରୂପରେ ନାଉରୀ ହୋଇ ଧର୍ମ କାତକୁ ଧରି ପାରି କରୁଛ । ମୋ ପାଇଁ ଶୁଣୁ ନାହଁ କାହିଁକି ? ପାଷାଣ ହୋଇଗଲ । ଗୀତା ଭାଗବତ ରାମାୟଣ ବେଦ ପୁରାଣ ମୁଁ କିଛି ଜାଣି ନାହିଁ । ଏକମାତ୍ର ଜାଣେ ତୁମ ନାମ । ତୁମେ ଅଚ୍ୟୁତ, ଅଣାକାର, ଶୂନ୍ୟ ପୁରୁଷ, ସତ୍ୟର ଆଲୋକ, ଧର୍ମର ବାଡ଼ି ଓ ନ୍ୟାୟର ଦଣ୍ଡ ।

କେବେ ହେବ ସେ ସମୟ । ଆଉ ସହି ହେଉ ନାହିଁ । ରହି ହୋଇ ନାହିଁ । ଚିନ୍ତା ରୋଗରେ, ଦଗଧ୍ ଅନଳରେ ଜଳି ଜଳି ରୋଗୀ ରାଜ୍ୟରୁ ଚାଲିଯିବା ଭଳି ଜାଗା ତିଆରି କରି ସାରିଲାଣି । ମୋତେ ପଠାଅ । ମୋତେ ପଠାଅ । ମୋର ତ ଇଚ୍ଛା ନାହିଁ । ମୋତେ ରଖୁଛ କାହିଁକି ? ଏ ଜୀବନ ନେଇ ପଛକେ ଅନେକ ଲୋକଙ୍କୁ ଦାନ କର । ଏ ଜୀବନ ରହିବାରେ କିଛି ଲାଭ ନାହିଁ । ମରଣ ହିଁ ମୋର ଆନନ୍ଦ । ମରଣ ପଥର ପଥୁକୀକୁ ତମେ ବାଟ କହିଦିଅ । ସତ୍ୟର ଜହ ହେଉ । ମୋ ଜୀବନ ନେଇ ଏ ପୃଥିବୀକୁ ପ୍ରେମ ଦିଅ, ଆନନ୍ଦ ଦିଅ, ଶାନ୍ତି ଦିଅ ।

ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।




Scanned by CamScanner

# ପ୍ରକୃତ ମଣିଷ

ଏ ପୃଥିବୀରେ ସବୁ କ୍ଷୟ ହୋଇପାରେ, ମାତ୍ର ବାଣୀ କ୍ଷୟ ହେବ ନାହିଁ । ମହାପୁରୁଷ ସିଦ୍ଧ ସାଧକ ମାନଙ୍କର ବାଣୀ, ପଞ୍ଚ ସଖା ମାନଙ୍କର ବାଣୀ, ସନ୍ଥ ଅରକ୍ଷିତ ଦାସ ଓ ଭୀମଭୋଇଙ୍କ ବାଣୀ, ଗାନ୍ଧୀବାଣୀ, ସ୍ୱାମୀ ବିବେକାନନ୍ଦ , ରାମକୃଷ୍ଣ ପରମହଂସଙ୍କ ବାଣୀ ଆଦି ଯୁଗେ ଯୁଗେ ଆଲୋକର ପଥ ଦେଖାଇ ଆସିଛି । କଥା ଓ ବାଣୀ ଭିତରେ ସତ୍ୟ ସ୍ପଷ୍ଟ ରୂପେ ଆତ୍ମ ପ୍ରକାଶ କରେ । ନାରଦଙ୍କର ବାଣୀ ହେଉଛି ଅପ୍ରିୟ ସତ୍ୟ ବାଣୀ । ବାଣୀର ନାମ ହେଉଛି ନାମ ସଦୃଶ । କେତେକ ଲୋକମାନେ ଅକାଟ୍ୟ ବାଣୀ କହିଥାନ୍ତି । ଗୁରୁବାଣୀ କିନ୍ତୁ ବାଣ ସଦୃଶ । ସେଦିନ ମୋହନଙ୍କୁ ହିମାଳୟ ପାଦଦେଶରେ ଯେଉଁ ବାଣୀ ପ୍ରଦାନ କରାଯାଇଥିଲା, ତାହା ଥିଲା ଅକାଟ୍ୟ ଅଖଣ୍ଡ ସତ୍ୟର ଶୂନ୍ୟବାଣୀ ।

''ରଘୁପତି ରାଘବ ରାଜାରାମ
ପତିତ ପାବନ ସୀତାରାମ ।
ଈଶ୍ୱର ଆଲ୍ଲା ତେରେ ନାମ୍
ସବ୍‌କୋ ସଦ୍ ବୁଦ୍ଧି ଦେ ଭଗବାନ ।''

ହିନ୍ଦୁ ଓ ମୁସଲମାନ ମାନଙ୍କୁ ଏକ ପଥରେ ଚଳେଇବା ପାଇଁ ଶୂନ୍ୟରୁ ସତ୍ୟବାଣୀ ହୋଇଥିଲା । ଯାହାକି ମୋହନ ଶରୀରରେ ବାଣ ସଦୃଶ ଭେଦ କରିଥିଲା । ଆଉଦିନେ ଯଦି କେହି ଚାହେଁ ତାହା ଆଉ ମିଳି ପାରିବ ନାହିଁ । ଗୃହନୀତିକୁ ଦୈନିକ ପାଞ୍ଚଥର ମନେ ପକାଇବା ଆବଶ୍ୟକ ଗୀତାରେ ଅର୍ଜୁନଙ୍କୁ ଯେଉଁ ମହାନ ସତ୍ୟର ବାଣୀ କୁହାଯାଇଥିଲା ତାହା ଥିଲା ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ ।



ଯଦା ଯଦା ହି ଧର୍ମସ୍ୟ ଗ୍ଲାନିଂ ର୍ଭବତି ଭାରତ ।
ଅଭ୍ୟୁତ୍‌ଥାନ ମଧର୍ମସ୍ୟ ତଦାମତ୍ମାନଂ ସୃଜାମ୍ୟହମ୍ ॥ ୭ ॥
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥା ପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥ ୮ ॥

*(ଚତୁର୍ଥ ଅଧ୍ୟାୟ)*

ମହାପୁରୁଷ ଅଚ୍ୟୁତାନନ୍ଦ ଥିଲେ ଜଣେ ଯୋଗଜନ୍ମା ପୁରୁଷ ସିଦ୍ଧ ସାଧକ । ହରିବଂଶ ଓ ଗୁରୁଭକ୍ତି ଗୀତାରେ ଯେଉଁ ବାଣୀ ପ୍ରଦାନ କରିଛନ୍ତି ତାହା ସତ୍ୟର ବାଣୀ । ସେ ବାଣୀକୁ ଯେ ଅବମାନନା କରିବ, ଦୁଃଖ ଦୁର୍ଦ୍ଦଶା ହେବଇ ହେବ । ସେ ଅନେକ ସ୍ଥାନରେ ଲେଖିଛନ୍ତି -

''ଗୁରୁ ଆଜ୍ଞା ଖଟ ହୋ ଚାଟ ।''
ଯେବେ ପଢ଼ିବୁ ତୁ ଅପଢ଼ା ପାଠ ।
କିମ୍ବା
'' ଭିକ୍ଷା ମୋହର ମୂଳଧନ
ଅଧିକ କି ସ ପ୍ରୟୋଜନ ।''

ଭିକ୍ଷାସୀ ଠାରୁ ନାମ ଗ୍ରହଣ କଲେ ଭିକ୍ଷା ଦେବାକୁ ପଡ଼ିବ । ଭିକ୍ଷା ମାଗିବାକୁ ପଡ଼ିବ । ହୀନ ଭିକ୍ଷା ହେଉଛି ଗ୍ରାମ ଗ୍ରାମ, ରାଇଜ ରାଇଜ । ମହତ୍ ଭିକ୍ଷା ମାସକୁ ଥରେ । ଏକ ମାସକୁ ପାଞ୍ଚ ଦଶଜଣ ପଛେ ହୁଅନ୍ତୁ ମହତ୍ ବ୍ୟକ୍ତି ଦେଖି ଗୁରୁ ବାଣୀ ସଂପୂର୍ଣ୍ଣ କରିବାକୁ ପଡ଼ିବ । ଯାହାଠାରୁ ଭିକ୍ଷା ଆସେ,ସେ ଉଦ୍ଧାର ପାଏ । ଅନ୍ୟ ଠାରୁ ଭିକ୍ଷା ଆଣି କର୍ମରେ ବିନିଯୋଗ କଲେ ସପରିବାରେ ଉଦ୍ଧାର ହୁଅନ୍ତି । ଗୁରୁଙ୍କ ମହତ୍‌ବାଣୀ କେବେ ହତ ହୁଏ ନାହିଁ । ଉତ୍ତମ ଭିକ୍ଷା କାହାକୁ କୁହାଯାଏ ? ଯେଉଁ ଭିକ୍ଷାରେ ପରିବାର ପୋଷଣ ହୁଏ ନାହିଁ, ମଦ, ମତ୍ସ୍ୟ, ଖିଆଯାଏ ନାହିଁ, ଜୁଆ ଖେଳ ହୁଏନାହିଁ, ତାକୁ ଉତ୍ତମ ଭିକ୍ଷା କୁହାଯାଏ । ଥରେ ମାଗିବ । ଦେଲେ ଭଲ, ନଦେଲେ ମଧ୍ଯ ଭଲ । ମନରେ ଦୁଃଖ ଆଣିବ ନାହିଁ । ଯେଉଁ ଗୁରୁ ମିଥ୍ୟା, ପ୍ରପଞ୍ଚ ସେ ଶହେ, ପାଞ୍ଚଶ' ଘର ଆଶାକୁ କଅଁଳ



Scanned by CamScanner

ଦୁବଘାସ ସଦୃଶ ଖାଇ ଖାଇ ଚାଲେ । ସେ କହେ ଏତିକି ହେଲାନି ଆଉ ବେଶି କରି ଦେ । ମନରୁ ଅଧିକ ଭିକ୍ଷା ଦେଲେ ତାର ନାମ ଭିକ୍ଷା ନୁହେଁ, ଜବର ଦସ୍ତି ଧରିନେଲା । ଶିଷ୍ୟକୁ ଶୋଷଣ ସଦୃଶ ତାହା ମନେହୁଏ । ତେଣୁ ସେ ଗୁରୁ ନାମରେ ଅପଗୁରୁ ବୋଲାଏ । ଭାଗବତରେ ବ୍ୟାସ, ପରାସର, ବଶିଷ୍ଠ, ଜାବାଳି, ଅଙ୍ଗୀରସ, କପିଳମୁନି, ଜୈମିନୀ, ଭୃଗୁ, ଭାର୍ଗବ, ଶୁକ, ଗୌତମ ଆଦି ମୁନିଋଷି ମାନେ ଯାହା ମିଳେ ତାହାକୁ ମୋତେ ସମର୍ପଣ କରି ସନ୍ତୁଷ୍ଟ ରୁହନ୍ତି । ଯୁଗ ଆଦିମ କାଳରୁ ମନୋଜ୍ଞ ନୁହେଁ । ଏ ସୃଷ୍ଟିର ସ୍ରଷ୍ଟା ମଧ୍ୟ ଦିନେ ଭିକ୍ଷା ମାଗିଥିଲେ । ତାହା ତାଙ୍କ ପାଇଁ ହୋଇ ନପାରେ । ଭିକ୍ଷାର ମନ୍ତ୍ର ପଢ଼ି ' ଓଁ ନମଃ ଭିକ୍ଷା ଦେହି' କୁବେର ଦ୍ୱାରେ ମାଗିଥିଲେ, ବଳି ଦ୍ୱାରେ ମାଗିଥିଲେ, ଅନେକ ରାଜଦ୍ୱାରେ ମଧ୍ୟ ନିଜକୁ ଗୋଡ଼ ଭାଙ୍ଗି ଠିଆ ହେବାକୁ ହୋଇଥିଲା । ପାଣ୍ଡବଙ୍କ ନିମିତ୍ତ ଦୁର୍ଯ୍ୟୋଧନ ଦ୍ୱାରରେ ପାଞ୍ଚଖଣ୍ଡ ପଡ଼ାର ଭିକ୍ଷା ମାଗିଥିଲେ । ସେହି ତୁଳନାରେ ନାମ ଗ୍ରହଣ କଲେ ମଧ୍ୟ ଶିଷ୍ୟ ତାର ପରିବାର ପାଇଁ ଗୁରୁ ନାମ ଧରି ଭିକ୍ଷା ମାଗିଲେ ଅନ୍ୟାୟ ହୁଏ ଓ ଅକାଳରେ ବିନାଶ ଯାଏ । ଦେବତା, ଗୁରୁ ପ୍ରୀତ୍ୟାର୍ଥେ ଯେଉଁ ଭିକ୍ଷା ମଗାଯାଏ ତାହା ଅମହତ୍ ହୁଏ ନାହିଁ, ବରଂ ମହତ୍ ବଢ଼େ । ଆଜି ଯେଉଁ ମାନେ ଭିକ୍ଷା ମାଗୁଛନ୍ତି, ସେମାନଙ୍କଠାରୁ ଏ ଭିକ୍ଷା ଅନ୍ୟ ପ୍ରକାରର । ଭିକ୍ଷା ଧନରୁ ଶିଷ୍ୟ ଯଦି ଗୋଟିଏ ଟଙ୍କା ଅପବ୍ୟୟ କରେ ତେବେ ତାର ପରିବାରରେ ଶହେଟଙ୍କା କ୍ଷୟ ଯାଏ । ତେଣୁ ଭିକ୍ଷାଧନ ବିଷ ଧନ । ମାତ୍ର ଶିଷ୍ୟର ଅମୃତ ମନ ହେବା ବିଧେୟ ।

ଯୁଗେ ଯୁଗେ ଭିକ୍ଷା, ଗୁରୁଭିକ୍ଷା, ବାରଷିକ ଭିକ୍ଷା, କରାଞ୍ଚଳ ଭିକ୍ଷା ଅଛି, ତାହା ତୁମକୁ କରିବାକୁ ପଡ଼ିବ । ମଣିଷର ଜନ୍ମ ଶେଷ ନାହିଁ, ଶେଷ ମଧ୍ୟ ହୋଇ ପାରିବ ନାହିଁ । ପୁତ୍ର, ନାତି, ଅଣନାତି, ପଣନାତି, ବୃକ୍ଷର ମଂଜି ସଦୃଶ ଯୁଗେ ଯୁଗେ ଗୁରୁ ଶିଷ୍ୟ ରହି ଅଛନ୍ତି । ଯୁଗ କ୍ଷଣରେ ଭେଟ ହୁଅନ୍ତି । ମିଥ୍ୟା ପ୍ରପଞ୍ଚ ପୃଥିବୀରେ ସତ୍ୟର ଆବିର୍ଭାବ ଘଟେ । ପୃଥିବୀ ନବ କଳେବର ରୂପ ଧାରଣ କରେ । ଗୁରୁ ଶିଷ୍ୟ ଅନେକ ରୂପରେ ଏ ପୃଥିବୀକୁ ଆସନ୍ତି । ଗୋରା, କଳା, ଶ୍ୟାମଳ ଏହିପରି ଅନେକ । ସୂର୍ଯ୍ୟ ଆଲୋକ ଭିନ୍ନ ହୁଏ



ନାହିଁ । ସୂର୍ଯ୍ୟ, ଚନ୍ଦ୍ର ଓ ପଞ୍ଚଭୂତ ଥିବା ପର୍ଯ୍ୟନ୍ତ ଗୁରୁଙ୍କ ଭଣ୍ଡାରକୁ ଭିକ୍ଷାଦ୍ୱାରା ପୂର୍ଣ୍ଣ ରଖନ୍ତୁ । ତୁମେ କହିବ- ମୁଁ ମୋରି ପକେଟରୁ ଦେଇ ସନ୍ତୁଷ୍ଟ ରଖିବି, ତାହା ହେବ ନାହିଁ । ଭକ୍ତ ଉଦ୍ଧାରଣ ନିମନ୍ତେ ତୁମର ସାହାଯ୍ୟ ଦରକାର । ପାଞ୍ଚରୁ ପନ୍ଦର, ପନ୍ଦରରୁ ପଚିଶ, ପଚିଶରୁ ପଞ୍ଚାଶ ଏହି ଭଳି ଗଛରେ ଶାଖା, ପ୍ରଶାଖା ମେଲିବାକୁ ହେବ । ସମସ୍ତଙ୍କୁ ସତ୍‌ସଂଗୀ କରିବାକୁ ହେବ । ସତ୍‌ସଂଗୀ ପଞ୍ଚାଶ ଧରି ଆମ୍ଭେ ଖେଳିବା । ଭିକ୍ଷାଭାବ ସାନ ବଡ ଭାବକୁ ଦୂର କରି ସମଦୃଷ୍ଟି ଆଣେ । ଭକ୍ତ ଭକ୍ତିରେ ଗୁରୁ ବନ୍ଧା ହୋଇ ଅନ୍ତର୍ନିହିତ ସୁଖରେ ଥାନ୍ତି । ତାହା ଧାରୁଆ ଖଣ୍ଡା କଳ୍ପନାର ଚିତ୍ର ସଦୃଶ । ଏଥିରେ ଅର୍ଥ, ଆଶା, କାମନା ଜଡ଼ିତ ନଥାଏ ଗୁରୁ ସମସ୍ତଙ୍କଠାରୁ ଭିକ୍ଷା ଗ୍ରହଣ କରିପାରନ୍ତି । ଗୋଟିଏ ପରିବାରରୁ ଏକ ଭିକ୍ଷା ଭିନ୍ନ ଅନ୍ୟ ଭିକ୍ଷା ନେବା ବିଧେୟ ନୁହେଁ । ପାଞ୍ଚୋଟି ଗାଈର କ୍ଷୀରକୁ ଆଣି ଏକାଠି ମିଶେଇଦେଲେ ଯେଉଁ ଭଳି ସମାନ ଦେଖାଯାଏ ସେପରି ଭାବେ ପାଞ୍ଚ ପ୍ରକୃତିର ଭିକ୍ଷାଧନ ମିଶ୍ରଣରେ ସମଦୃଷ୍ଟି ପରି ଲକ୍ଷିତ ହୁଏ । ପାଞ୍ଚଟି ଆଙ୍ଗୁଳିକୁ ଟେକି ଆଶୀର୍ବାଦ କଲେ ତାହା ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଯାଏ । ନମସ୍କାର ମଧ୍ୟ ଏକ ଭିକ୍ଷା ଅଟେ । ଭିକ୍ଷାର ରଙ୍ଗ୍ ରୂପ ଅନେକ ମାତ୍ର ଲକ୍ଷ୍ୟ ଏକ । ଗୋଟିଏ ପରିବାର ଯଦି ଦେବ ମନ୍ଦିରକୁ ଯାଆନ୍ତି ଭୋଗ ଡାଲା ନଡ଼ିଆ ଗୋଟିଏ ଓ ସମସ୍ତଙ୍କ ପାଇଁ ଭୋଗ ଦକ୍ଷିଣା ଗୋଟିଏ । ବର୍ଷକ ଭିତରେ ଶିଷ୍ୟ ଓ ତାର ପରିବାର ଯାହା କିଛି ଭୁଲ୍ ପାପ କରିଥାଏ, ତେବେ ଦୁଇଦିନ ଏକରାତି ବାର୍ଷିକ ଭୋଜନ ଓ ଦକ୍ଷିଣା ଦେବା ବିଧେୟ । ସେ ସେବା ଆନନ୍ଦ ମନରେ ହେବା ଉଚିତ୍ । ପୁଣି ଗୁରୁ ଶିଷ୍ୟର ସଂପର୍କ ଖୁବ୍ ନିବିଡ଼ ଖୁବ୍ ପବତ୍ର । ସେଥିରେ ହିସାବ ନଥାଏ ।

ଦେବତା ଗୁରୁ ରୂପରେ ଆଶୀର୍ବାଦ ଦିଅନ୍ତି । ଭାବ ସରଳ ହେଲେ, ମନ ଆନନ୍ଦ ହେଲେ ଦୁଃଖ ନାଶ ଯାଇ ସୁଖ ଆସେ । ପରମ ପୁରୁଷ ଗୁରୁ ଉପରେ ଶିଷ୍ୟର ଅଜ୍ଞାନତାକୁ ନାଶ କରନ୍ତି । ଅକ୍ଷୟ ଜ୍ଞାନ ପ୍ରଦାନ କରନ୍ତି । ଶାସ୍ତ୍ରର ପାଠ ପଢ଼ିଲେ କ'ଣ ହେବ ? ରୋଗୀର ନାଡ଼ି ଜାଣିବା ଦରକାର । ଗୁରୁ କଲେ କ'ଣ ହେବ-ଯଦି ଗୁରୁ ଆଜ୍ଞାକୁ ଅବମାନନା କର । ଅଜ୍ଞାନ ନାଶ



Scanned by CamScanner

ପାଇଁ ଗୁରୁ ନାମ ଏକାନ୍ତ ଦରକାର । ଗୁରୁ ନାମ ମହାମେରୁ ସଦୃଶ । ସୂର୍ଯ୍ୟ ନଥିଲେ ଯେପରି ସାରା ଜଗତ ଅନ୍ଧାକାରରେ ପରିପୂର୍ଣ୍ଣ ହୁଏ ସେପରି ଗୁରୁ ନଥିବା ବ୍ୟକ୍ତିର ଜୀବନ ଘୋର ଅଂଧକାର । ଆପଣା ଦୃଷ୍ଟିର ଅଗୋଚରରେ ଗୁରୁ ଖେଳନ୍ତି । ଜ୍ୟୋତି ଘରେ ସେ ଜ୍ୟୋତି । ନାସା ଅଗ୍ରେ ଭାବ ମନ ଏକଗ୍ରେ କରିଠାବ । ପଦ୍ମାସନେ ବସି ମନକୁ ନିଶ୍ଚଳ ରଖିଲେ ବିପଦ ନାଶ ଯାଏ । ସକଳ ସଂପଦ ଲାଭ ହୁଏ । ସମସ୍ତେ କହିପାରନ୍ତି-ମାତ୍ର ତାକୁ ଦେଖିଛି କିଏ ? ସାଧନା ଅଣସାଧନା ଜ୍ଞାନରେ, ଅଣସାଧନା ନଜାଣିଥିବା ଲୋକ ଅଣ୍ଡିରା ହଂସର ଡ଼ିମ୍ବ ଛାଡ଼ିବା ଜ୍ଞାନ ସଦୃଶ ମନେ ହୋଇଥାଏ ।

ମନ ଆକାଶକୁ ମାପିହେବ ନା ସମୁଦ୍ର ଜଳକୁ କ'ଣ ଓଜନକରି ହେଉଛି ? ତାରା ଗୁଡ଼ିକ ଅଗଣା । ଏତେ ବାଟ କାହିଁକି ଯାଉଛୁ ? ଆପଣାର ଦେହରେ ଥିବା ଲୋମ କୂପକୁ ହିସାବ କରି ଦେଖିଲେ ସବୁ ହିସାବ ମିଳିଯିବ । ସବୁ କଳା ଛଡ଼େଇ ହୁଏ ମାତ୍ର ଆଖିର କଳାକୁ କ'ଣ ଛଡ଼େଇ ହୁଏ ? ସବୁ ମିଠା ଧୋଇଦେଲେ ଛାଡ଼ିଯିବ ମାତ୍ର ବଚନ ମିଠା , ମିଠା ବଚନ ଏତ ଅକୁହା, କିଏ ଧୋଇବ ? ଶ୍ରଦ୍ଧା ଧରି ହୁଏ ନାହିଁ । ହିସାବ କରି ହୁଏ ନାହିଁ । ତାହାହିଁ ଜଗତରେ ସାର । ଆଉ କଣ ? ପିଲାବେଳେ ହସସିନା ମାଆକୁ ଭଲ ଲାଗେ । ବୁଢ଼ାବେଳର ହସ କାହାକୁ ଭଲ ଲାଗେ ? ସେଁ ଦାନ୍ତ ନଥିବା ଅଲଗା, ଏ ଦାନ୍ତ ନଥିବା ଅଲଗା ।

ଯୌବନର ଗାଁ ନାହିଁ, ପ୍ରେମର ନାଁ ନାହିଁ, କାମର ଭଲ ମନ୍ଦ ନାହିଁ । ତାହା ଅମାପ । ବନ୍ଧୁର ଭାବ, ସତେ କ'ଣ କଳାବାଦଲ ଭିତରେ ଚାଳ ଲୁଚିଯାଏ ନାଁ ବାଦଲଟି ଅସ୍ଥିର ମୁଁ ଭାବେ ଚାଳ ସ୍ଥିର । ମୁଁ ସ୍ଥିର, ମୋ ମନ ଅସ୍ଥିର । ମୁଁ ଓ ମନ ଏକତ୍ର ହେଲେ ଘରେ କଳି ହେବ ନାହିଁ । ଦେହକୁ ନେଇ ଏ ସଂସାର । ଦେହତ ନାହିଁ ତେବେ ସଂସାର କାହାପାଇଁ ? ପୁରୁଷ ମୁହଁରେ ନିଶ, ନାରୀ ମୁହଁରେ ନିଶ ବିଷ । ଦାନ୍ତ ନଥିଲେ ଅସୁନ୍ଦର, ଥିଲେ ବି ଅସୁନ୍ଦର । ଥିଲେ ନି ଅସୁନ୍ଦର କାହିଁକି ? ବାଟ ଅବାଟ ଯାହା ବାହାଡ଼ା ଦାନ୍ତଟି ସେଇୟା । ବଢ଼ି ବଡ଼ ଦାନ୍ତ ପଛକେ ହେଉ ବାହାଡା ଦାନ୍ତ ନହେଉ ।



ମାଙ୍କତ କେବେ ସୁନ୍ଦରୀ ନୁହେଁ । ତାର ଯୌବନକୁ ସତେ ଯେମିତି କିଏ ନେଇ ଯାଇଛି । ସଦାବେଳେ ସମୁଦ୍ର ଆତ୍ମୀୟ ନୁହେଁ । ଏହା ଜାଣି ମଧ୍ୟ ମଣିଷ ଅଜଣା । ଆତ୍ମୀୟ ନକଲେ ଚଳିହେବ ନାହିଁ । ସମୁଦ୍ରରେ ସଦାବେଳେ ଜୁଆର ନଥାଏ ଢ଼େଉ ନଥାଏ ସେପରି ମନୁଷ୍ୟର ସବୁବେଳେ ରାଗ ନଥାଏ ତାହା କ୍ଷଣିକ । ଆଜି ଯେ ଶତ୍ରୁ କାଲି ସେ ମିତ୍ର ନିଶ୍ଚୟ । ସମୟ ସବୁ ଠିକ୍ କରେ । ପବନର ଦୁର୍ବଳ ଗତିରେ ସମୁଦ୍ର ଜଳର ଭାବ ଉପୁଜି । କିନ୍ତୁ ଆନନ୍ଦର ପ୍ରଳୟ, ତାହା କିନ୍ତୁ ନୋଳିଆକୁ ଭଲ ଲାଗେନି । ଯେହେତୁ ତାର ଡଙ୍ଗାଟି ବୁଡ଼ିଯାଉଥାଏ । ହେଲେ କ'ଣ ହେବ ସମୁଦ୍ର କହୁଛି-ମୋ ଭିତରେ ତୁ ନା ତୋ ଭିତରେ ମୁଁ ।

ବିଶ୍ୱ ଗୋଟିଏ ସମୁଦ୍ର । ବିଶ୍ୱାସ ରୂପକ ଡଙ୍ଗାରେ ଭକ୍ତି ରୂପକ କାତକୁ ମାରି କାତ ନପାଇଲେ ଆହୁଲାର ସାହାଯ୍ୟ ନେବାକୁ ହୁଏ, ତାହା ଭାବ ପ୍ରିୟା ପ୍ରୀତି । ମୋ-ତୋ ଭାବ । ଅନେକ ପ୍ରକାର ହସ ଅଛି ମାତ୍ର ଭଗବାନଙ୍କର ଯେଉଁ ହସ, ସେ ହସ ସମସ୍ତଙ୍କ ପାଖରେ ନଥାଏ ।

କାଳ ସର୍ବ ଶକ୍ତିମାନ । ସମସ୍ତଙ୍କର ଗର୍ବ ଦମ୍ଭ ଭାଙ୍ଗିଦିଏ । ଭକ୍ତି ରୂପକ ଭାବ କେବେ ନଷ୍ଟ ଯାଏ ନାହିଁ । ଭବ ସଂସାରରୁ ମୁକ୍ତି ପାଇଁ ଭଗବାନଙ୍କର ଚରଣାଶ୍ରିତ ହେବାକୁ ହେବ । ବାପ- ପୁଅ ଜନ୍ମ କରେ, ପୁଣି ପୁଅ ବାପ ହୋଇଯାଏ । ପୁଅର ପୁଅ ବାପ ହେଲେ ଶ୍ରଦ୍ଧା । ବାପର ପୁଅ, ପୁଅ ସ୍ୱତଃ ବିନ୍ଦୁପୁତ୍ର । ବିରସରେ କାମିନୀ ସଙ୍ଗ କେହି କରନ୍ତି ନାହିଁ । କନ୍ଦର୍ପର ମାତ୍ର ଛଳ ନାହିଁ, ରତିର ଦିନ ରାତି ନାହିଁ । ଭକ୍ତିର ସମୟ ନାହିଁ । ମୁକ୍ତି ଖୋଜିଲେ ମିଳିପାରେ ମାତ୍ର ମୁକ୍ତ କଣ୍ଠରେ ନ କହିଲେ ମୁକ୍ତି ଦେବ କିଏ ? ରାଜା, ମନ୍ତ୍ରୀ, କ୍ରୋଡପତି, ସବୁଦିନ ପାଇଁ କେହି ରହି ପାରିବେ ନାହିଁ । କାରଣ କାଳ ସର୍ବଶକ୍ତିମାନ । ସେ ତଳ ଉପର କରୁଥାଏ । କେତେବେଳେ ବାମହାତ ଡାହାଣ ଉପରେ ରହିଯାଏ ତ ପୁଣି କେତେବେଳେ ଡାହାଣ ହାତ ବାମ ହାତ ଉପରେ ରହି ଯାଉଛି । ଏଥିରେ ଭାବନା କର ନାହିଁ । ଭାବନା କଲେ କିଛି ମିଳିବ ନାହିଁ । ଏମିତି ରହିବ । ସୂର୍ଯ୍ୟଙ୍କର ଯେହେତୁ ଉଦୟ-ଅସ୍ତ ଅଛି ।



Scanned by CamScanner

ଦକ୍ଷିଣାୟନ୍-ଉତ୍ତରାୟଣ ଅଛି । ଜନ୍ମ ମୃତ୍ୟୁ, ଦୁଃଖ ସୁଖ ନିଶ୍ଚୟ ରହିବ ହିଁ ରହିବ । ରହିବା ଭଳି ସବୁଦିନ ପାଇଁ କିଛି ନାହିଁ । ଗଛ ସିନା ମରିଯିବ କିନ୍ତୁ ମଂଜି ରହିବ । ପୁଣି ଗଛ ହେବ, ପୁଣି ଫୁଲ ଫୁଟିବ, ଫଳ ହେବ । ଫୁଲ କହୁଛି ମୁଁ ଯଦି ମୋର ବାସ ଜାଣୁଥାନ୍ତି ତାହେଲେ ମୁଁ ତ ଦିନ ରାତି ମୋତେ ଶୁଂଘନ୍ତି । ମୋ ବାସ୍ନାକୁ ମୁଁ ନିଜେ ଆହରଣ କରନ୍ତି । ମାଳି କହୁଛି ଫୁଲକୁ ତୋତେ ଫୁଟାଇବାର କାଇଦା ମୁଁ ଜାଣେ । ଋତୁ କହୁଛି - ମୁଁ ନକଲେ ତୁ କ'ଣ ଫୁଟିବୁ ? ଫୁଟିବୁ ସତ ମାତ୍ର ସେଭଳି ବାସ୍ନା ତୋଠାରେ ନଥିବ । ତେଣୁ ସମୟକୁ ଅପେକ୍ଷାକର । ତାର ସ୍ୱତନ୍ତ୍ର ବାସ୍ନା ଅଛି । ସେ ବାସ୍ନା ଆସିଲେ ଦିଗ ବିଦିଗ ଛୁଟିଯାଏ । ସମୟେ ସମୟେ ମନୁଷ୍ୟ ଭାବେ ସେ ଭୁଲ ବାଟକୁ ଯାଇଛି । ମନ ତାର କୋଢ଼ିହୁଏ । କେହି ନଦେଖିଲେ ବି ଅନ୍ତରରେ କାନ୍ଦି ପକାଏ । ପ୍ରାୟଶ୍ଚିତ କରେ । ସେ ଭୁଲ ବୋଲି ଜାଣିଲା କେମିତି ? ବିବେକ ହିଁ ଏହା ଶିକ୍ଷା ଦେଇଥାଏ ।

ମନୁଷ୍ୟ ଅନେକ ଥର ଜନ୍ମ ହୋଇ ଆସେ କିନ୍ତୁ ତାର ମନେ ନଥାଏ । ବେଳେ ବେଳେ ସେ ଚିନ୍ତାକରେ ଗଛରୁ ମଂଜି ନା ମଂଜିରୁ ଗଛ । ତାକୁ ବାଇଗଣ କିଆରିରେ ପଶିବାକୁ ହେବ । ମଣିଷ ବିହନ ଗଛଠାରୁ ବଡ଼ ନା ସାନ । ସମସ୍ତେ ସମସ୍ତଙ୍କ ସତ୍ୟତା ରଖି ପାରନ୍ତି ନାହିଁ । ମନୁଷ୍ୟ ସତ୍ୟର ପ୍ରତିଫଳିତ ରୂପରେ ଆସି ମିଥ୍ୟାରେ ଆଶ୍ରୟ ନେଲା କାହିଁକି ? ଶିକ୍ଷା ଦୀକ୍ଷାର ଅଭାବ ନା ପରିବେଶଏଇୟା କରାଉଛି । ଜନ୍ମଦୋଷ, ସଙ୍ଗଦୋଷ ଓ ବଂଶାନୁଦୋଷ ଏଇ ତିନୋଟିରେ ମଣିଷ ଜୀବନ ଗଢ଼ାହୁଏ । ପିଲା ଜନ୍ମ ପରେ ତାକୁ ଯଦି ଭାଷା ଶିକ୍ଷା ଦିଆନଯାଏ, ସେ ପଶୁଭଳି କେଁ-ଭେଁ-କ-କ, ଦୁଇପଦ ଶିଖିପାରେ । ବୁଦ୍ଧି ବିବେକ ଅକଲ ଜ୍ଞାନ ଏଇ ଚାରୋଟିକୁ ପାଇ ପାରିବ ନାହିଁ । ଏଇ ଚାରୋଟି ଗୁଣକୁ ଯିଏ ପାଏ ସେ ପ୍ରକୃତ ମଣିଷ । ଉତ୍ତମ ମଣିଷ ରୂପ୍‌ରେ ପୃଥିବୀରେ ଗଣାହୁଏ ।



## ଆନନ୍ଦ ଓ ସତ୍ୟ

ଅଭୟ ମଣ୍ଡଳରୁ ଅଣସୂତ୍ରରେ ଅକାମନା ଭାବରେ ଅଣାକାର ଅକ୍ଷର ଓ ଓଁକାର ଯୋଗରେ ଅନୁଭୂତିରେ ଯୋଗ ମାଳା କର । ଅଣସାଧନା ଶୂନ୍ୟ ପୁରୁଷ ଅଚ୍ୟୁତାନନ୍ଦ ମାନବ ବିଷ୍ଣୁ ରୂପରେ ଜନ୍ମ ଗ୍ରହଣ ହୋଇଥିବାରୁ ସେ କରିପାରିଥିଲେ । ଚଉରାଶି ଦେହ ଆସନକୁ ବିଶ୍ୱ ଚଉରାଶି ଆସନ ଯନ୍ତ୍ର ଲିହିତ କରିଥିଲେ । ଆଉ ଜଣେ ତାଙ୍କପରି କାହୁଁ ହେବ ? ପଢ଼ାପାଠ ଅନେକ ଅଛି । ପାଠପଢୁଆ ଅନେକ ଅଛନ୍ତି । କିନ୍ତୁ ଅଚ୍ୟୁତାନନ୍ଦଙ୍କ ଭଳି ଦ୍ୱିତୀୟ ଜନ୍ମ କେହି ହୋଇ ପାରିବେ ନାହିଁ । ଯିଏ ଜଳ ସହିତ ଜଳ, ଅଗ୍ନି ସହିତ ଅଗ୍ନି, ପବନ ସହିତ ପବନ, ମାଟି ସହିତ ମାଟି ହୋଇ ଘଟ ଶୂନ୍ୟ କରି ଯାଇଛନ୍ତି, ଆପଣା ଅନୁଭୂତିରେ ତ୍ରିକାଳ ଲେଖିଛନ୍ତି ସେ ପରମ ପୁରୁଷ ଅଚ୍ୟୁତ, ସତ୍ୟରୁ ଚ୍ୟୁତ ନୁହଁନ୍ତି । ଦ୍ୱନ୍ଦରେ ସେ ମିଳନ୍ତି ନାହିଁ । ଆନନ୍ଦରେ ମିଳନ୍ତି, ସତ୍ୟରେ ମିଳନ୍ତି । ଆନନ୍ଦ କେଉଁଭଳି ଜାଣତ ? ଅପମାନ ଗ୍ରହଣ ନକରୁଥିବା ଲୋକ ଆନନ୍ଦ ଲାଭ କରେ । ଛନ୍ଦ, ଦ୍ୱନ୍ଦ ଆନନ୍ଦର ମନ୍ଦ । ଆନନ୍ଦକୁ ଖୋଜି ଖୋଜି ଶେଷରେ ଆନନ୍ଦ ନାମରେ ନାମିତ ହେଲି । ସେ ଆନନ୍ଦ କେଉଁଠି ? କଳା ନା ଗୋରା ? ରାତି ନା ଦିନ ? ବାଳକ ନା ବୃଦ୍ଧ ? ଶୂନ୍ୟ ନା ରୂପ ? କିଏ କହିପାରିବ କି ? ସେ ଆନନ୍ଦକୁ ଦିନେ ଯଶୋଦା ପାଇଥିଲେ । ଗୋପୀ ଗୋପାଳ ମାନେ ପାଇଥିଲେ । ଅମାପ ଆନନ୍ଦ । ଅକ୍ରୂର, ଉଦ୍ଧବ, ମୀରା ଆଦି ଭକ୍ତ ମାନେ ଦାଢ୍ୟତା ଭକ୍ତିର ଏଇ ଆନନ୍ଦ ଲାଭ କରିଥିଲେ । ଶିଶୁ ଖେଳନା ପାଇଲେ ଯେଉଁଭଳି ଆନନ୍ଦ ପାଏ, ସେହି ଭଳି ଭଗବାନଙ୍କୁ ଶିଶୁର ଖେଳନା ସଦୃଶ ମନେକରି ଆନନ୍ଦ ପାଅ । ସଦାବେଳେ ବାଳକ ମନୋଭାବ ଆଣ । ସତ୍ୟକୁ ସମୁଦ୍ର ଭଳି ଭଲପାଅ । ସତ୍ୟ ସଭିଙ୍କୁ ସମତା ଦିଏ, ଶାନ୍ତି ଦିଏ, ଆନନ୍ଦ ଦିଏ । ହେ ମନୁଷ୍ୟ କାହାପାଇଁ ଏତେ ହିଂସ୍ର ଭାବାପନ୍ନ । କିଏ ତୋର



Scanned by CamScanner

ସାଥୀ ? କିଏ ଭାଇ ବନ୍ଧୁ କୁଟୁମ୍ବ ଆତ୍ମୀୟ ସ୍ୱଜନ ? ମୃତ୍ୟୁରେ କେହି ନୁହଁନ୍ତି । ସେ ସବୁ ତୋର ଜୀବନ୍ତ ସାଥୀ । ସୁଖର ସାଥୀ । ସବୁ ଗୁଡ଼ିକୁ ଅନୁଭୂତିରେ ଆଣ । ଆନନ୍ଦ ,ଶାନ୍ତି ପାଇବାକୁ ଇଚ୍ଛାକର । ନିଶ୍ଚୟ ମିଳିବ । ସତ୍ୟରେ ସବୁ ସମ୍ଭବ ହୁଏ । ଏହାହିଁ ଧ୍ରୁବ ସତ୍ୟ । ❑

## ସାଧୁ ଓ ସାରୁ ପତ୍ର

ସାରୁପତ୍ର, ଆକାଶ, ଜଳ । ସାରୁପତ୍ର ତଳେ ଥାଏ ବର୍ଷାଜଳ । ଆକାଶରୁ ଆସେ । ମିଶି ନମିଶିଲା ପରି ସାରୁ ପତ୍ରରେ ଜଳ ରହେ । ସଂସାରୀ ସହିତ ସନ୍ନ୍ୟାସୀର ଭାବ ସେହିପରି । ସାରୁ ପତ୍ର କୁହେ ଜଳର ମୋ ସହିତ ଭାବ ନଥିଲେ ମୋଭିତରେ ରହିପାରୁଛି କେମିତି ? ଜଳରୁ ସର୍ବେ ତିଆରି । କିନ୍ତୁ ସାଧୁର ଭାବ ସାରୁ ପତ୍ରରେ ଜଳରହିବା ସଦୃଶ । ପତ୍ରଟି ସଦାବେଳେ ପାତ୍ର ସଦୃଶ ଆଶା କରିଥାଏ । କୃପା, କରୁଣା ବର୍ଷାଜଳ ଯୋଗହୁଏ । ସାଧୁ ସେହିଭଳି ସଂସାରକୁ ପଛରେ ପକାଇବା ଲାଗି ଅଲଗା ରୁହନ୍ତି । ମନକୁ ନିର୍ମଳ କର । ମଳନଥିବା ମନ ଈଶ୍ୱରଙ୍କ ପାଖରେ ସହଜରେ ପହଞ୍ଚିଯାଏ । ଯେତିକି ସମୟ ପାଇଁ ହେଉ ପଛେ ଯୋଗ କରୁଥାଅ । ଏଭଳି ଯୋଗକର ଯେପରି ସାରୁ ଶରୀରରେ ଜଳ ପରିପୂର୍ଣ୍ଣ ଥାଏ । ପତ୍ରର ଉପର ପଟରେ ଜଳ ନଥାଏ କାହିଁକି ? ସାଧୁ, ସନ୍ନ୍ୟାସୀ,ଋଷି, ମୁନି ଏହି ଭଳି ଶିକ୍ଷା ଲାଭ କରିଥାନ୍ତି । ସୂର୍ଯ୍ୟ ଉଇଁଲେ ସାରା ପୃଥିବୀରେ ଆଲୋକ ବିଛାଡ଼ି ହୋଇ ପଡ଼ିବ । ଚନ୍ଦ୍ର ମଧ୍ୟ ଅନୁରୂପ କିରଣ ପ୍ରଦାନ କରେ । ସାଧୁ ଠିକ୍ ସେମିତି । ଶିଶୁର ସ୍ୱଭାବ, ପଶୁର ସ୍ୱଭାବ କେତେକାଂଶରେ ସାଧୁଠାରେ ମିଶିକରିଥିବାରୁ ସେମାନେ ବଣ, ଝାଡ଼ଜଙ୍ଗଲରେ ରହିପାରନ୍ତି । ଜଳ ଯେପରି ଜୀବଜଗତ ବୃକ୍ଷଲତାଙ୍କୁ ଭଲପାଏ ସେପରି ଭାବେ ପବନ ମଧ୍ୟ ସମସ୍ତଙ୍କୁ ଭଲ ପାଏ । ମାତ୍ର ସେ ସବୁରିର ଗତିବିଧି ସମାନ ନଥାଏ । ଉଚ୍ଚ ନୀଚର ପରିମାଣ ପିଲା ଦୌଡ଼ିଲା ଖେଳିଲା ଭଳି ହୁଏ । ତେଣୁ ଅନେକ କ୍ଷେତ୍ରରେ କୁହା ହୋଇଛି ସାଧୁ ସାବଧାନ । କାହିଁକି ? ସାଧୁ ସାଧନା ସାଧିଲେ ସମାଧିସ୍ଥ ହୋଇଯାଏ । ସାଧନା



ସତ୍ୟ ପଥର ପଥିକୀ କରାଏ । ସାଧୁର ନିୟମ ଦୁଇ, ତିନି, ପାଞ୍ଚ, ସାତଘର ଦ୍ୱାରସ୍ଥ ହୋଇ ପାରିବେ । ଭଗବାନଙ୍କର ଏକ ଅଂଶ ନାରଦ । ସାଧୁ ସାମ୍ୱାଦିକ, ଆଦେଶର ଦାସ ଏମାନେ ସ୍ଥଳ ବିଶେଷରେ ଯେ ଯେଉଁ ସ୍ଥାନରେ ଯୋଗ ହେବେ । ପ୍ରାଣୀମାନଙ୍କ ଦୁଃଖକୁ ନେଇ ସାଧୁ ଭଗବାନଙ୍କ ପାଖରେ ସମର୍ପିତ କରାଏ । ଭଗବାନଙ୍କ ପାଖରୁ ଆଶୀର୍ବାଦ ଆଣି ସାଧୁ ସଂସାରୀ ଓ ପ୍ରାଣୀ ଜଗତକୁ ଆର୍ଶୀବାଦ ଦିଏ । ନାରଦ ଭଳି ସାଧୁ ମଝିର ସାକ୍ଷୀ ସଦୃଶ । ସେ ସାରୁପତ୍ର ପରି ଭଲମନ୍ଦ, ପାପ ପୁଣ୍ୟ କାହିଁରେ ଲିପ୍ତ ନଥାଏ । ❑

## ସତ୍ୟ ଓ ଗୁରୁ ପ୍ରେମ

ପରମ ବ୍ରହ୍ମ ଚେତନା ଲାଭ କରିବାକୁ ହେଲେ ପରମ ପ୍ରେମ ସହିତ ଭାବ ଆଦାନ ପ୍ରଦାନ କରିବାକୁ ହେବ । କାଇଁଚ ସିନା ଦେଖିବାକୁ ସୁନ୍ଦର ତାହା କିନ୍ତୁ ପଙ୍କରେ ନାଶ ହୋଇଯାଏ । ଦେହ ଯୌବନ ଜୀବନ ସବୁ ସୁନ୍ଦର । କଳଙ୍କ ଲାଗିଲେ କାଇଁଚ ସଦୃଶ ନାଶଯାଏ । ପ୍ରେମ କିନ୍ତୁ ଅକଳଙ୍କ । ହରିବୋଲ, ହୁଳହୁଳି ଅକଳଙ୍କ । ଅଗ୍ନି କାହାରି ବନ୍ଧୁ ନୁହେଁ ପୁଣି ବନ୍ଧୁ ଭାବରେ ସାହାଯ୍ୟ କରେ ସେହି । ସମସ୍ତ ପ୍ରକାର ପାକ ପ୍ରସ୍ତୁତ ହୁଏ । ଛପନ ଭୋଗ ତିଆରି ହୁଏ ଅଗ୍ନି ଇଚ୍ଛା କଲେ କ୍ଷଣକରେ ସମସ୍ତ ପୋଡ଼ି ପାଉଁଶ କରିଦେବ । ସମସ୍ତଙ୍କୁ ତେଣୁ ହୋସିଆର କରେ । ବେ-ହୁସିଆରୀ ହେଲେ ମୁଁ କ'ଣ କରିବି ? ପୋଡ଼ିଯିବ । ସର୍ବ ଉପରେ ଅଭିଶପ୍ତ ଅଗ୍ନି କାହାରିକୁ ରଖେ ନାହିଁ । ଜଠର ଅଗ୍ନି, କପାଳ ଅଗ୍ନି, କ୍ରୋଧାନଳ, କାମନାନଳ, ଏମିତି କେତେ ପ୍ରକାର ଅଗ୍ନି ରହିଛି । କାମନାନଳ ସବୁଠାରୁ ଶକ୍ତିଶାଳୀ । ସେ କାହାରିକୁ ଛାଡ଼ିନାହିଁ । ପ୍ରେମ କିନ୍ତୁ ସବୁରି ଉର୍ଦ୍ଧ୍ୱରେ । କଳିଯୁଗରେ ନାନା ପ୍ରକାର ଅଗ୍ନି ଜାତ କରିବାର ବୁଦ୍ଧି ତିଆରି ହୋଇଛି । ସୂର୍ଯ୍ୟ ଯଦି ଆକାଶରେ ନରହିଲେ, କେଉଁଠି ଅଗ୍ନି ବାହାରିବ ନାହିଁ । କେଉଁ ଫୁଲ ମଧ୍ୟ ବାସ ଦେବ ନାହିଁ । ସବୁ ଧ୍ୱଂସ ପାଇଯିବ । ପୃଥିବୀ ଥିବାଯାଏ ପ୍ରେମ ରହିଛି, ରହିବ । କାମନା ରହିଛି ରହିବ । କାମନାରୁ



Scanned by CamScanner

ସ୍ତିରୀ ପୁରୁଷ ଉପ୍ତି । କେହି କାହାକୁ ସାଙ୍ଗରେ ନେଇ ପାରିବେନି କାରଣ କେହି କାହାକୁ ସାଙ୍ଗରେ ଆଣିନଥିଲେ । ଏକ -ଦୁଇ- ତିନି କରି ଏମିତି ପୃଥିବୀ ତିଆରି ହୋଇଛି ।

ସତ୍ୟ, ଶାନ୍ତି, ଦୟାକ୍ଷମା ସମସ୍ତେ କୁହନ୍ତି । ଆହୁରି ମଧ୍ୟ କହନ୍ତି ଧର୍ମ ଅର୍ଥ କାମ ମୋକ୍ଷ । କିଏ ଦେଖିଛି କି ? ତାର ରୂପ କଣ ? କେଉଁଠୁ ଆସେ କେଉଁଠାକୁ ଯାଏ । କେହି କେହି ଅନୁଭବ କରି ଥାଇ ପାରନ୍ତି । ଚନ୍ଦ୍ରାଲୋକର ଶୀତଳତା ସମସ୍ତଙ୍କୁ ଶାନ୍ତିଦିଏ । ଶାନ୍ତିର ଅନ୍ୟନାମ ପ୍ରେମ । ପ୍ରେମ ସହିତ ଈଶ୍ୱରଙ୍କର ସଂପର୍କ ଆମୂଳ । ପ୍ରେମ ଓ ଈଶ୍ୱର ଦୁହେଁ ବନ୍ଧୁ-ବନ୍ଧନ । ପ୍ରେମର ବନ୍ଧନ ସହଜରେ ଛିଡ଼େ ନାହିଁ । ପ୍ରେମର ପରିଚୟ ପାଇବାକୁ ହେଲେ ପ୍ରଥମେ ସତ୍ୟ ଲୋଡ଼ା । ସତ୍ୟକୁ ପାଇବାକୁ ହେଲେ ଦିନରାତି ମିଥ୍ୟା ସଂଗରେ ସଂଘର୍ଷ କରିବାକୁ ହେବ । ଜଗତରେ ଯେତେ ପତଳା ଅଛି, ପବନ ଠାରୁ ପତଳା ନାହିଁ । ଶିମିଳି ତୁଳା ଠାରୁ ହାଲୁକା ନାହିଁ । ନକ୍ଷତ୍ର ଠାରୁ ଉଜ୍ଜ୍ୱଳ ନାହିଁ । ସବୁରି ଭିତରେ ବିଜୁଳି ଭଳି ଚମତ୍କାର ଗୁଣ କାହାରି ନାହିଁ । ତୁମର ଦେହ ପ୍ରାଣ ବିଜୁଳି ସଦୃଶ । କେଉଁ ମୁହୂର୍ତ୍ତରେ ଆସି କେଉଁ ମୁହୂର୍ତ୍ତରେ ଚାଲିଯିବ । କିନ୍ତୁ ପ୍ରେମ ! ଅକ୍ଷୟ ଅନନ୍ତ । ତାର ମୃତ୍ୟୁ ନାହିଁ । ପ୍ରେମ ପାଇବାକୁ ହେଲେ ଗୁରୁ ଦରକାର । ଗୁରୁ ସାକ୍ଷାତ୍ ପରମ ବ୍ରହ୍ମ । ତେଣୁ କୁହଯାଏ- ''ଅନନ୍ତ ନାମେ ଅନ୍ତ ନାହିଁ । ଅଣ ଅକ୍ଷରେ ଯାର ଦେହୀ ।'' ସେ ଅଚ୍ୟୁତ । ଯିଏ ଚ୍ୟୁତ ହୋଇ ପାରି ନାହାନ୍ତି । ସିଏ ଅନଙ୍ଗ । ଅନଙ୍ଗ ସହିତ ବନ୍ଧୁ କଲେ ବନ୍ଧନରୁ ମୁକ୍ତ ହେବ । ସେ ବନ୍ଧନର ଅନ୍ୟନାମ ଆନନ୍ଦ ରଜ୍ଜୁ । ଯେଉଁଥିରେ ଭକ୍ତ ଭଗବାନଙ୍କୁ ବାନ୍ଧିବାକୁ ସକ୍ଷମ ହୁଏ । ଗୋପୀକା ମାନେ ମଧ୍ୟ କୃଷ୍ଣଙ୍କୁ ବାନ୍ଧିଥିଲେ । ସେହି ବନ୍ଧନ ସବୁରି ଘରେ ଘରେ ସବୁରି ହୃଦୟରେ ହୃଦାନନ୍ଦ ରୂପରେ ଅଖଣ୍ଡ ଜ୍ୟୋତି ପ୍ରକଟ କରୁଅଛି । ସେହି ବନ୍ଧନରେ ବାନ୍ଧି ହେବା ପାଇଁ କେତେ ମୁନିରଷି ହିମାଳୟ ପାଦଦେଶରେ ଶରୀରକୁ ବରଫ ଖଣ୍ଡରେ ପରିଣତ କରିଛନ୍ତି । ସେ ଆନନ୍ଦର ସ୍ୱରୂପ କେହି କହିପାରିବ କି ? କେବଳ ଅନୁଭବୀ କହି ପାରିବ । ଯେଉଁ ସ୍ଥାନକୁ ସଧାରଣ ମାନବ ଯାଇ ପାରୁନଥିଲେ



ସେଠାରେ ଆଜି ବିଜ୍ଞାନ ଯାଇଛି । ମାତ୍ର ଯେଉଁ ଅଗମ୍ୟ ସ୍ଥାନକୁ ମୁନିରଷିମାନେ ଯାଇଛନ୍ତି ସେଠାରେ ବିଜ୍ଞାନ ପ୍ରବେଶ କରିପାରିଛି କି ? ବୋଧହୁଏ ଉତ୍ତର ହେବ ନାଁ । ଅଣସାଧନାରେ ଅମନ କୁମନ ବିମନକୁ ଧରି ସୁମନର ନିକଟତର ହେଉଥିଲେ ଓ ଶେଷରେ ସେହି ପରମବ୍ରହ୍ମ ପ୍ରେମମୟ ସତ୍ତାର ସାନିଧ୍ୟ ଲାଭ କରିଥିଲେ । ସତ୍ୟର ସନ୍ଧାନ କରିଥିଲେ । ସର୍ବୋପରି ଆନନ୍ଦ ଓ ପ୍ରେମକୁ ନିଜହୃଦୟରେ ଏକାକାର କରି ପୃଥିବୀର ଗତି ଓ ପ୍ରକୃତିକୁ ଜାଣି ପାରିଥିଲେ । ଏହା କେବଳ ସମ୍ଭବହୋଇ ଥିଲା ସାଧକର ଐକ୍ୟାନ୍ତିକ ନିଷ୍ଠା, ସତ୍ୟ ଓ ଗୁରୁ ପ୍ରେମ ଯୋଗୁ । ❑

## ଅଚ୍ୟୁତ ପରିଚୟ

ମଥୁରାରେ ଜନ୍ମ କାଳରେ ମୋ ନାଁ କିଏ ଦେଇନଥିଲେ । ଦେବକୀ କୃଷ୍ଣ ବୋଲି ଜାଣେ । ମୋ ନାଁ ମୁଁ ତାକୁ କହିଥିଲି । ଗୋପୀ ଗୋପାଳଙ୍କ ସଙ୍ଗେ ମିଶିବାରୁ ମୋ ନାଁ ଗୋପାଳକୃଷ୍ଣ । ଯଶୋଦା କୋଳରେ ବଢିବାରୁ ମୋ ନାଁ ଯଶୋଦାସୁତ । ନନ୍ଦ କୋଳରେ ଥିବାରୁ ଗୋବିନ୍ଦ । ଯଦୁକୂଳରେ ଥିଲି ଯାଦବ । ମଧୁ ପୁରରେ ମୋ ନାଁ ମାଧବ । ଏହିଭଳି ମୁଁ ରୂପରୁ ରୂପାନ୍ତର । କହିଲେ ସରିବ ନାହିଁ । ସହସ୍ର ନାମମୋର । ସଂପୂର୍ଣ୍ଣ ନହେବାରୁ ମୋ ନାଁ ଅଶେଷ ଶେଷ ଦେବ । ସର୍ବଶ୍ରେଷ୍ଠ ଉଚ୍ଚ ଜ୍ଞାନୀ ମୋତେ ଉଚ୍ଚରେ ରଖନ୍ତି । ନିମ୍ନଜ୍ଞାନୀ ନିମ୍ନରେ ରଖନ୍ତି । ଏଣୁ ରାଧା କୋଳରେ ମୁଁ ରାଧାନାଥ । ଗୋପାଳ ମାନଙ୍କ ସାଙ୍ଗରେ ମୁଁ ସଖାକୃଷ୍ଣ । ମୋ ନାଁ କଂସଜାଣେ । ଜନ୍ମ ନ ହେବା ଆଗରୁ ଦେବକୀ ଜାଣେ । ଯେ ଭକ୍ତ ଯେଉଁ ଭଳି ଭାବନା କରେ ମୁଁ ସେହିଭଳି ଭାବ ଗ୍ରହଣ କରେ । ତେଣୁ ମୋର ନାମ ଭାବଗ୍ରାହୀ । ମୋରୂପ ମୋତେ ଅଗୋଚର । ଯାହାର ଅଙ୍ଗନାହିଁ ତେଣୁ ଅନଙ୍ଗ । ଇଚ୍ଛାମୟ ମୋର ଏଭଳି ରୂପରେ ଆକୃଷ୍ଟ ହୋଇ ସହସ୍ର ରୂପେ ସହସ୍ର ଜଣଙ୍କୁ ପରିଚୟ କରାଇବେ । ଯେଉଁଠାରେ ମୋ ରୂପ ଆସେ ମୁଁ ସେମାନଙ୍କୁ ଦେଖା ଦେବାପାଇଁ ସେ



Scanned by CamScanner

ସ୍ଥାନର ନାମ ଗୋଲକ ରଖିଛି । ମୁଁ ଗୋଲକରେ ବିହାର କରେ । ତାର ଅନ୍ୟନାମ ବୈକୁଣ୍ଠ । ତେଣୁ ମୁଁ ଗୋଲକ ବିହାରୀ ବୈକୁଣ୍ଠାଧିପତି । ଖଳ ଜଗତ୍ର ଠାରୁ ବହୁ ଦୂରରେ ଥାଏ । ଷୋଳକଳାରୁ ଜାତ ହେତୁ ମୋ ନାମ ଅନନ୍ତ, ଅଚ୍ୟୁତ ।

ମୋହର ଆଦିଅନ୍ତ ନାହିଁ । ତୁ ଇଚ୍ଛା କଲେ ଆସେ ମୁହିଁ ।
ତୋ ମନ ତୋତେ ଶାନ୍ତି ଦେଇ । ଶୂନ୍ୟେ ଚଳଇ ଶୂନ୍ୟଦେହୀ ।
ସର୍ବ ରୂପରେ ମୋର ପ୍ରାଣ । ମୁଁ କରେ ପ୍ରାଣୀ ପରିତ୍ରାଣ ।
ମୋବିନୁ ଆନ ଗତି ନାହିଁ । କି ମାତ୍ର ସର୍ବ ଗତି ପାଇଁ ।
ମୋଠାରୁ ମୋର ଭକ୍ତ ଜାତ । କରାନ୍ତି ମୋ ନାମ ବିଖ୍ୟାତ ।
ତେଣୁ ମୁଁ ତାର ସଂଗେ ଥାଇ । କିଞ୍ଚିତେ କିଞ୍ଚିତେ ଦେଖାଇ ।
ଭକ୍ତ ଭକ୍ତିରେ ମୁହିଁ ବଂଧା । ଭକ୍ତ ମୋ ନାମ କରେ ଫନ୍ଦା
ଭକ୍ତର ଲାଗି ଭଗବାନ । ତାଠାରେ ନାହିଁ ବଡ଼ ସାନ ।
ମୋ ଭକ୍ତ ଯାଏ ଯେତେଦୂର । ମୁଁ ଥାଏ ସଂଗତେ ତାହାର ।
ବିଶ୍ୱରେ ଏକରୂପ ମୁହିଁ । ମୋଠାରୁ ଆଉ ଆନ ନାହିଁ ।
ପୂର୍ବ ପଶ୍ଚିମ ଚାରିଦିଗ । ଚାରି ଯୁଗର ଚାରିଭାଗ ।
ଚାରି ସୂତ୍ରକୁ ଏକ କଲି । ଚତୁର୍ଥ ରୂପ ପ୍ରକାଶିଲି ।
ଏକଠାବରେ ନାହିଁ ମୁହିଁ । ଭ୍ରମେ ବିଶ୍ୱରେ ଅଣୁ ହୋଇ
ସୂକ୍ଷ୍ମରୁ ସୂକ୍ଷ୍ମ ଯା ଶରୀର । ନୁହଁଇ ସ୍ଥୂଳ ଦେହ ମୋର
ଏ ଭାବେ ନାମ ଭାବଗ୍ରାହୀ । ଭାବରେ ନିକଟେ ଆସଇ । ❑

## ଧର୍ମ

ଆମର ରାମାୟଣ, ମହାଭାରତ, ଭଗବଦ୍ ଗୀତା, ଚଣ୍ଡୀ ପୁରାଣ ହରିବଂଶ ଆଦି ଅନେକ ପୁରାଣ ରହିଛି । ସାମାଜିକ ଜୀବନରେ ଏଗୁଡ଼ିକର ଉପାଦେୟତା ଖୁବ୍ ବେଶି । ଏଗୁଡ଼ିକ ପୁରୁଣା କଥା । ସେହି ନୀତିରେ ଆମେ ଚଳିଲେ ସାଧୁଜ୍ଞାନ ପାଇବା । ଯେଉଁ ଅସାଧୁତା ଆମକୁ ଅବାଟରେ ପକାଇ



ଗ୍ରାସ କରି ସାରିଲାଣି, ତା ଭିତରୁ ରକ୍ଷା ପାଇବା ପାଇଁ ସତ୍ୟର ଠାକୁର ଜଗନ୍ନାଥଙ୍କ ପାଦତଳେ ଶରଣ ପଶ । ସେହିଁ ରକ୍ଷାକର୍ତ୍ତା, ଦିଗ୍‌ଦ୍ରଷ୍ଟା ସମସ୍ତଙ୍କର ଶୁଭ ଚିନ୍ତକ । ସେ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ମନେକର ଆମର କଟକ ଭିତରକୁ ଯିବା ପାଇଁ ଜଳରାସ୍ତା, ସ୍ଥଳରାସ୍ତା ଆଦି ସବୁ ପ୍ରକାର ରାସ୍ତା ଅଛି । କଟକ' କାହାରିକୁ ମନା କରୁନାହିଁ । ସେହିପରି ଜଗନ୍ନାଥ ତା ପାଖକୁ ଆସିବା ପାଇଁ ସବୁବେଳେ ସବୁବାଟ ଖୋଲା ରଖିଛନ୍ତି । ଯିଏ ଯୋଉ ବାଟରେ ଗଲା । ଅନନ୍ତ ଏ ବିଶ୍ୱ । ଯିଏ ଯେପରି ବୁଝିଲା, ସେପରି ପାଇଲା । ଗୀତାରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଏକଥା କହିଅଛନ୍ତି । ସୁଜ୍ଞାନ, ସୁଶିକ୍ଷା, ସୁଚେତନା ସୁକର୍ମ ଇତ୍ୟାଦି ବିଷୟରେ ସୂଚନା ପ୍ରାଞ୍ଜଳଭାବେ ଦେଇଛନ୍ତି । ଏଥିରେ ଯାହାଅଛି ଅନ୍ୟ କେଉଁ ପୁସ୍ତକରେ ତାହା ମିଳିପାରିବ ନାହିଁ । ସେଥିରେ ଥିବା ମହାନ ବାଣୀକୁ କେହି କେହି ସ୍ୱ ଅର୍ଜିତ ସଂପତ୍ତି କରି ଦେଲେଣି । ମିଠା ହିଁ ମିଠା । ମିଠାକୁ ଛାଡ଼ିଲେ ଯେତେ ପ୍ରକାର ରକମ ତିଆରି ହୁଏ ତାହାସବୁ ମିଠା ଜାତୀୟ ନାମ ଧାରଣ କରନ୍ତି । ସର୍ବ ଉପରେ ସତ୍ୟ ସନାତନ ଧର୍ମ ହିଁ ମିଠା । ଯେତେଧର୍ମ ସମସ୍ତଙ୍କୁ ସମତା ସୂତ୍ରରେ ଏକତ୍ର ରଖିପାରେ ସିଏ ସନାତନ ଧର୍ମ । ଯିଏ ସମସ୍ତ ସହିପାରେ, ସିଏ ସନାତନ । ସନାତନଧର୍ମ ରଜତ ବସ୍ତ୍ର । ଏହା ଆଦିଧର୍ମ । ସନାତନ ଧର୍ମରୁ ଅନ୍ୟ ସବୁଧର୍ମ ଶିକ୍ଷା କରିଛନ୍ତି । ବଟ ବୃକ୍ଷରେ ଯେତେପ୍ରକାର ବିହଙ୍ଗ ଅଛନ୍ତି ସମସ୍ତେ ବସା କରିଛନ୍ତି । ଶାଗୁଣା, ଚିଲ ସମେତ ଅନ୍ୟାନ୍ୟ ଅନେକପକ୍ଷୀ । କେତେ କିଚିର ମିଚିର ଶବ୍ଦ । ବଟବୃକ୍ଷ କାହାରିକୁ ମନାକରେ ନାହିଁ । ତାର ଅନେକ ଶାଖା ପ୍ରଶାଖା ପରି ସନାତନଧର୍ମ । ନଦୀର ଲକ୍ଷ୍ୟ ସମୁଦ୍ର ସହ ମିଶିବା । ଯେତେ ସାଧୁ ସନ୍ନ୍ୟାସୀ, ମୁନିଋଷି ଅଛନ୍ତି ସେମାନଙ୍କର ଲକ୍ଷ୍ୟ ଈଶ୍ୱରାତ୍ମା ସହ ଏକାକାର ହେବା । ପ୍ରଭୁ କୃପାରେ କୃପା । ଯାହାକୁ ଯେତିକି ମିଳିବାକଥା ସେତିକି ମିଳିବ । ସେଥିରେ ଆତ୍ମ ସନ୍ତୋଷ ଲାଭ୍ କରିବା ଠିକ ହେବ । ସବୁ ନଦୀ କ'ଣ ସମୁଦ୍ରରେ ମିଶନ୍ତି ? ମିଶିବା ଆଗରୁ କିଛି କିଛି ଅଧାରେ ଶୁଖି ଯାଆନ୍ତି । ସେପରି ମାନବ ସାଧୁ ସନ୍ନ୍ୟାସୀ ମୁନିଋଷି ଗଣ ।



Scanned by CamScanner

ସର୍ବେ ସମୁଦ୍ର ହୋଇ ପାରିବେ ନାହିଁ । ଯେ ପର୍ଯ୍ୟନ୍ତ ସମୁଦ୍ର ହୋଇ ନପାରିଛ ସେ ପର୍ଯ୍ୟନ୍ତ ସମୁଦ୍ର ଭଳି କଥା କୁହ ନାହିଁ । ସର୍ବେ ଯଦି ଅଗସ୍ତି ହେବେ, ଜଳକୁ ମନ୍ତ୍ର ବଳରେ ଶୋଷିଦେଲେ ଜଳରେ ଥିବା ମୀନ ଗୁଡ଼ିକ ଛଟପଟ ହେବେ ହିଁ ହେବେ । ଯଥା ମୀନ ତଥା ମନୁଷ୍ୟ । ଆଜିକାଲି ବିଜ୍ଞାନଯୁଗ । ଜ୍ଞାନ କାହିଁ ? ଆଗେ ବାରବର୍ଷ ଗୁରୁର ସେବା କଲେ କିଛି ମିଳୁଥିଲା । ଆଜିର ଶିଷ୍ୟ ଚାହେଁ ରାତାରାତି ଲମ୍ୱାଦାଢୀ ବନେଇବ । ଗୁଡ଼ିଏ କାଗଜ ଚିତ୍ର ବିଚିତ୍ର ହୋଇ ଛପାହେଉଛି । ତେଣୁ ବେଦ ଉପନିଷଦ ମୁନି ଋଷିଙ୍କର ବାଣୀ ଠୁଙ୍ଗାତଳେ । ସେମାନଙ୍କର ମହତ୍‌କାଂକ୍ଷା ପୂରଣ ହୋଇ ପାରିଛି କି ? ପ୍ରଚାର ପ୍ରସାର ସବୁ ଆଗେଇବା ପାଇଁ । ଆମେ ନିଜକୁ ସମୀକ୍ଷା କରିବା ଦରକାର ପ୍ରକୃତରେ ଆମେ ଆଗେଇଛେ ନା ପଛେଇଛେ । ଚରିତ୍ର ଆମ୍ଭର କିଭଳି ? ହରି ଚରିତ୍ର ରାମ ଚରିତ୍ର, କୃଷ୍ଣ ଚରିତ୍ର, ଶ୍ରୀ ଚୈତନ୍ୟ, ବିବେକାନନ୍ଦ, ଗୋପବନ୍ଧୁ ଚରିତ୍ରକୁ ଆଖି ଆଗରେ ରଖି ଆମ ଚରିତ୍ର ସଂଶୋଧନ କରବା ବିଧେୟ । ହନୁମାନ, ଅକ୍ରୁର, ଭୁଷଣ୍ଡ, ଉଦ୍ଧବ, ଅର୍ଜ୍ଜୁନ ଓ ଅନ୍ୟମାନେ ଚରିତ୍ରକୁ ଯେଭଳି ରଖି ପାରିଥିଲେ । ପ୍ରଭୁ ଚରିତ୍ର ପ୍ରଚାର ଭକ୍ତ ହୃଦୟର ପରିବର୍ତ୍ତନ ନିମିତ୍ତ । ପଞ୍ଚରଙ୍ଗୀ କାଗଜ, ସାମିୟାନା ଚାଦର, ରଙ୍ଗବୋଳା ବଲ୍‌ର ବୃଥା ଆଡମ୍ବରରୁ କ'ଣ ମିଳିବ ? ସାଧୁସନ୍ଥ ମାନେ ବୃକ୍ଷ ଡ଼ାଳରେ ପତ୍ରରେ ନିଜ କୁଂଜକୁ ସୁସଜ୍ଜିତ କରିଥାନ୍ତି ସଂସ୍କାର ଆଣିବା ପାଇଁ । ରଙ୍ଗ ବେରଙ୍ଗର ଉପଢ଼ୌକନ ଆକୃଷ୍ଟ କରି ଛାମୁଡ଼ିଆ ତଳେ ବିରାଟ ଭାଷଣ ଭାଷିବାର ମାନେ କ'ଣ ଥାଏ । ମହାପୁରୁଷ ନାମରେ, ଦେବା ଦେବୀ ନାମରେ, ସାଧୁ ସନ୍ନ୍ୟାସୀ ନାମରେ ଗୁଡ଼ିଏ ଲୋକ ନିରୀହ ଗରିବମାନଙ୍କଠାରୁ ଜୋର ଜବରଦସ୍ତି ଚାନ୍ଦା ଆଦୟକରି ସଭା, ସମିତି, ଧର୍ମ ପ୍ରଚାର କରନ୍ତି । ପ୍ରକୃତରେ ସେଠାରେ କ'ଣ ଧର୍ମ ଥାଏ । ଧର୍ମ ହେଉଛି ମାନବୋଚିତ ଧର୍ମ । ସତ୍ୟାଶ୍ରୟୀ ସଦ୍‌ଗୁଣ ସଂପନ୍ନ ବ୍ୟକ୍ତି ନିଜର ଯଥାଯଥ କର୍ମ ପାଳନକରି ମାନବଧର୍ମ ରକ୍ଷା କରନ୍ତି । ମାଳା ଜପିବାରେ ନଥାଏ, ଥାଏ କର୍ମରେ । କର୍ମ ହିଁ ଧର୍ମ, ଧର୍ମ ହିଁ କର୍ମ । ଏ ବାବା ଛାଡ଼ି ସେ ବାବା, ସେ ବାବା ଛାଡ଼ି ଏ ବାବା ମିଶିବାରେ ଧର୍ମ



ନାହିଁ । ସତ୍ୟକୁ ସାଧନା କଲେ ସାଧୁତା ବଢ଼େ, ହିଂସାକୁ ତ୍ୟାଗ କଲେ ଅହିଂସା ଆସେ । ସର୍ବୋପରି ଅଷ୍ଟସାତ୍ତ୍ୱିକ ଗୁଣ ବିକଶିତ ହୋଇପାରିଲେ ଯଥାର୍ଥ ଧର୍ମ ପାଳିତ ହୋଇଥାଏ । ❑

## ବିଶ୍ୱାସ

ସାଗରର ପରିମାପ ମୀନ ଜଗତ ଅଗଣିତ ଅମାପ । କେତେବେଳେ କେଉଁ ରୂପରେ ସେମାନେ ସଂଘ ଧରି ଚାଲନ୍ତି । କେତେବେଳେ ମଧ୍ୟ ଜମା ନଥାନ୍ତି । କିନ୍ତୁ ସାଗର ଭିତରେ ଥାଆନ୍ତି । କେତେବେଳେ ଜଣେ ଅଧେ ସଂଘଛାଡ଼ି ବାହାରକୁ ଆସନ୍ତି । ବେଳେବେଳେ ଅସୁବିଧାରେ ପଡ଼ି ମୃତ୍ୟୁ ବାହାରକୁ ଆସନ୍ତି । ସେହି ସମୁଦ୍ର କେତେବେଳେ ଉତ୍ତେଜିତ ହୁଏ ତ, କେତେବେଳେ ଥଣ୍ଡାହୁଏ । ମୀନ ମାନେ ଜଳର କ୍ଷୟ ବୃଦ୍ଧି ଜାଣନ୍ତି । ସଂସାର ମଧ୍ୟ ଠିକ୍ ସେହି ସଦୃଶ । କେତେବେଳେ କେଉଁରୂପ ଧାରଣ କରେ, ତାହା କହି ହେବ ନାହିଁ । ମୀନ ଜଗତ ଭିତରେ ରାକ୍ଷସ ମଧ୍ୟ ଅଛନ୍ତି । ବିଭିନ୍ନ ପ୍ରକାରର ଜଳରାକ୍ଷସ ଅଛନ୍ତି । ମନୁଷ୍ୟଙ୍କ ଭିତରେ ବିଭିନ୍ନ ପ୍ରକାରର ଲୋକ ଅଛନ୍ତି । ସିଂହ ନଖ ଯଦି ନାହିଁ ତା'ଠାରୁ ବଳି ଅଛି । ଷଢ଼ଯନ୍ତ୍ର ରୂପକ ସିଂହ ମାରଣାସ୍ତ୍ର ନିଜେ ମାରି ନପାରିଲେ କାହାଦ୍ୱାରା ମରାଇବା । ସଂସାରୀ ମଧ୍ୟ ସେଇ ସଦୃଶ । ପୁତ୍ର କନ୍ୟା ନାତି ନାତୁଣୀ ଏହି ଭଳି ବଢ଼ି ବଢ଼ି ଚାଲେ । କେଉଁଠି ପ୍ରହଲ୍ଲାଦ ପରିପୁତ୍ର ଅଛିତ, କେଉଁଠି ହିରଣ୍ୟ ଭଳି ପିତା ଅଛନ୍ତି । ଆଉ କେଉଁଠାରେ ରାବଣ ଭଳି ପୁତ୍ର ଅଛନ୍ତି ତ ପୁଣି କେଉଁଠାରେ ବିଶ୍ରବା ଭଳି ପିତା ଅଛନ୍ତି । ସମାନ ଭାବ ସମୁଳେ ପୃଥିବୀ ସମକକ୍ଷ ହେଲାଭଳି ଏ ପୃଥିବୀରେ ସମାନ ନାହିଁ । ସବୁ ଯଦି ସମାନ ଥାନ୍ତା ତାହା ହେଲେ ଥାନା, କୋର୍ଟ କଚେରୀ କାହିଁକି ରହନ୍ତା । ସମସ୍ତେ ଯଦି ସମାନ ରହନ୍ତେ ବାପ-ପୁଅ ଠାରୁ ରକ୍ତ ସଂପର୍କ ଏତେ କାହାର ନାହିଁ, ପରସ୍ପର ମନାନ୍ତର କାହିଁକି ହୁଅନ୍ତା ? ସବୁ ଭିତରେ କାଳ ଭିନ୍ନ ପ୍ରକାର ମାୟା ରଚନା କରେ । ମୁନିମାନେ ତେଣୁ



Scanned by CamScanner

କୁହନ୍ତି-''କାଳକୁ କେବା ସାମରଥ । କାଳର ବଶ ଏ ଜଗତ ।'' ବାପ-ପୁଅ କଥା ମନେ ରଖିଛି । ପୁଅ ଯଦି ବାପ କଥା ମନେ ରଖନ୍ତା, ତାହାହେଲେ ବୁଝାମଣା ଭୁଲ୍ ହେବାର କ'ଣ କାରଣ ଅଛି । ସବୁରି ମଧ୍ୟରେ 'କାଳ' ହେଲା ମୂଳ । ସବୁ ବୁଝାମଣାର ଅଭାବ ଭିତରେ ଅଶାନ୍ତି ଆସେ । ନବୁଝିଲା ଲୋକର ସାଆନ୍ତ ହେବନାହିଁ । ବୁଝିଲା ଲୋକର ବରଂ ଗୋଲାମ ହେବ । କ୍ଷମା ସାଧୁ ପାଖରେ ଥାଏ । ଦଣ୍ଡ ରାଜା ପାଖରେ ଥାଏ । ଅନେକ ସ୍ଥାନରେ ମିଳିବ ଭକ୍ତର ଭଗବାନ । ଭଗବାନ-ଭକ୍ତ କମ୍ କରି ହେବ । ଖାତକ ଅନେକ, ମହାଜନ.......!

ସବୁ ଗାଈଠାରେ କ୍ଷୀର ଅଛି । ଦୁଧିଆଳୀ ଗାଈ ଖୁବ୍ କମ୍ । ଅନେକ ହସ ଅଛି । ମୂଲ୍ୟ ହସ-ଅମୂଲ୍ୟ ହସ-ବେହିଆହସ ଇତ୍ୟାଦି । ଅନେକ ସାଙ୍ଗ ଅଛନ୍ତି, କିନ୍ତୁ ସାଙ୍ଗ ପାଇଁ ପ୍ରାଣ ଦେବା ଖୁବ୍ କମ୍ ଅଛନ୍ତି । ମୈତ୍ରକୁ ଦେଖି ଅନେକ ମୈତ୍ର ହେଉଛନ୍ତି, କିନ୍ତୁ ସୁଗ୍ରୀବ ପରି ମୈତ୍ର ନାହାନ୍ତି । ସମର୍ପିତ ପ୍ରାଣ ଯେ ସମସ୍ତେ କରି ପାରିବେ, ବିଭୀଷଣ ପରି ହୋଇ ପାରିବେ ନାହିଁ । ଧନସଂପଦ ପାଇଁ ସେ ରାମ ପାଦରେ ଶରଣାଗତ ହୋଇ ନଥିଲା । ଅନ୍ୟାୟ ସହି ପାରିଲାନି ବୋଲି ଶରଣ ନେଇଥିଲା । ଏବେ ଯାହା କରାଯିବ, ତାର କାରଣ ସତ୍ୟରେ ପରିଣତ ହେବ । ମୁଁ କେମିତି ଜାଣିବି- ଏବେ କାହା ଶରଣ ନେଲେ ଆମେ ସଦ୍‌ଗତି ସହ ରାଜଗାଦି ପାଇ ପାରିବା । ଶ୍ରୀଚୈତନ୍ୟ ନାହାନ୍ତି, ନିଜେ ସ୍ୱୟଂ ଜଗନ୍ନାଥ ଅଛନ୍ତି । ସେ ଜଗତର ନାଥ । ସେ ଅସମ୍ଭବ ନା' ସମ୍ଭବ । ବିଶ୍ୱାସରେ ସମ୍ଭବ । ଅବିଶ୍ୱାସରେ ଅସମ୍ଭବ । ❑

## ଦୁଃଖ

ସଂସାର ଦୁଃଖରେ ପରିପୂର୍ଣ୍ଣ । ଦୁଃଖ- ଅସରନ୍ତି । ଯାହାର ରୂପ, ବର୍ଣ୍ଣ, ନାମ ପ୍ରତି ମୁହୂର୍ତ୍ତରେ ବଦଳିଥାଏ । ଯାକୁ ସାରିବ କିଏ ? ଦୁଃଖ ଯିଏ ଦେଇଛନ୍ତି, ତାଙ୍କ ବ୍ୟତୀତ ଆନ କେହି ସାରି ପାରିବ ନାହିଁ । ସମୟ ଧାର୍ଯ୍ୟ



କରି ସିଏ ଆସିଛି । ଦୁଃଖକୁ ଖରାପ ଭାବ ନାହିଁ । ସେ ଅନେକ ଶିକ୍ଷାଦାନ କରେ । ଅନେକ ବଂଧୁ ପରିଚୟ କରାଏ । ଦୁଃଖ-କେଉଁଭଳି, ତାହା ମଧ୍ୟ ଜାଣିବାକୁ ହୁଏ ।

ଦୁଃଖ କାହାକୁ କୁହାଯାଏ ? କଷ୍ଟ କାହାକୁ କୁହାଯାଏ ? ସର୍ବ ଅଭାବ ଯାହାର, ଭଗବାନ ଯାହାକୁ ଭଲ ପାଆନ୍ତି ନାହିଁ, ତାକୁ ଦୁଃଖ କଷ୍ଟ ବୋଲି ବୁଝିବାକୁ ହେବ । ସବୁ ଥାଇ ଯେଉଁ ଦୁଃଖ ହୁଏ, ତାକୁ ଦୈବୀ ଦଣ୍ଡ ବୋଲି ଗ୍ରହଣ କରିବାକୁ ହେବ । ତା' ପାଇଁ ଏତେ ବିଚଳିତ ହେବା କାରଣ କ'ଣ ?

ସେଇ ଶୂନ୍ୟ ପୁରୁଷ ଅଚ୍ୟୁତଙ୍କର ଶଣାଗତ ହେଲେ ଦୈବୀ ଦଣ୍ଡ କ୍ଷୟ ହୋଇଯାଏ । ସେ ସ୍ୱୟଂ ଭଗବାନଙ୍କ ଅବତାର । ଦୁଃଖ ସତ୍ୟ । ଦୁଃଖ ଚିରନ୍ତନ । ଦୁଃଖରେ ଆନନ୍ଦ ଅଛି । ଦୁଃଖ ସଖା ସହୋଦର । ଦୁଃଖ ଅନେକ ଶିକ୍ଷାଦିଏ । ଅନେକ ସତ୍ୟ ବନ୍ଧୁତ୍ୱ ଓ ପରାମର୍ଶ ଦିଏ । ସୁଖ ଦୁଃଖ ଭଲ ମନ୍ଦ ମନୁଷ୍ୟ ଜୀବନର ଦୁଇ ପାର୍ଶ୍ୱ । ଆଲୋକର ପୂର୍ବରୁ ଅନ୍ଧକାର ଥାଏ । ଏହାର ସମ୍ମିଶ୍ରଣରେ ଭାବ ସଂପ୍ରସାରଣ ହୋଇଯାଏ । କାହିଁକି ? ଯେଉଁ ଆଲୋକରେ ସବୁ କିଛି ଦେଖି ହୁଏ, ସେଇ ଆଲୋକ ବିହୁନେ ମନୁଷ୍ୟ ତାର ପରିଚିତ ପଥରେ ଝୁଣ୍ଟିପଡ଼େ । ଏଣୁ ସାବଧାନରେ ଚଳିବାପାଇଁ ଦୁଃଖ ରୂପକ ଅନ୍ଧାରରେ କଷ୍ଟ ଅନୁଭବ କରିବା ପାଇଁ ଏଭଳି ସମ୍ଭାଳି ପାରୁଥିବା, ଏଭଳି ଦୁଃଖ ହରିଶ୍ଚନ୍ଦ୍ର, ଶୈବ୍ୟା, ସୀତା, ରାମ, ରଘୁ ଅରକ୍ଷିତ, ରାମକୃଷ୍ଣ ଭକ୍ତ ପ୍ରଭୁରେ ପରୀକ୍ଷାର ପରିଚୟ । ସବୁବେଳେ ମିଠା ଖାଇଲେ ଆକସ୍ମିକ କୃମି ଜାତ ହୁଏ । ଭଲ ଦେହଟା କଣ୍ଟୁ ଯନ୍ତ୍ରଣା ଭୋଗ କରିବାକୁ ପଡେ । ତିକ୍ତସାର କେହି ଭୁଲରେ ଖାଆନ୍ତି ନାହିଁ । ହେଲେ ଖାଇବାକୁ ପଡ଼ିବ ।

ପୃଥିବୀ ଷଡ଼ଋତୁ ଛଅଟି ରସରେ ଆବୃତ । ଯେଉଁ ରସ ଯେଉଁ ମାସରେ ଗ୍ରହଣ କଲେ ଉପଯୁକ୍ତ ମିଠା ଲାଭ କରିବ ତାହାହିଁ ମନୁଷ୍ୟ ନିମିତ୍ତ ଶ୍ରେଷ୍ଠ । ପଶୁମାନେ ପିଲାଜନ୍ମ କରନ୍ତି ଋତୁ ସ୍ନାନ କରନ୍ତି ମାତ୍ର ଋତୁ ସ୍ନାନର ଭାବ ଜାଣନ୍ତି ନାହିଁ । ମନୁଷ୍ୟ ସବୁଜାଣେ, ଅଜଣା ହୁଏ କାହିଁକି ?

ବାରଟି ରାଶିର ନଅଟି ଗ୍ରହ ଚକ ସଦୃଶ ମନୁଷ୍ୟକୁ ବୁଲାଉଛନ୍ତି ।



Scanned by CamScanner

ଏଥିରେ ମନୁଷ୍ୟର ବଳ କଳ କୌଶଳ ସବୁ କିଛି କାମ କରେ ନାହିଁ । ଏଣୁ ସେହି ମୁଖରେ ଅତ୍ୟନ୍ତ ପରାକ୍ରମ ଶାଳୀ ସବୁଗୁଣର ଅଧିକାରୀ ରାବଣ, କଂସ, ଦୁର୍ଯ୍ୟୋଧନର ଦୁଃଖ  କି ଭଳି । ଏହା ଦୁର୍ଯ୍ୟୋଗର ନା ସୁଯୋଗର । ସେହି ସମୟରେ ଦୁର୍ଯ୍ୟୋଧନର ମୃଦାହ ଅବସ୍ଥା, ମୃତ୍ୟୁ ନୁହେଁ । ଯେଉଁ ମୁଖରେ ଅପମାନ କଟୁ ବଚନ, ସେହି ମୁହଁରେ ମାନିଯିବା ବୀରତ୍ୱର ପରିଚୟ  ନା କାପୁରୁଷତା ?

"ତ୍ୱୟଂ ହୃଷୀକେଶ ହୃଦେ ସ୍ଥିତେନ
ଯଥା ନିଯୁକ୍ତୋ ସ୍ମି ତଥା କରୋମି ।"

ଯଦି ଜାଣିଥିଲ ତାଙ୍କ କଥାକୁ ଗ୍ରହଣ ନକଲ କାହିଁକି ? ଏହା କାହାର କୌଶଳ । ମନୁଷ୍ୟର ନା ଆଉ କାହାର ? ସୁଖ ଦୁଃଖ - ଅନ୍ଧକାର ଆଲୋକ ସଦୃଶ ସଂସାରରେ ଲାଗି ରହିଛି । ଜନ୍ମ ମୃତ୍ୟୁ ତାହାର ସବୁ ଲୀଳା ଖେଳ । ଦୁଃଖରେ ସୁଖରେ ସୁଖର ପରୀକ୍ଷା । କୁମ୍ଭୀରର ବିଚାର କରିବା ଦରକାର । ହସ୍ତୀକି ମାରିପାରିବ ନାହିଁ । ହସ୍ତୀର ବଳ କୁମ୍ଭୀର ବଳ ସହିତ ସମକକ୍ଷ ହୋଇ ପାରିବ ନାହିଁ ।

କୁମ୍ଭୀର କାହାର ବାହାନ ? ବୁଝିବାକୁ ହେବ କୁମ୍ଭୀପାକ ନର୍କ - କୁମ୍ଭୀରର ଭାବମୂର୍ତ୍ତି । କେତେ ଦୂରରେ ମୃଗୁଣୀର ଦୁଃଖ ହରଣ ହୋଇଥିଲା ଜାଣତ ? ଋତୁକାଳ ଜ୍ଞାନକୁ ବୁଝିବା, ବିଚାର କରିବା ମନୁଷ୍ୟ ପକ୍ଷରେ ଏକାନ୍ତ ଆବଶ୍ୟକ । ଆପେ ଆପଣାକୁ ବୁଝିଲେ ଦୁଃଖ ରହେ ନାହିଁ । ଦୁଃଖ କିନ୍ତୁ ମନୁଷ୍ୟର ପ୍ରକୃତ ବଂଧୁ, ସହୋଦର । ତାହାରି ଦୁଃଖକୁ ତାକୁ ସମର୍ପଣ କଲେ ମନୁଷ୍ୟର ଦୁଃଖ  ଆଉ ରହେ ନାହିଁ । ଦୁଃଖ ଉର୍ଦ୍ଧ୍ୱମୁଖୀ ହୋଇଯାଏ ଏବଂ  ତା ସ୍ଥାନରେ ବାସ କରେ ଶାନ୍ତି ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।



# ମୁଁ ଓ ମନୁଷ୍ୟ

ସମୁଦ୍ରର ଜୁଆର କେତେବେଳେ ବୁଡ଼େଇ ଦେଇ ପାରେ କେତେବେଳେ ଭସେଇ ଦେଇପାରେ । ତା' ଭିତରେ କମ୍ ବେଶୀ ମଧ୍ୟ ହୁଏ । ପୂର୍ଣ୍ଣ ସମୟ କ୍ଷୟ ସମୟ । ଚନ୍ଦ୍ରର କ୍ଷୟ ବୃଦ୍ଧିରେ ସମୁଦ୍ର ଜୁଆର ଗତି । ଜୀବଜଗତ୍ର  ତାରି ଭିତର ଦେଇ ଗତି କରୁଥାଏ । ସମୁଦ୍ର ଜୁଆର ନିଃଶ୍ୱାସ ପ୍ରଶ୍ୱାସର ଗତିପଥ । ମଧୁର ଜଳରେ ଯେପରି ମୀନ ଥାଆନ୍ତି, ଲୁଣା ଜଳରେ ସେହିପରି ଅନେକ ଜୀବ ରହିଥାନ୍ତି । ବେଳେବେଳେ ସମସ୍ତେ ମିଶିଯାଇ ପାରନ୍ତି । ବେଳେବେଳେ ମୃତ୍ୟୁ ମୁଖରେ ପଡ଼ନ୍ତି । ଏଇ ପୃଥିବୀରେ ଅନେକ ବନ୍ୟଚର ଓ ଜଳଚର ପ୍ରାଣୀ  ଅଛନ୍ତି । ତା ଭିତରେ ଦୁଇପଟେ ଚଳିଲା ଭଳି ଜୀବ ମଧ୍ୟ ଅଛନ୍ତି । ସବୁରି ଉପରେ ମନୁଷ୍ୟ ।  ତାର ଜ୍ଞାନ ଅଛି । ବିବେକ ବୁଦ୍ଧି ଅଛି । ସେ ହିସାବ କରେ । ହିଂସ୍ର ପଶୁ କେବେ ହିସାବ  କରେ ନାହିଁ । ବ୍ୟାଘ୍ର ଘାସ ନଡା ଉପରେ ଶୁଏ । ମାଂସ ଖାଏ । ଅଜୀର୍ଣ୍ଣ ହେଲେ ଘାସ ପାଟିରେ ପୂରାଇ ବାନ୍ତି କରେ । ଏହି ଜ୍ଞାନ ବ୍ୟାଘ୍ରକୁ ଯିଏ ଶିଖାଇଛି, ସିଏ ମନୁଷ୍ୟକୁ  ସତ୍ ଜ୍ଞାନ, ସତ୍ ବିଶ୍ୱାସ, ସତ୍‌ବୁଦ୍ଧି ଶିଖାଇଛି । ବ୍ୟାଘ୍ର  ତାର ଶିକାର  କ୍ଷେତ୍ରରେ କେବେହେଲେ ଅଳସୁଆମୀ ପ୍ରକାଶ କରେ ନାହିଁ । ପ୍ରାଣ ପଣେ ଚେଷ୍ଟା କରିଥାଏ । ମନୁଷ୍ୟ ସେହିପରି ଖାଇବା ପାଇଁ କର୍ମ କ୍ଷେତ୍ରକୁ ଶିକାର ସଦୃଶ ମନେକରେ । ଏଥିରୁ ଊଣା ହେଲେ ଶିକାର ହାତରୁ ଚାଲିଯାଏ । ବେଳେବେଳେ ବ୍ୟାଘ୍ର ଠାରୁ ମଧ୍ୟ ଶିକାର ଖସିଯାଏ । ମାତ୍ର ଶିକାର ନଧରିବା ଯାଏ ତାର ମନ ଥୟ ରହିପାରେ ନାହିଁ । ସେହିପରି ମନୁଷ୍ୟ  କର୍ମକୁ ଶିକାର ନକରିବା ପର୍ଯ୍ୟନ୍ତ  ଚେଷ୍ଟାରୁ ବିରତ ରହିବା ଠିକ୍ ହେବ ନାହିଁ । ନିଜଚେଷ୍ଟାରୁ ବିରତ ରହିଲେ ରତ୍ନ ଲାଭ ହୋଇପାରିବ ନାହିଁ । ଭାଗବତରେ ତେଣୁ କୁହାଯାଇଛି -

"ଉପାୟ କର ନାନା ମତେ । ଫଳିବ କର୍ମର ଆୟତ୍ତେ ।
ଭୋତାତ କର୍ମ ପାଦେସେବ । କର୍ମଠୁ ନାହିଁ ଅନ୍ୟଦେବ ।
ଦେବତା  ମୁନିଆଦି ଯେତେ । କର୍ମର ବନ୍ଧନ  ସମସ୍ତେ ।"



Scanned by CamScanner

ସକାଳଠାରୁ ସଂଧ୍ୟାଯାଏ ଦେବ ମନ୍ଦିରରେ ବସିଲେ କର୍ମ ପୂର୍ଣ୍ଣାଙ୍ଗ ହେବ ନାହିଁ । ଦେବତାଙ୍କୁ ଆଖି ଆଗରେ ରଖି ସାକ୍ଷୀ ସଦୃଶ ତୁମେ କର୍ମ କରିଚାଲ । ରତ୍ନ ନିଶ୍ଚୟ ମିଳିବ ।

ଜଗତ୍ରରେ ଅନେକ ନର ନାରୀ ଅଛନ୍ତି । କେହି କାହାଭଳି ନୁହଁନ୍ତି । ରୂପରେ ଗୁଣରେ କେହି ସମାନ ହୋଇ ପାରିବେ ନାହିଁ । ଦୁଃଖ, ସୁଖ, ସବୁ କ୍ଷଣକ ପାଇଁ । କେତେଟା ସମୟ ପାଇଁ ବନ୍ଧୁ ବାନ୍ଧବ ପ୍ରିୟାପ୍ରୀତି ଭାବ । ସୁଖରେ ରହିବା ପାଇଁ ତାର କେତେ ପ୍ରୟାସ । କେତେଚାଷ । କିଏ ଲଙ୍ଗଳ ଚାଷ କରୁଛି ତ କିଏ କଲମଚାଷ କରୁଛି । ଜଙ୍ଗଲରେ କେତେ ଗୁଳ୍ମଲତା ଅଛି । ସମସ୍ତଙ୍କୁ ପରିଚୟ କଲାଭଳି ବୈଦ୍ୟ ନାହାନ୍ତି । ଅନେକ ପ୍ରକାର ରୋଗ ଅଛି । ରୋଗକୁ ଚିହ୍ନିଲା ଭଳି ଡ଼ାକ୍ତର ନାହାନ୍ତି । ସମସ୍ତେ ଆନୁମାନିକ କଥା କୁହନ୍ତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦେଖିବା ଶିଖିବା ସରିବ ନାହିଁ । ପାଟିଖାଏ, ଭଲ ଲାଗିଲାବେଳେ ସାକ୍ଷୀଦିଏ । ପାଟିର ସୁଖ ସରିବ ନାହିଁ । ମନୁଷ୍ୟର ଦୁଃଖ ସରିବ ନାହିଁ । ଦୁଃଖ ସୁଖ ଅନ୍ଧାର ଆଲୋକ ସଦୃଶ । ଆଜି ଅଛି , ଆଜି ନାହିଁ । ଆଖି ନଥିବା ମନୁଷ୍ୟ ଜଗତର ରଙ୍ଗ ବେରଙ୍ଗକୁ କିପରି ଦେଖି ପାରିବ ? ନ ପଢିବା ଲୋକ ଅନ୍ଧ । ରାଜା ମନ୍ତ୍ରୀ ସବୁ ଅନ୍ଧ । ଯେଉଁ ଆଡ଼କୁ ଇଚ୍ଛା କରିବେ ସେହି ଆଡ଼କୁ ସେମାନେ ଯିବେ । ମନୁଷ୍ୟର ଶିଶୁକାଳ ଏହିପରି ଅଂଧ । ନିଆଁ କ'ଣ, ପାଣି କ'ଣ, ସାପ କ'ଣ, ଖାଲ କ'ଣ ଉଚ କ'ଣ ସେଜାଣିପାରେ ନାହିଁ । ସମସ୍ତେ ସୁଖକୁ ଭଲ ପାଆନ୍ତି । ଦୁଃଖକୁ ଭଲପାଏ କିଏ ? ଭଲ ନପାଇଲେବି ଆପଣାଛାଏଁ ସେ ଆସେ । ତାକୁ ଅସ୍ୱୀକାର କରି ହେବ ନାହିଁ । ଋଣ କରିବାକୁ କେହି ଭଲ ପାଆନ୍ତି ନାହିଁ । ଏ ଜଗତରେ ଅଋଣୀ ବୋଲି କେହି ନାହାନ୍ତି । ପାପର କ'ଣ ରୂପ ଅଛି ? ପାପ କରି ସାରିଲେ ତାର ରୂପ ପରିପ୍ରକାଶ ଘଟେ । ମୁଁ ଭିତରେ ମନୁଷ୍ୟ ଅନ୍ଧକାରରେ ଥାଏ । ତେଣୁ ହେ ମନୁଷ୍ୟ ! ସତ୍ୟ କୁହ । ସମୁଦ୍ର ଭଳି ଉଦାର ହୁଅ । ମୁଁ ତ୍ୱ କୁ ବିନାଶ କରି ଆଲୋକର ସଂଧାନକର । ଦେଖିବ ଆପଣାଛାଏଁ ଦୁଃଖ କେଉଁ ଆଡ଼େ ଚାଲିଯାଇଛି । ❑



## ସମୟ ଭାଗ୍ୟ ବିଧାତା

ଜାତି-ଜାତି ସାଥିରେ ମିଶିଲେ ଜାତି ଯାଏନା । ରକ୍ତରେ ରକ୍ତ ମିଶିଲେ ଜାତି ଯାଏ । ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ର ଏହିପରି । କଳିର ଶେଷ ସମୟରେ ଏପରିହେବ । ବ୍ରାହ୍ମଣ ଶୂଦ୍ରର ଆଚରଣ କରିବ, କ୍ଷତ୍ରିୟ ବଳବୀର୍ଯ୍ୟ ହୀନ ହେବ । ଆଜି ସେହି ସମୟ ଉପଗତ । ରକ୍ତ ଭଣ୍ଡାରରେ ଯେଉଁ ରକ୍ତ ରଖାଯାଉଛି ଏମିତି କିଛି ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୁଦ୍ର ହୋଇ ରଖା ହେଉନାହିଁ । ହାଡ଼ି,କଣ୍ଡରା, ପାଣ, ପଠାଣ, ବ୍ରାହ୍ମଣ, ବାଉରୀ ଯିଏ ଯେଉଁଜାତିର ରକ୍ତ ଦାନ କଲା ରକ୍ତ ଭଣ୍ଡାରରେ ତାର ମୋହର ନାହିଁ । ତେଣୁ ବ୍ରାହ୍ମଣଠାରେ ପଠାଣରକ୍ତ । ପଠାଣ ଠାରେ ବ୍ରାହ୍ମଣରକ୍ତ । ସବୁ ଏକାକାର ହୋଇଗଲାଣି । ଏଣୁ କଥା ଅଛି - ରକ୍ତକୁ ରକ୍ତ ଭଲ ପାଏ । ଯାହାର ଯେମନ୍ତ ରକ୍ତ, ତାହାର ତେମନ୍ତ ବ୍ୟବହାର । ମନୁଷ୍ୟ ଦେହ ଆଉ ଦେହ ହୋଇ ନାହିଁ । ନାନାପ୍ରକାର ଖାଦ୍ୟ, ନାନା ପ୍ରକାର ଜାତିୟାନା ରକ୍ତ ତାର ଗତିପଥକୁ ବଦଳାଇ ଦେଉଛି । ତେଣୁ ମନୁଷ୍ୟକୁ ଭୁଲ ଦେଇ ହେବ ନାହିଁ । ସମୟ ହିଁ ସବୁର ନିୟନ୍ତା ।

ସଦାବେଳେ ଦେବ ପୂଜା କରିହେବ ନାହିଁ ।
ସଦାବେଳେ ଧ୍ୟାନ କରିହେବ ନାହିଁ ।
ସଦାବେଳେ ଶୋଷ ହୁଏ ନାହିଁ ।
ସଦାବେଳେ ଶୋଇ ହେବ ନାହିଁ ।
ଅନିଦ୍ରା ସଦାବେଳେ ରହିହେବ ନାହିଁ ।
ପ୍ରଶ୍ନୋତ୍ତର ସଦାବେଳେ ଦେଇ ହେବ ନାହିଁ ।
ସଦାବେଳେ ହସିହେବ ନାହିଁ ।
ସଦାବେଳେ କାନ୍ଦି ହେବ ନାହିଁ ।
ସଦାବେଳେ ଗାଈ ଦୁହିଁ ହୁଏ ନାହିଁ ।
ସଦାବେଳେ ଝାଡ଼ା ପରିସ୍ରା ଲାଗେ ନାହିଁ ।



Scanned by CamScanner

ଯେତେବେଳେ ପେଟ ଖରାପ ହୁଏ, ସେତେବେଳେ ବହୁଥର ଝାଡ଼ା ହୁଏ । ଯେତେବେଳେ ଖରାପ ସମୟ ଆସେ ବହୁମୂତ୍ର ହୁଏ । ମୁହୂର୍ତ୍ତକୁ ମୁହୂର୍ତ୍ତ ପରିସ୍ରା ହୁଏ । ବେପାରୀ ସଦାବେଳେ ବେପାର କରିପାରେ ନାହିଁ । ଅନ୍ତରରୁ ପୁଅ ଝିଅ ଜନ୍ମ କରି ମଧ୍ୟ ସଦାବେଳେ ବାପ, ମା' ଭଲ ପାଆନ୍ତି ନାହିଁ । ଯାହାକୁ ଅର୍ଦ୍ଧାଙ୍ଗିନୀ ବୋଲି ଭାବୁ ସେ ତତେ ସଦାବେଳେ ଭଲ ଲାଗିବ ନାହିଁ । ମିଠା ସଦାବେଳେ ଖାଇବାକୁ ଭଲ ଲାଗେ ନାହିଁ । ଏହିଭଳି ଅନେକ କଥା । କଥା କହିବାର ସମୟ ଅଛି । ବର ପାଇବାର ସମୟ ଅଛି । କର୍ମ ଫଳ ଭୋଗିବାକୁ ପଡ଼ିବ । ଭାବଗ୍ରାହୀ ଶ୍ରୀକୃଷ୍ଣ ମଧ୍ୟ ଏଥିରୁ ବାଦ ଯାଇ ନାହାନ୍ତି । ସାଧୁ, ସନ୍ୟାସୀ, ବୈଦ୍ୟ, ପଣ୍ଡିତ, ଗଣକ ଏମାନେ ସଦାବେଳେ ରାଗନ୍ତି ନାହିଁ । ରାଗି ମଧ୍ୟ ପାରିବ ନାହିଁ । କାହାରି ସବୁବେଳେ ଶାନ୍ତି ରହେ ନାହିଁ । ଏସବୁର କାରଣ କ'ଣ ? ସମୟ । ସମୟର ରଥଚକ ଗଡ଼ି ଚାଲିଛି । ସମୟାନୁସାରେ କିଏ ରାଜା, କିଏ ଭିକାରି, କିଏ ଧନୀ, କିଏ ଜ୍ଞାନୀ ହେଉଛି । ଏ ସବୁକୁ ଜଣେ କରୁଛି ଓ କରାଉଛି । ସେ ଜଣକ କିଏ ? ପରମାତ୍ମା ଅଚ୍ୟୁତ, ବିଶ୍ୱ ନିୟନ୍ତା । ଅନନ୍ତ ତାର ରୂପ । ଶୂନ୍ୟ ପୁରୁଷ । ସେ ଅଣାକାର । ସେ ପୁଣି ସାକାର ରୂପନିଏ ମହାପୁରୁଷ ରୂପରେ । ଦରିଦ୍ର ଓ ରୋଗୀ ହେବାକୁ କେହି ଚାହାନ୍ତି ନାହିଁ । ଆପଣା ଛାଏଁ ଚାଲିଆସେ । ସର୍ବେ ଅର୍ଥ ପାଇଁ କର୍ମ କରୁଛନ୍ତି । ଅର୍ଥ ଆଶା ଛାଡ଼ିଲେ, ସ୍ୱାର୍ଥ ଆଶା ଛାଡ଼ିଲେ ଜଣେ ନିଃସ୍ୱାର୍ଥପର ହୁଏ । ରେ ବୁଦ୍ଧିଆ ସ୍ୱାର୍ଥପର ଲୋକରେ ବେଶୀଭାବ ମିଶେଇବୁ ନାହିଁ ।

ମହାପୁରୁଷ ଅଚ୍ୟୁତାନନ୍ଦ କହିଛନ୍ତି ସମୟାନୁସାରେ କଥାବାର୍ତ୍ତା ହେବୁ । ଅସମୟରେ ଭକ୍ତକୁ ମନା କରି ଦେବୁ । ସିଏ ଯଦି ମନା ମାନିବ ନାହିଁ, ତାକୁ ଅଗଣାରୁ ବାହାର କରିଦେବୁ । ମୁଁ ଯେତେବେଳେ ତୋତେ କହୁନି ତୁ କେଉଁଠୁ ଆଣି କହିବୁ ? ଠକ, ମିଛୁଆଠାରୁ ଦୂରେଇ ରହିବୁ । ଇଏ ଅଚ୍ୟୁତ ବାଣୀ । ସତ୍ୟରେ ରହିଲେ ପଥର ପାଣି ।

ଆମ୍ଭର ରାଣ ଦେଉଅଛୁ ତୋତେ,<br>
ଭକ୍ତ ଠକିବୁନି ମୋରାଣ ତୋତେ ।



ବଟ ମୂଳେ ଭକ୍ତ ଦୁଃଖ ନାଶିବି,<br>
ସ୍ୱପ୍ନରେ ଯାଇ ତା ମନ ତୋଷିବି ।

ଯିଏ ତୋ ନାଁ ଧରି ଆସିବ, ତୁ ମୋ ନାଁ ଧରି ବଟ ମୂଳକୁ ପଠେଇଦେବୁ । ବିଶ୍ୱାସରେ ଉଶ୍ୱାସ, ଅବିଶ୍ୱାସରେ ସର୍ବନାଶ ॥ ❑

## ଭକ୍ତ ଓ ଭଗବାନ

ଭବ ସଂସାରରେ ମନୁଷ୍ୟ ଭାବରୁ ଜନ୍ମ ଗ୍ରହଣ କରିଥିବା ସତ୍ତ୍ୱେ ଭଗବାନ ବୋଲି ଅନେକ କହିପାରନ୍ତି ପୁଣି କହି ପାରନ୍ତି ନାହିଁ । ଅନେକ ରାକ୍ଷସଙ୍କୁ ଯୁଦ୍ଧରେ ପରାସ୍ତ ପରିସାରିଲାପରେ, ସାଧାରଣତଃ ମନୁଷ୍ୟମାନଙ୍କଠାରୁ ସହସ୍ର ଗୁଣରେ ଅଧିକ କର୍ମ କରିଥିବା ସତ୍ତ୍ୱେ ତାଙ୍କୁ ଭଗବାନ ବୋଲି କହିବାକୁ ମନରେ କୁଣ୍ଠା ଆସେ । ମନୁଷ୍ୟ ମାନଙ୍କଠାରୁ ସହସ୍ର ଗୁଣରେ ବଳିଷ୍ଠ, ବୁଦ୍ଧି, ଧୈର୍ଯ୍ୟ, ସାହସ ଥିବାରୁ ରାକ୍ଷସମାନଙ୍କୁ ପରାସ୍ତ କରି ଭକ୍ତ ମାନଙ୍କୁ ଶାନ୍ତିରେ ରଖିବା ପାଇଁ ବହୁ ପ୍ରୟାସ କରିଥିବା ମହାପୁରୁଷ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ, ପଞ୍ଚସଖା, ଏମାନଙ୍କର ଜନ୍ମରୁ ଶେଷ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଭଗବାନ ଗୁଣର ପରିଚୟ ଦେଇଥିବା ସତ୍ତ୍ୱେ ସମସ୍ତେ ତାଙ୍କୁ ଭଗବାନ ବୋଲି ସ୍ୱୀକାର କରନ୍ତି ନାହିଁ । ଭଗବାନ ବା ଠାକୁର କାହାକୁ କୁହାଯାଏ ? ଆହାର, ବିହାର, ଚର୍ମ ଶରୀର ଭକ୍ତରେ ଗଣିତ ହେବ । ସାଧାରଣ ସାଂସାରିକ ମନୁଷ୍ୟଠାରୁ ଶିଷ୍ୟ ଅଳ୍ପ ଉନ୍ନତ କର । ରାମକୃଷ୍ଣ ପରମହଂସଙ୍କୁ ବଙ୍ଗଳାର ରାମକୃଷ୍ଣ ଉପାଧି ଯେତେବେଳେ ଦିଆଗଲା ସେତେବେଳେ ସେ ଆପଣାର ହଂସକୁ ଜୀବନରେ ମିଶାଇଦେଇ ପରମହଂସ ଲାଭ କରିଥିଲେ । ସେ ତାଙ୍କ ଦୁଇ ଆଖିରେ ରାମକୃଷ୍ଣଙ୍କୁ ରଖି ହୃଦୟ ରେ କାଳୀକୁ ରଖିଥିଲେ । ଠାକୁର ପରମହଂସ ମଧ୍ୟ ଶିଷ୍ୟ କରିବା ପାଇଁ ଚାହିଁ ନଥିଲେ । ସ୍ୱାମୀ ବିବେକାନନ୍ଦ ତାଙ୍କ କର୍ମରେ ଆନନ୍ଦ ଲାଭ କରି ସାରସ୍ୱତ ସାଧକ ଭାବେ ପରିଗଣତ ହୋଇଛନ୍ତି । ଭକ୍ତିରେ ଭକ୍ତ ହୁଏ । ଭକ୍ତିକୁ ଜାଗ୍ରତ



Scanned by CamScanner

କରିପାରିଲେ ଯୋଗୀ ହୁଏ । ଯୋଗ ଅଧିକ ହେଲେ ବୈଷ୍ଣବ ହୋଇପାରେ । ବୈଷ୍ଣବ ହୋଇ ପାରିଲେ ସନ୍ୟାସୀ-ସନ୍ୟାଂସୀରୁ ସାଧୁ-ସାଧୁରୁ-ଋଷି ଇତ୍ୟାଦି ହୋଇପାରେ । ଈଶ୍ୱରଙ୍କୁ ସର୍ବକର୍ମ ସମର୍ପଣକର କାରଣ ସେ ସବୁଠାରେ ଅଛନ୍ତି । ସବୁରି ହୃଦୟରେ ଅବସ୍ଥାନ କରୁଛନ୍ତି । ସମର୍ପିତ ଶରୀରରେ ତାଙ୍କର ଲୀଳା ଖେଳା ହୁଏ । ଓଡ଼ିଶାର ପଞ୍ଚସଖା ସେହି ଭଗବାନଙ୍କର ଆତ୍ମାରୁ ପଞ୍ଚମହାଭୂତରୁ ଭକ୍ତଙ୍କୁ ତାଙ୍କର ନିମିତ୍ତ କରି ଆବିର୍ଭାବ ହୋଇଥିଲେ । ଏକମାତ୍ର ସତ୍ୟ ସାଧନା ହିଁ ଥିଲା ତାଙ୍କର ମୂଳମନ୍ତ୍ର । ସତ୍ୟକୁ ଜିଣିଥିବାରୁ ସେହି ମହାପୁରୁଷ ଈଶ୍ୱର ବୋଲି କଥିତ ହୋଇଅଛନ୍ତି । ❑

## ସତ୍ୟ-ପ୍ରେମ- ଧୈର୍ଯ୍ୟ

ସୁନା ବଣିଆର ଭାବ ସଦୃଶ କଳି ଯୁଗରେ ଭାବକର । କଷଟିରେ କଷିବା ଶିଖ । ଶିଖିଥିଲେ ସିନା କଷିବା ସୁନାର ଲୋକସାନି ହେବ ନାହିଁ । ଗୁରୁ କଷଟି, ଶିଷ୍ୟ ସୁନା । କଷଟି ନଜାଣି ସୁନା କିଣିଲେ ଠକାମିରେ ପଡ଼ିବା ସାର ହେବ । ସେହିପରି ଗୁରୁ ଶିଷ୍ୟ, ଭକ୍ତ ଭଗବାନ । ଈଶ୍ୱର ଭକ୍ତକୁ ଧୈର୍ଯ୍ୟର କଷଟି ପଥରରେ କଷନ୍ତି । ଗଢ଼େଇ ଗଢେଇ ଦେଖନ୍ତି । ଖାଣ୍ଟିଥିଲେ ଖାଣ୍ଟି କଥା କହନ୍ତି । ଅଖାଣ୍ଟି ଥିଲେ ଅଖାଣ୍ଟି ଫଳ । ଈଶ୍ୱର କ'ଣ ସହଜରେ ମିଳନ୍ତି ? ମିଳନ୍ତି ସହଜରେ । ପ୍ରେମରେ-ସତ୍ୟରେ-ଧୈର୍ଯ୍ୟରେ । ସତ୍ୟର ସାଥୀ ଈଶ୍ୱର । ମିଥ୍ୟାର ସାଥୀ କଳି । କିଏ ଦେଖିଛ କି ? ଅନୁଭବ କରିହେବ ସତ୍ୟ ପଥର ଅନୁଗାମୀ ହେଲେ ଅନୁଭବ କରିହେବ । ଈଶ୍ୱର ଏକ । ହଜାରେ କୋଟି ମାନବ ପାଇଁ ହଜାରେ କୋଟି ଈଶ୍ୱର ନାହାନ୍ତି । ସେଇ ରାମ, ସେଇ କୃଷ୍ଣ, ସେଇ ଜଗନ୍ନାଥ । ସୃଷ୍ଟିର ସମଗ୍ର ମାନବ ଭାଇ ଭାଇ । ଏକ ପିତାର ଏକ ଏକ ସନ୍ତାନ । ଭାବରେ ଜଣଙ୍କୁ ଡାକିଲେ ଦୁଃଖ ଶୁଣନ୍ତି । ହେ ମନୁଷ୍ୟ ! ବାର ଆଡ଼େ ମନ ଚଗଲା କରୁଛ କାହିଁକି ? ସବୁଠାରେ ଈଶ୍ୱର ଅଛନ୍ତି । ତୁ ତାଙ୍କୁ ଦେଖି ପାରୁନୁ ଆଖି ଥାଇ । ମାତ୍ର ସେ ସମଗ୍ର ସୃଷ୍ଟିକୁ ଦେଖୁଛନ୍ତି ଅପଲକ



ନୟନରେ, ଚକା ଚକା ଆଖିରେ ।

ଗାଈର ଚେହେରା ବା ପହ୍ନା ଦେଖି କିଣିଲେ କ'ଣ ହେବ ? କ୍ଷୀର ଦେଖି କିଣ । ଅନେକ ଗାଈର ଚେହେରା ବା ପହ୍ନାରୁ ଦେଖି ମନେହୁଏ ବହୁତ କ୍ଷୀର ଅଛି । ଯାହା ଭାବୁଥାଏ ବା ଭାବେ ସେପରି ନାହିଁ । ରୂପ ଚେହେରାରୁ କ'ଣ ମିଳିବ । ଗୁଣ ଖୋଜ । ଚରିତ୍ର ଖୋଜ । ଜାଣିଥିବା ଲୋକ ସିନା ଗୁଣ ବାଛେ । ନଜାଣିବା ଲୋକର ସର୍ବ ସମାନ । ଆଖି ଥାଇ ଅନ୍ଧ । ଠକି ଗଲାପରେ ଚେତନା ଆସେ । ଚେତନା ଉଦୟ ହେଲେ ଆପେ ଆପଣାକୁ ଚିହ୍ନିପାରେ । ଏକାଥରେ କାହା ସଂଗରେ ମିଶନା । ସାତ ଥର ମିଶିଲା ପରେ ତାକୁ ଆପଣାର ଭାବ । କଳ ପାଣିରେ ଗାଧୋଇ ସାରି ପୋଖରୀ ପାଣିରେ ଗାଧୋଇଲେ ଥଣ୍ଡା ଧରିପାରେ । ଠକିଗଲେ ଥଣ୍ଡା ଧରିଲା ପରି ଥରେ ଅଧେ ହେବ । ବିନା ଥଣ୍ଡାରେ କ'ଣ ଲୋକର ଚେଙ୍କ ହୁଏ ? ଆପଣା ଭୁଲ୍‌କୁ ନଜାଣିଲେ ଏହିପରି ବାରମ୍ଭାର ଚେଙ୍କ ଖାଇବାକୁ ପଡ଼ିବ । ତେଣୁ ହିସାବରେ ଚଳ । ଆଖି ଅଛି । ଆଖି ବୁଜିଲେ ସବୁ ଅନ୍ଧାର । ଆଖିଥିବା ଲୋକ ମାଇଲ ଖୁଣ୍ଟକୁ ଲକ୍ଷ୍ୟ କରେ । ଆଖି ନଥିବା ଲୋକ (ପଶୁ, ପାଗଳ) ଏମାନଙ୍କର ମାଇଲ ଖୁଣ୍ଟ ଦେଖିବାର ଆବଶ୍ୟକ୍ତା କ'ଣ ଅଛି ?

ହେ ମନୁଷ୍ୟ ! ପାଦକୁ କଡ଼ି କରି ମାପ । ଗାଡ଼ିର ତେଲ ସରିଗଲା ବୋଲି ଭାବ ନାହିଁ । ଜନ୍ମକାଳରୁ ପେଟ ଯେମିତି ତିଆରି ହୋଇଛି । ଟାଙ୍କି ସେଇ ସଦୃଶ ବଡ ସାନ । ଦୁଇ ପ୍ରକାର ତେଲ । ବଡ଼ ଗାଡ଼ିର ବଡ଼, ସାନ ଗାଡ଼ିର ସାନ । ସବୁଠାରେ କିନ୍ତୁ ପବନର ସାହାଯ୍ୟ ଦରକାର ।

ଗୁରୁ ବାୟୁ ସଦୃଶ । ଶିଷ୍ୟ ସଦାବେଳେ ଇନ୍ଧନ ପରି । ଉଭୟର ଯୋଗରେ ଜଳ ଭାବର ସାନ୍ତ୍ୱନା । ପବନ ଦୁଇ ଜଣଙ୍କୁ ସାହାଯ୍ୟ କରେ । ଜଳ- ଅଗ୍ନି । ଈଶ୍ୱର ସବୁରି ଘଟରେ ବିଦ୍ୟମାନ । ରୂପ ନାହିଁ ତାର ଅରୂପରେ ଖେଳେ । ମନୁଷ୍ୟକୁ ଖେଳନାରୂପେ ଖେଳାଏ । ଆଖି ସମାନଥିଲେ ହଜିଥିବା ବସ୍ତୁକୁ ଯାଚିକରି ଦିଅନ୍ତି । ମାରିବା, ହାରିବା, କରିବା, ସାଇତିବା ଇତ୍ୟାଦି ବିଭିନ୍ନ ଆଖି ଭିତରେ ଯାହା ଭୁଲ, ଧ୍ୟାନ ଆଖି ଓ ଜ୍ଞାନ ଆଖି ଦୁଇଟି ଯାକ,



Scanned by CamScanner

ଭୁଲ୍‌କୁ ସଂଶୋଧନ କରି ଚେତନା ଜାଗ୍ରତ କରାନ୍ତି । ତେଣୁ ଜ୍ଞାନ ପ୍ରବାହିତ ହୁଏ । ଆଖି, ଭାଗ୍ୟ, ଜ୍ଞାନ ସମାନ ନୁହେଁ ଜଗତ୍ରରେ । ଧନୀ-ଦରିଦ୍ର ସବୁ ଦିନ ରହେ ନାହିଁ । ଅନ୍ଧାର ଆଲୋକ ପରି । ଧନ ଯୌବନ ଜୀବଂନ, ସମୁଦ୍ରର ଜୁଆର ପରି । ଆଖି ଥିବାଲୋକ ଏହାକୁ ବୁଝିପାରିବ । ଗୁରୁ ଶିଷ୍ୟକୁ ଆଖି ଦିଅନ୍ତି । ଭଗବାନ ଭକ୍ତକୁ ଉଦ୍ଧାର କରନ୍ତି ସତ୍ୟ-ପ୍ରେମ-ଧୈର୍ଯ୍ୟର କଷଟି ପଥରରେ ପରୀକ୍ଷାକରି । ❑

## ସବିତା

ସତ୍ୟ ସ୍ଥାନରେ ସତ୍ୟ କହିବ । ମିଥ୍ୟା ସ୍ଥାନରେ ମିଥ୍ୟା କହିବ । ମିଥ୍ୟା ବ୍ୟବସାୟ ଓ ଶତ୍ରୁ ପାଇଁ । ଅସତ୍ୟ ସ୍ଥାନକୁ ମନ ବଳାଅ ନାହିଁ । ସତ୍ୟରେ ହନୁମାନ ସମୁଦ୍ର ପାର ହୋଇଥିଲା । ସତ୍ୟରେ ପାଷାଣ ନାରୀ ରୂପ ହୋଇଥିଲା । ସତ୍ୟରେ କୁବୁଜା ସୁନ୍ଦରୀ ହୋଇଥିଲା । ଏକମାତ୍ର ଶିବ ସତ୍ୟରେ ସୁନ୍ଦର ଲାଭ କରିଥିଲେ । ବଳଶାଳୀ, ଧନଶାଳୀ, ବିଦ୍ୟାଶାଳୀ ସର୍ବ ପ୍ରକାର ଯଦି ହୋଇଥାଏ ତେବେ ତାହା ଗୁରୁ ପାଖରେ ଭିନ୍ନ । ଯଦି ସେ ଗୁରୁ ପାଖରେ ମହାନକୁହେ ତାହାହେଲେ ତାକୁ ମହାପାପୀ ବୋଲି ପ୍ରମାଣ କରାଯିବ । ଯାହାକୁ ମୁଣ୍ଡ ଲଗାଇ ନମସ୍କାର ହେବ, ତା'ପାଶେ ମିଥ୍ୟା ନ କହିବ । ମିଥ୍ୟା ଅଜ୍ଞାନ ଅନ୍ଧକାର । ସତ୍ୟ ଆଲୋକର ପଥ । କ୍ଷଣକ ପାଇଁ ବଡ଼ ହୋଇ । ମିଥ୍ୟା କହିବ କାହିଁ ପାଇଁ । ଶିଷ୍ୟକୁ ଗୁରୁ ମାୟା ରଚନା କରି ମିଥ୍ୟା କହି ଅର୍ଥ ସଂପଦ ନେଲେ ସର୍ବନାଶ ହୁଅନ୍ତି ଭଲେ । ଶିଷ୍ୟ ଗୁରୁଙ୍କ ପାଖରେ ସର୍ବ ସମର୍ପଣ କରେ । ତାପରେ ସେ ଗୁରୁ ପୁତ୍ର ବୋଲାଏ ।

ଗୃହସ୍ଥ ଗୃହ କରୁଥାଇଁ । ତା ମଧ୍ୟେ ଗୁରୁଙ୍କୁ ଲୋଡ଼ଇ ।
ସର୍ବରୁ ଗୃହସ୍ଥଟି ସାର । ଦେବତା ମୁନି ଜନ୍ମ ଦ୍ୱାର ।
ଦଶଟା ଅବତାର ହେଲେ । ଗୃହସ୍ଥ ଛାଡ଼ି ନପାରିଲେ



ଗୃହସ୍ଥ ହେଲା ମୂଳସ୍ଥାନ । ସର୍ବେଗୃହସ୍ଥ ସନ୍ନିଧାନ ।
ବିଦ୍ୟା ବେଦ ଜ୍ଞାନ ଧ୍ୟାନ । ସର୍ବେ ଶିଖିବା ପ୍ରୟୋଜନ ।
ଆପେ ଶିଖାଇ ଶିଖୁଥାଇ । ଗୃହସ୍ଥତାକୁ ନ ଦେଖଇ ।
ମାତୁଳ ଘର ଅଣ ଅଜା । ସେ ଯାଏ ମାମୁ ବା ଭଣଜା ।
ତା ପରେ ଅଚିହ୍ନା ହୁଅଇ । କେହି କାହାକୁ ନ ଚିହ୍ନଇ ।
ସର୍ବେ ହୁଅନ୍ତି ବାଟ ବଣା । ଆଖି ଥାଇ ଦିବସ କଣା ।
ସେଠାରୁ ଗୋତ୍ର ନାଶ ଯାଇ । ଅଚିହ୍ନା ପ୍ରାୟ ଲାଗେ ସେହି ।
ଶହକେ ପାଞ୍ଚଦଶଜଣ । ଛଅ ଆଠ ପୁରୁଷ ପ୍ରମାଣ ।
ବନ୍ଧୁ ବାନ୍ଧବ ଭୁଲିଯିବ । କି ମାତ୍ର ଗାଁଟି ରହିବ ।
ବନ୍ଧୁର ବନ୍ଧୁ ବନ୍ଧୁ ଯେତେ । ହିସାବ କେ କରିବ କେତେ ।
ସେଇ ମତେ ବଂଧୁ ବାନ୍ଧବ । ଅଳ୍ପଦିନକୁ ସୁଖ ଲାଭ ।
ଦୁଃଖ ସୁଖ ଦୂରରେ ଆଉ । ସୁଖକୁ ସଦା ଲୋଡୁଥାଉ ।
ସୁଖ ଆସଇ ଦିନା କେତେ । ପ୍ରାଣୀ ଭୁଲାଇ ନାନାପଥେ ।
ପାପକୁ ଲୋଡ଼େ ତାର ମନ । ପ୍ରାଣୀକି କରଇ ଅଜ୍ଞାନ ।
ଦୁଃଖରେ ଧର୍ମ ପରିଚିତ । ବିଶ୍ୱାସ ଜ୍ଞାନକୁ ସମ୍ଭୁତ ।
ଯେବେଳେ କଳି କାଳଶେଷ । ଆମ୍ଭର ହେବ ଏହି ବେଶ ।
ସହି ନପାରି କଳି ପାପ । ଦାରୁ ଶରୀର ହେଲୁବାପ ।
ଦାରୁଣ ପାପ ଭାରହେବ । ପାପକୁ ବାରଣ ନଥିବ ।
ଅମୃତ ପ୍ରାୟ ପାପକରି । ସର୍ବେ ବୋଲିବେ ହରି ହରି ।
ମୁହଁରେ ହରିକୁ ବୋଲିବେ । ଗୁରୁ ମା କଛାକୁ ଖୋଲିବେ ।
ଭଉଣୀ ସଂଗେ ଭାବ ପ୍ରୀତି । ତେଣୁ ହୋଇବ ସତ୍ୟ ଇତି ।
କନ୍ୟାରେ ବଳାଇବେ ମତି । ସେବେଳେ ସରିବ ବିଭୂତି ।
ଗୋ ଛେଳି ବସୁଧା ହରିବେ । ମିଥ୍ୟାରେ ଗୀତା ପଢୁଥିବେ ।
ଘରେ ଘରେ ଦେବତା ପୂଜା । ମଦ କୁକୁଡ଼ା ହେବ ମଜ୍ଜା ।
ଇତର ଯୋନି ହେବ ସାର । ସର୍ବେ ହୋଇବେ ନାରଖାର ।



Scanned by CamScanner

| | |
|---|---|
| ଯେ ଜନ ସତ୍ୟରେ ରହିବ । | ଆତ୍ମର ଦର୍ଶନ ପାଇବ । |
| ମିଥ୍ୟାରେ ହରେ ପରଧନ । | ତାକୁ ଗ୍ରାସିବ ସୁଦର୍ଶନ । |
| ସେ ସୁଦର୍ଶନ ମୋ ଭରସା । | ଶେଷ ସମୟେ ଏହି ଆଶା । |
| କହେ ମୁଁ ଅଚ୍ୟୁତିର ଦାସ । | ତାର ପାଦକୁ ମୋର ଆଶ । |

ସକଳ ମାନବ ତାହାରି ଅଧୀନ । ବଂଶଜ, କର୍ମଜ, ପାପଜ, ଗ୍ରହଜ, ଏହି ଚାରୋଟିରେ ମନୁଷ୍ୟ ନ କହିଲେ ସୁଦ୍ଧା ଛାଡ଼ିବେ ନାହିଁ । ଯା ପାଇଁ ସାବଧାନ । ଯେଣୁ ପାପ ଅଛି ତେଣୁ ପାପଜ ଅଛି । ପାପ କରି କ୍ଷମା ମାଗିଲେ କ୍ଷମା ମିଳିବ ନାହିଁ । ତା ପାଇଁ ଦଣ୍ଡ ବିଧାନ କରାଗଲା । କର୍ମଜ- କର୍ମରେ ଯାହା ଅଛି ହେବାପାଇଁ । ତାକୁ ମନାକରି ହେବ ନାହିଁ । ଯେଉଁ କର୍ମ ଫଳ ଯାହାକୁ ଭୋଗିବାକୁ ଅଛି, ଦେବତା ମଧ୍ୟ କ୍ଷମା ଦେବେ ନାହିଁ । କାହିଁକି ? ଦେବତା ମଧ୍ୟ ଦିନେ ସେ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ତେଣୁ ଦଣ୍ଡ ଧାରୀଙ୍କର ଦଣ୍ଡ ଧାରଣ ସଦୃଶ ଦଣ୍ଡ ବିହିତ ଯେହେତୁ କରାଯାଇଅଛି । ଦଣ୍ଡରୁ ରକ୍ଷା ପାଇବା ପାଇଁ ଦେବତା ପୂଜା, ଠାକୁର ଠାକୁରାଣୀ ପୂଜା ହୋମ ଯଜ୍ଞାଦି ଅର୍ଚ୍ଚନା କରାଯାଏ । ସେ ଯେତିକି ଭୁଲ୍ କରିଥାଏ ତାର ତିନିଗୁଣ ସେ ଭୁଲ୍ ମାଗେ । ସେ ସମୟଟି ପାର ହୋଇଗଲେ ସେ କ୍ଷମା ପାଏ । ବେଳେ ବେଳେ ଦେବତା ମଧ୍ୟ ନାମ ନେଇଯାନ୍ତି । ସେହି ସମୟରେ ବୈଦ୍ୟ ପହଞ୍ଚିଗଲେ ସେ ଭଲ ବୋଲି କିଛି ନାମ ମଧ୍ୟ ନେଇ ଯାଆନ୍ତି । ରୋଗ ନଥିଲେ ଏତେ ଔଷଧ ତିଆରି ହେବା କାରଣ କ'ଣ ? ପାପ ନଥିଲେ ପୁଣ୍ୟ କଲି ବୋଲି କିଏ କାହିଁକି କୁହନ୍ତା ? ସବୁରି ମୂଳରେ ଅଗ୍ନି ଯେସନେ ସର୍ବ ଖାଇ, ବିଚାରେ ଦୋଷ ଗୁଣନାହିଁ । ତେଣୁ ଅଗ୍ନି.ସମ ହେବାକୁ ପଡ଼ିବ । ଅଗ୍ନିସମ ଯିଏ ନ ହୋଇଛି, କଥା କହିଲେ କ'ଣ ହେବ ? କରିବା ନିହାତି ଦରକାର । ଈଶ୍ୱରଙ୍କର କର୍ମରେ ନର ଶରରୀକୁ ଯୋଗ କର । ଦେହ ଈଶ୍ୱର । ତୁ ପୁଣ୍ୟାତ୍ମା । ପୁରୁଷକୁ ସାକ୍ଷୀ ରଖି କର୍ମ କର ।

ବଂଶଜ-ସେ ବଂଶରେ ଯେଉଁ ରୋଗ ଅଛି, ତାହା ଭୋଗ କରିବାକୁ ପଡ଼ିବ । ଔଷଧଖାଅ କ୍ଷଣ ସ୍ଥାୟୀ ଉପସମ ପାଇଁ, ପୂର୍ଣ୍ଣ ଆରୋଗ୍ୟ ନୁହେଁ । ବିନ୍ଦୁଗତ-ରଜ ଓ ବୀର୍ଯ୍ୟରୁ ଯିଏ ଉତ୍ପତ୍ତି ହୁଏ । ବିନ୍ଦୁଗତ ରୋଗ । ତା ପାଇଁ



ସାବଧାନରେ ଚଳ । ବୈଦ୍ୟ ଦୋଷ ଦେଲେ କ'ଣ ହେବ ? ବାହ୍ୟ ଜଗତ ପାଇଁ ବୈଦ୍ୟର ଔଷଧୀୟ ଗୁଣ ମାତ୍ର ବିନ୍ଦୁଗତ ପାଇଁ ସେହି ଔଷଧ ଅକ୍ଷମ ହୋଇଯାଏ । ଏହା ବୈଦ୍ୟ ଦୋଷ ନା ଜନ୍ମଗତ ଦୋଷ ଆପେ ମନକୁ ବିଚାର କର । ଈଶ୍ୱର ଆରାଧନା କଲେ ସର୍ବ ଦୋଷରୁ ମୁକ୍ତି ମିଳେ ।

ସଂସର୍ଗ ଦୋଷ :- ସାଙ୍ଗ ସାଥିଦ୍ୱାରା ସାଧାରଣ କେତେକ ରୋଗ ହୁଏ, ଏହା ହିଁ ସଂସର୍ଗ ଦୋଷ । ଏହା ଔଷଧରେ ଭଲ ହୋଇଯାଏ । ଜପତପ ସାଧନା ଏ ଦେହ ପାଇଁ । ଦେହକୁ ରଖି ପାରିବ କି ? ଯଦି ରଖିବ କେତେକ୍ଷଣ ପାଇଁ । ଯଥା-ଲୁଗା ମଇଳା ହେଲେ ସଫା କରିବାକୁ ପଡ଼ିବ । ସୁତରାଂ ଦେହ ଅଛିତ ଔଷଧ ବ୍ୟବହାର କରିବାକୁ ପଡିବ । କଳସରେ ଆମେ ଛାଣିକରି ଜଳ ଭର୍ତ୍ତି କରୁଥାଇ । ବାର କି ପନ୍ଦର ନିନ ଭିତରେ ତା ମଧ୍ୟରେ ଶିଉଳି ସୃଷ୍ଟି କରେ କିଏ ? ଏଣୁ କଳସ କହୁଛି ମତେ ମଧ୍ୟ ସଫା କର । ସବୁ ପ୍ରକାର ସଫା କଳସରେ ପାଣି ପଶିଲା ପରି । ରାତିରେ ଶୋଇ ଆମେ ସକାଳେ ଝାଡୁ ଦେଲେ ସେ ଘର ଭିତରୁ କିଛି ଅଳିଆ ଆବର୍ଜନା ବାହାରେ । ଆସିଲାବେଳେ ଆମେ ଦେଖିନେତ ? ଝାଡୁ ଦେଲେ ଜଣାପଡୁଛି । ସେହିପରି ସବୁ ବସ୍ତୁର ବ୍ୟବହାରିକ ସଫା କରିବାକୁ ପଡ଼ିବ । ଦାନ୍ତ ସଫାକରେ ହାତ । ହାତକୁ ସଫା କରେ ହାତ । ଏହା ହାତର ଦୋଷ·? ଯାହାର ହାତ ଯେତେ ସଫା, ତାହାର ଦାନ୍ତ ସେତେ ସଫା ।

ଈଶ୍ୱର ଦର୍ଶନରେ ଅନ୍ତର ସଫା କରିବାକୁ ହୁଏ । ଈଶ୍ୱର ଅନ୍ତର ଦେବତା । ଅନ୍ତରାଳରେ, ଅନ୍ତରୀକ୍ଷରେ ସିଏ ତୋର ସବୁକିଛି କରି ପାରିବେ । ଅଂଜନ ଠାରୁ ସଫା କିଛି ନାହିଁ । କାହିଁକି ? ଯେହେତୁ ସିଏ ଆଖିରେ ଲାଗେ । ଆଖି ସବୁଠାରୁ କୋମଳ, ପବିତ୍ର ଓ ସୂକ୍ଷ୍ମ । ତୁ ତା ସହିତ ଦେଖି ଭୁଲି ଯାଆନା । ଯେଉଁ ଆଖି ଅଳିଆ ଆବର୍ଜନା ଦେଖେ, ସେଇ ଆଖି ପାପପୁଣ୍ୟ ଦେଖେ । ସେଇ ଅଳିଆ ଆବର୍ଜନା ଦେଖେ । ସେଇ ଆଖିକୁ ତୋ ପାଇଁ ଯତ୍ନରେ ରଖ । ଏହା ତୋର ଏକାନ୍ତ ପ୍ରୟୋଜନିକ ଜିନିଷ । ଶରୀରର ଆଲୋକ ଦୀପ ଶିଖା ନ ଲିଭିବା ପାଇଁ ସତର୍କତା ଅବଲମ୍ବନ କରିବା ଉଚିତ । ❑



Scanned by CamScanner

## ବକୁଳ ଅମାବାସ୍ୟା

ବକୁଳ ଅମାବାସ୍ୟା ଅର୍ଥ ଶ୍ରୀ ମନ୍ଦିରରେ ବକୁଳ ଲାଗି ଶ୍ରୀଶକ୍ତି ଲକ୍ଷ୍ମୀଙ୍କ ପାଖରେ ଲାଗିହୁଏ । ସେଦିନ ଠାରୁ ନବ ବସନ୍ତ ପୃଥିବୀ ପୃଷ୍ଠରେ ପ୍ରବାହିତ ହୁଏ । ସର୍ବ ଦେବା ଦେବୀମାନେ ବକୁଳ ଲାଗି ହୁଅନ୍ତି । ନବ ପଲ୍ଲବରେ ପୂଜା ଅର୍ଚ୍ଚନା କରାଯାଏ । ଏହି ଦିନ ଶ୍ରୀ ଶକ୍ତିଙ୍କର ପୂଜା । ନୂତନ ଫଳପୁଷ୍ପରେ ଶ୍ରୀଶକ୍ତିଙ୍କୁ ପୂଜା କରାଯାଏ । ଶ୍ରୀ ଶକ୍ତିଙ୍କର ଜନ୍ମ ଦିବସରୁ ବସନ୍ତ ଋତୁ ଆରମ୍ଭ ହୁଏ । ବୃକ୍ଷଲତା ପଲ୍ଲବିତ ହୁଅନ୍ତି । ଶ୍ରୀ ମନ୍ଦିରରେ ନବ ପୁଷ୍ପ ଫଳ ଆମ୍ର ବକୁଳ ଲାଗି ଉପଯୋଗି ହୋଇଥାଏ । ସେଦିନ ଜଗଧାତ୍ରୀ ମା'ଙ୍କର ମଧ୍ୟ ପୂଜା କରାଯାଏ । ଏ କଥା ବରାହୀ ତନ୍ତ୍ରରେ ଉଲ୍ଲେଖ ଅଛି । ☐

## ଜଣା ଅଜଣା

ସର୍ବ ଅଜଣା ଭିତରେ ଜାଣିଲାପରେ ଜଣା ପଡ଼ିଯାଏ, ଗର୍ଭ ଦଶମାସ, ଜନ୍ମ ଦଶମାସ, କେହି ମୋର ବାପ, ମାଆ, ଭାଇ, ବଂଧୁ ଚିହ୍ନି କହିହେବ ନାହିଁ । ଜାଣୁ ଜାଣୁ ଜଣା ପଡ଼ିଯାଏ ବା ହୋଇଯାଏ । ମାଆଙ୍କ ବଂଧୁ, ବାପାଙ୍କ ବଂଧୁ, ବନ୍ଧୁରେ ବଂଧୁ, ପ୍ରିୟା ପ୍ରୀତି ସାଙ୍ଗ ସାଥି ବଂଧୁ, ଆହୁରି ବେଳେ ବେଳେ ବି ଅଲୌକିକ ବଂଧୁ । ବନ୍ଧୁ ବଂଧନ ମାୟା । ସେହି ବଂଧୁରେ ବଂଧୁ । ଦିନେ ଶ୍ରୀକୃଷ୍ଣ ସୁଦାମାର ମଧ୍ୟ ବନ୍ଧୁ ହୋଇଗଲେ । ଜାଣିଲା ପରେ ବନ୍ଧୁ, ବାପା, ମା, କୁଟୁମ୍ବ ସହୋଦରଙ୍କୁ ଅଜଣା ହୁଅ ନାହିଁ । ଅଭାଷା କୁହ ନାହିଁ । ଅବାଟରେ ନିଅ ନାହିଁ । ଯେହେତୁ ସର୍ବେ ଅଜଣା, ଜଣା ପଡ଼ି ଅଜଣା ହେବାର କାରଣ କ'ଣ ?

ସମସ୍ତେ ସମସ୍ତଙ୍କୁ ଅଜଣା । ଅଜଣା ରାଜ୍ୟକୁ ଜଣେଇବା ପୁରୁଷ-ଭାଗବାନ । ବାପା ମାଆ ପିଲାଙ୍କୁ ଯେଉଁଭଳି ଭାବେ ବଂଧୁ ବାଂଧବ ମାନଙ୍କୁ



ଚିହ୍ନେଇ ଦିଅନ୍ତି । ସଂସାରୀର ପଥ ପ୍ରଦର୍ଶକ ଗୁରୁ, ବ୍ରାହ୍ମଣ, ପୁରାଣ । ପୁରୁଣା କଥା ପୁରାଣ । ଜାଣିବା ପାଇଁ ମନୁଷ୍ୟ ପଢେ । ଜାଣୁ ଜାଣୁ ଯଦି ଅଜଣା ହୋଇଯାଏ । ଦାନ ପୁଣ୍ୟ ଯାହା କିଛି କଲେ ଛାଡ଼ି ଦେବ ନାହିଁ । କିନ୍ତୁ ମନ ବୁଝେ, ପଢିଲେ ବିଦ୍ୟା ଜଣା । ହାଟକୁ ଗଲେ ବାଟ ଜଣା । ଆଖିକୁ ପାପ ପୁଣ୍ୟ ଜଣା । ଜଣା ସବୁ ଜ୍ଞାତି କୁଟୁମ୍ବ ମାମୁଁ-ପିଉଷା , ଭଉଣୀ-ଭାଇ । ଗୋଟିଏ ଲାଉ ଭାଙ୍ଗିଦେଲେ ତାର ୧୫୦ ଗୋଟା ମଂଜି ବାହାରିଲା । ଲଗାଇଲେ ସେ ୧୫୦ ଗଛ ହେବ । ହେଲେ ତାର ନାମ ସେହି ନାଉ ଗଛ କୁହା ହେବ ନା ଆଉ କ'ଣ କୁହାହେବ ? ସେଇ ନାଉଗଛରେ ସାନବଡ଼ ସଲଖ ଡଙ୍କ ବିଭିନ୍ନ ପ୍ରକାର ରୂପରେ ରୂପାୟିତ ହୋଇ ଆସେ । ସେହିପରି ମାନବ ଜଗତ କୁଟୁମ୍ବ ପରିବାର ନେଇ ବୃଦ୍ଧି ହୁଏ ।

ହେ ମନୁଷ୍ୟ ତୁ ଜାଣି କରି ଅଜଣା ପରି ହୁଅ ନାହିଁ । ସବୁରି ଦେହରେ ଆତ୍ମା ମୁଁ । ନିଃଶ୍ୱାସ ପ୍ରଶ୍ୱାସ ରୂପରେ ଯାତାୟତ କରୁଥାଏ । ଆକାଶରେ ସପ୍ତର୍ଷି ମଣ୍ଡଳ ଅଛି ବୋଲି ଆମ୍ଭମାନଙ୍କୁ କେହି ଜଣାଇ ଦେଇଛି । କିଏ ଆଗ ଜାଣୁଛି ତ କିଏ ପଛେ ଜାଣୁଛି । ଶାଶୁଠାରୁ ବୋହୂ ଜାଣେ । ବୋହୂଠାରୁ ଝିଅ ଜାଣେ । ଝିଅଠାରୁ ନାତୁଣୀ ଜାଣେ । ଏମିତି ଗୋଟାଏ ବେଳା ପଚାରିଲେ ସମସ୍ତେ କହିଲେ ମୁଁ ଜାଣିନି । ଯିଏ ଜାଣିଛି ସିଏ ବିରି ଶୁଖାଇଲା । ପୁଣି ତାକୁ ଭର୍ତ୍ତି କଲା । ତୁ ଦିନେ ଜାଣିବୁ । ମୋ ନାଁ ହେଉଛି ଅଜଣା । ମୁଁ ଅବେଳାରେ ହାବୁଡ଼ରେ ପଡ଼ିଯାଏ । ତୁ ଜାଣିବା ପାଇଁ ଚେଷ୍ଟା କର । ଜାଣି କରି ନଜାଣିଲେ ଝୁଣ୍ଟିବୁ । ଜାଣିକରି ନଦେଖିଲେ ଚାଳବାଜିବ । ସେହିଭଳି ଅନେକ କଥା ମୁଁ ତତେ କ'ଣ କହିବି ? ଛେଳି ଏମିତି ଜନ୍ମ ହେବ । ଛେଳି କ'ଣ କହିବି ? ଛେଳି କଣ ଜାଣିଥିଲା ତାକୁ ମେଁ ମେଁ କିଏ ଶିଖାଇଲା ? ତାକୁ ଯିଏ ଶିଖାଇଛି ମେଁ, ତତେ ସିଏ ଶିଖେଇଛି ହେଁ-'ହେ' ଏହିପରି । ସିଏ ପଶୁ ମେଁ ମନେରଖିଛି । ଆଉ ତୁ ମନୁଷ୍ୟ 'ହେ' କାହିଁକି ମନେ ରଖିନୁ ? ସେଇସବୁ ଅଜଣାରେ ବୁଦ୍ଧିଆ । ଅଜଣା ରାଜ୍ୟରେ ଜଣା ହବାକୁ ଆସି ବଡ଼ ଦୁଃଖ ଦୁର୍ଦ୍ଦଶାରେ କାଳ କାଟୁଛି । ବିଷ୍ଣୁ ଅଜଣା ! ଶିବ ଅଜଣା ! ବ୍ରହ୍ମା ଅଜଣା !



Scanned by CamScanner

ସୃଷ୍ଟିରେ ଯିଏ ସ୍ରଷ୍ଟା, ସୃଷ୍ଟିର ନାମକରଣ ସେହିଁ କରି ଅଛନ୍ତି । ନିତ୍ୟ ଅନିତ୍ୟ ଭିତରେ ଜଣେ ଜାଣେ । ଆଲୋକ ଅନ୍ଧାର ଭିତରେ ପରିଚୟ କରାଏ । ସେ କିଏ ? ତାର ରୂପ କ'ଣ ? ଆଲୋକ ନଥିଲେ ରୂପର ପରିଚୟ କଳା ଧଳା ନାଲି ଏତେ ରଙ୍ଗ ଦେଖି ହୁଅନ୍ତା କାହୁଁ ? ଏଇ ରଙ୍ଗ ଏହିଭଳି ତୁ ଜାଣନ୍ତୁ କିପରି ? ବ୍ରହ୍ମା ବିଷ୍ଣୁଙ୍କୁ ଜନ୍ମ କରି ସାରି ସେଇ ପୁରୁଷ ଆଦିକୁ ପଠେଇଲେ । ସେ ଜାଣିବା ପୁରୁଷ । ଅନ୍ତରାଳରେ ଅନ୍ତର୍ହିତ ହେଲେ । ଅନ୍ତରୀକ୍ଷରେ ଅଗୋଚର ଅନନ୍ତ ମହିମା କିଏ କହି ପାରିବ ? କିଏ ବର୍ଣ୍ଣି ପାରିବ ? ଆମେ ଆମର ଦେହ ପ୍ରାଣ ରୂପ ସଂସାର ବିଦ୍ୟା ଜାଣିବା ପାଇଁ ଗୁରୁ କରୁ । ପିଲାର ଶିକ୍ଷାଦୀକ୍ଷା ପରିବେଶ ମା' ବାପ । ତେଣୁ ଅନେକ ଲୋକ କହନ୍ତି ଯାକୁ କ'ଣ ଅଜଣା ଅଛି ? ଇଏ ଜାଣିଶୁଣି ଏମିତି ହେଉଛି ? କିନ୍ତୁ ସମସ୍ତେ ସମସ୍ତଙ୍କୁ ଅଜଣାଥିବାରୁ ଜାଣିବା ପାଇଁ ଅନେକ କଥା ପଚାରନ୍ତି । ଖାଲି କ'ଣ ପାଠ ପଢ଼ିଲେ ସବୁ ଜାଣିଯିବ ? ପ୍ରଥମ ଜାଣିବ ମା' ବାପ, ଗୁରୁଜନ । ଆଚାର ବିଚାର । ବାହ୍ୟ ଜଗତ ଅନେକ ଅଜଣା । ରତି ପ୍ରୀତି ଇଏ ଜାଣିବା ଇତି । ସତ୍ୟ, ଶାନ୍ତି, ଦୟା କ୍ଷମା ଜାଣିବା କାହିଁକି ? ସଦାବେଳେ କିଛି ନା କିଛି ସମସ୍ତଙ୍କ ଠାରୁ ସମସ୍ତେ କିଛି ଜାଣିବା ବିଧେୟ । ଏଇ ସାମାନ୍ୟ ଜଗତରେ ମହାନ ଆତ୍ମାରାମ ଅନେକ କିଛି ଜାଣିବା ପାଇଁ ବଣ ଜଙ୍ଗଲରେ ସୀତା ଠାବ କରୁଥାନ୍ତି । ସୀତା କେଉଁଆଡ଼େ ଗଲା ତୁମେ ଜାଣିଚ କି ? ଜଣେ ପୁରୁଷ ଜଣେ ନାରୀକୁ ଏଇ ପଥରେ ନେଇ ଚାଲିଗଲା । ଆମେ ଜାଣିବାରେ ଏତିକି । ଆମ ପାଖରେ ଏଇ ଜିନିଷ ଅଛି । ସୁଗ୍ରୀବ ଠାରୁ ଗହଣା ପାଇ ରାମ ଜାଣିଲେ । ସେଇଠି ହନୁମାନକୁ ପଚାରିଛନ୍ତି-''କହ ବାନର କୁଳର ସେନାପତି ବୀର ହନୁମାନ ! ଲଙ୍କା ପୁରକୁ ବାଟ କିଏ ? ହନୁମାନ କହିଲେ ପ୍ରଭୁ ! ତୁମେ କ'ଣ ନଜାଣିଚ ! ଉତ୍ତରରେ ରାମ କହିଲେ- ମୁଁ ଜାଣିଥିଲେ ପଚାରନ୍ତି କାହିଁକି ? ତହୁଁ ହନୁମାନ ଉଠି ଠିଆହେଲେ । କହିଲେ ପ୍ରଭୁ ହେ ରାମ ! ଶ୍ରୀରାମ ରାମ ରାମ ଜୟରାମ ! ତୁମେ କହିଲେ ମୁଁ ଲଙ୍କାପୁର ଯାଇ ଜଣ ଜଣ କରି ଜାଣି କରି ଆସିବି । ଶ୍ରୀରାମ ଆଶୀର୍ବାଦ କଲେ । ତହୁଁ ହନୁମାନ ଅଶୋକ ବନରେ



ସୀତାଠାବ କରି ଜଣେଇଲା ଭଳି ରାମଙ୍କର ସ୍ୱହସ୍ତ ମୁଦ୍ରିକା ମା'ଜାନକୀକୁ ପ୍ରଦାନ କଲେ ।

ମା'ଜାନକୀ ମଧ୍ୟ ଜାଣି ପାରିଲେ ନାହିଁ ତୁମେ କିଏ ବୋଲି ପ୍ରଶ୍ନ ପଚାରିଲେ ? ମା' ମୁଁ ଜଣେ ଅଜଣା ବ୍ୟକ୍ତି । ବାନର ସେନାର ସେନାପତି । ଜଣେ ବନବାସୀ ରାମ ଅଜଣାରେ ପହଞ୍ଚି ଏହି ମୁଦ୍ରିକା ଆପଣ ଜାଣିବା ପାଇଁ ଦେଇଛନ୍ତି । ତାଙ୍କୁ ଜାଣିଥିଲେ ମୋ ହାତରେ କୁହନ୍ତୁ । ମୁଁ ତାଙ୍କୁ କହିବି । ସେତେବେଳେ ଜଗତଜନନୀ ମା ସୀତା ତାଙ୍କର ପରିଚୟ ଶୁଣିକରି ଜାଣି ହନୁମାନଙ୍କୁ କହିଲେ-ହେ ବାନର । ରାବଣର ମାୟା ଅନେକ ପ୍ରକାର । ମୁଁ କେମିତି ବିଶ୍ୱାସ କରିବି ? ଭୋକିଲାରେ ଭିକ୍ଷା ମାଗି ଯିଏ ମୋତେ ଅଜଣାରେ ଧରି ଆଣିଛି ଏଠାକୁ, ସାତ ସମୁଦ୍ର ପାରିହୋଇ ତମେ ଆସିଛ ବୋଲି ମୁଁ କେମିତି ବିଶ୍ୱାସ କରିବି । ଥଟ୍ଟା କରି ପାଞ୍ଚଥର କଟା ମୁଣ୍ଡକୁ ସିଏ ମତେ ଦେଖେଇ ସାରିଲାଣି ? ତୁମେ ଯଦି ସତ୍ୟରେ ବାନର ସେନା ହନୁମାନ, ରାମ ଅଛନ୍ତି କି ? ସେଠି ଅଜଣା ହନୁମାନ ଜଣାଜଣି ହେବାପାଇଁ ଅନନ୍ତ କଳା ପ୍ରକାଶ କଲେ । ମା' ଦେଖନ୍ତୁ ! ସେଇ ହନୁମାନର ହୃଦୟରେ ଛାୟା ସଦୃଶ ପରମାତ୍ମା ରାମ ସୀତାଙ୍କୁ ଦର୍ଶନ ଦେଲେ । ସୀତାଙ୍କର ବିଶ୍ୱାସ ଆଣିବା ପାଇଁ ଆଉ ଗୋଟିଏ ସତ୍ୟ ପ୍ରକାଶ କଲେ । ମଧୁବନ ଛାରଖାର କଲେ, ତା ପରେ ଲଙ୍କାରୁ ଚାଲି ଆସିଲେ ମା'ଙ୍କ ଚରଣରେ ଶପଥ କରି । ସପ୍ତ ସମୁଦ୍ରରେ ସେତୁ ପ୍ରତିଷ୍ଠା ହେଲା । ସବୁଜଣା ପୁଣି ଅଜଣା । ଏହିଭଳି ଏହି ପୃଥିବୀରେ ଅନେକ ଅଜଣା ଅଛି । ଆମର ପାଞ୍ଚଟା ଅଜା ନା ଅଜଣା । ଆମେ କ'ଣ ଜାଣିଚୁ ? ଜାଣି ସାରିଲୁଣିଯେ କାହାକୁ କହିବୁ ? ଚନ୍ଦ୍ର ସୂର୍ଯ୍ୟଙ୍କୁ ଅଜଣା । ସୂର୍ଯ୍ୟ ନକ୍ଷତ୍ରକୁ ଅଜଣା । ମାତ୍ର କ୍ଷୀର ଖାଇସାରିଲାପରେ ଗାଈ ବାଛୁରୀ ଜଣାଜଣି ହେଲା ଭଳି ହେ ମନୁଷ୍ୟ ! ତୁ ନଜାଣି ଅନେକ କଥା କାହିଁକି କହୁଚୁ ? ଏଇ ସାମନ୍ୟ ଧରାରେ ତୁ କେତେ ଦିନ ରହିବୁ ? ନିଜକୁ ନିଜେ ଜାଣିବାକୁ ଚେଷ୍ଟାକର । ଘରଲୋକଛଡ଼ା ଅଧେ ଗାଁ ଲୋକଙ୍କୁ ତୁ ଜାଣିନୁ । ଯେଉଁ ଜିଲ୍ଲାରେ ତୁ ଜନ୍ମ ନେଇଛୁ ତୁ ସମୁଦାୟ ତାକୁ ଆଖିରେ ଦେଖିନୁ । କାନରେ ଶୁଣିଥିବୁ



Scanned by CamScanner

ପତ୍ର ପତ୍ରିକାରୁ, ରେଡ଼ିଓରୁ, ଟି.ଭି ପରଦାରୁ । ତାକୁ ଆଗ ଜାଣ । ତା ପରେ ରାଜ୍ୟ, ଦେଶ ଓ ବିଶ୍ୱ ଜାଣ । ଶେଷରେ ମୋତେ ଜାଣିବୁ ମୁଁ କିଏ ? ଚେଷ୍ଟା କଲେ ଜାଣିପାରିବୁ । ଜଣେଇ ଜାଣିବାକୁ ଇଚ୍ଛା ହେଲେ ଜାଣିବୁ ଅହଲ୍ୟା ପାଷାଣରୁ ତରିଥିଲା । ସବୁ ଅଜଣା । ରାମ କିନ୍ତୁ ଜାଣି କରି ପାଦ ମାରିଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦ ଅଜଣା ଅଣାକ୍ଷର ଅକ୍ଷରକୁ ଅଣସୂତ୍ରରେ ଅସାଧନା ଯୋଗ କରି ଜାଣି ଜଣେଇବା ପାଇଁ ରାମ ଦାସକୁ ପାଖରେ ବସାଇ ଶିକ୍ଷାଦାନ କରିଥିଲେ । ତେଣୁ ଜଗତ ସବୁ ଜଣା ଅଜଣା । ସର୍ବେ ଅଜଣା ତୁ ଜଣା । ହେଜିଲେ, ନିଷ୍କାମନା ହେଲେ, ସତ୍ୟ ପଥର ପଥିକୀ ହେଲେ ସବୁ ଜାଣିପାରିବୁ । ❑

## ସତ୍ୟ ଓ ମିଥ୍ୟା

ସତ୍ୟ କହିଲେ ସତ୍ୟ ପଥର ପଥିକୀ ହେବୁ । ସତ୍ୟଧନ ଯୁଗେ ଯୁଗେ । ମିଥ୍ୟାଧନ ପକ୍ଷେ । ନ୍ୟାୟ ଅନ୍ୟାୟ ଯୋଡ଼ିକ ଜଣେ ମାତ୍ର ଦେଖେ । ସେହି ଆଖି ସାକ୍ଷୀ ଦେଇ ଦିନରାତି ଚାହିଁଛି । ତୁ ଚାତକ । ସେ ଜଳ ଅଛି ତୋହ ପାଇଁ । ମିଥ୍ୟାଟି ଅନ୍ଧକାର । ସତ୍ୟ ଆଲୋକ ସଦୃଶ । ଆଲୋକ ଭିତରେ ମୂଳକ । ମୂଳକ ଭିତରେ ରହି ଠକିବୁ କାହାକୁ ? ତୋତେ ତୁହି ଠକୁଥାଉ । କହିବୁ କାହାକୁ ବଳଦିନେ ସରିଯିବ । ସବୁ ଅଚଳ ହେବ । ତୋ ବହପ ରହିବନି । କାଳ ଗ୍ରାସୁଥିବ । କାଳ ଠାରୁ ଜଗତ୍ରରେ କିଏ ବଡ଼ ଅଛି । ଆସେ ଶୂନ୍ୟରେ ସବୁଆଡ଼ ଭାଙ୍ଗିଦିଏ । ତେଣୁ ମୋ କଥା ମାନ । ତୁ ତୋ ପାଇଁ ସତ୍ୟ କହ । ସତ୍ୟ ପଥରେ ଚାଲ । ତାହାର ଦର୍ଶନ ପାଇବୁ । ତୋତେ ହିଁ ତୁହି ଦେଖି ପାରିବୁ । ଏହା ସତ୍ୟ ସତ୍ୟ ସତ୍ୟ ।

ଅନ୍ୟାୟ ଯିଏ କରେ ତା ଆଖିରେ ନ୍ୟାୟ । ନ୍ୟାୟ ଯିଏ କରେ ଅନ୍ୟାୟ ଆଖିରେ ତାହା ଅନ୍ୟାୟ । ନ୍ୟାୟ ଅନ୍ୟାୟର ମୀମାଂସା ସମୟରେ ହୁଏ । ସେହି ସମୟରେ ଅନ୍ୟାୟ ବାଲା କୁହେ-ମୁଁ ଯାହା କଲି ଭୁଲ



ହୋଇଗଲା । ଶେଷ ସମୟରେ ହିରଣ୍ୟ, ରାବଣ, କଂସ ସବୁ ଭୁଲ ମାନିଲେ । ସର୍ବେ ସମାପତ ପରେ ଭୁଲ । କ'ଣ ହେବ ! ଆଉ କଣ ଫେରି ଆସିବ ? କଳାପାହାଡ଼ ବାପାକୁ ଭୁରୁଡ଼େଇ ସର୍ବ ଦେବାଦେବୀ ମାନଙ୍କର ନାକ, କାନ, ହାତ,ଗୋଡ଼ କାଟିବା ପାଇଁ ଇଚ୍ଛା କଲା କାହିଁକି ? ବ୍ରାହ୍ମଣ ମାନଙ୍କର ଅସତ୍ୟ ଭାବ, ମିଥ୍ୟା କହି ଭୋଗ ଦେବା, ଭୋଗନେବା, ଭୋଗ କରିବା ତା ପକ୍ଷେ ଦେଖିବାକୁ ଅନ୍ୟାୟ ଭଳି ଲାଗିଲା । ତାହାହେଲେ ମୁସଲମାନ ଝିଅ ଆମ୍ଭ ଚାହୁଁଛି । ରକ୍ଷାକର୍ଲେ ମୋର ଭୁଲ ହେବ କ'ଣ ? ହିନ୍ଦୁର ସତ୍ୟର ଠାକୁର ଦେଖାଅ । ସେଇ ଦିନଠାରୁ ଆଜିଯାଏ ବିଗ୍ରହ ବିକଳାଙ୍ଗ । ଭକ୍ତିହୀନ ମିଥ୍ୟା ପ୍ରହେଳିକା ଭିତରେ ଗୁଡ଼ିଏ ଧୂପକାଠି ଧୂପ, ଭକ୍ତିହୀନ ମୁଣ୍ଡିଆ । ହିନ୍ଦୁର ଗୋଟିଏଘରେ ଯଦି ପଇଁତିରିଶ ପରିବାର ଲୋକଥାଆନ୍ତି ତେବେ ସେଠାରେ ପଇଁତିରିଶ ପ୍ରକାର ଭଗବାନ, ପଇଁତିରିଶ ପ୍ରକାର ମନ । ମୁସଲମାନଙ୍କର ଏକ ଆଲ୍ଲା । ଏକ ସଲାମ୍ । କିନ୍ତୁ ହିନ୍ଦୁର ଲକ୍ଷେ ସଲାମ, ଲକ୍ଷେ ଗୋଲାମ୍ । ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ବେଳେ ହିନ୍ଦୁ ପରାସ୍ତ ହୁଏ । ଦୁଃଖ ସହେ କାହିଁକି ? କ'ଣ ତାର ଅଭାବ ଥାଏ ? ଭଗବାନଙ୍କୁ ରଖି ଯିଏ ମିଥ୍ୟା କୁହେ । ସତ୍ୟର ଅଭାବ ହେଲେ ତାକୁ ସର୍ବ ଅଭାବ ହୋଇଥାଏ । ❑

## ଖଣ୍ଡଗିର

ଓଡ଼ିଶାର ଅନେକ ପ୍ରସିଦ୍ଧ ସ୍ଥାନ ମଧ୍ୟରେ ଏକାମ୍ର କାନନ ଖଣ୍ଡଗିରି ଅନ୍ୟତମ । ତାର ନାମ ଖଣ୍ଡଗିରି ହେବାର କାରଣ କଣ, ଉଦ୍ଦେଶ୍ୟ କଣ ? ମୁନି ଋଷି ଯୋଗୀ ବୈଷ୍ଣବ ମାନେ ସେହି ସ୍ଥାନରେ ଜ୍ଞାନ ଲାଭ କରିଥିଲେ । ସ୍ୱର୍ଗ ଗଙ୍ଗା ପରି ମର୍ତ୍ତ୍ୟଗଙ୍ଗା ଖଣ୍ଡଗିରି, ଏକ ଗଙ୍ଗାନାମରେ ପରିଚିତ । ସାଧୁ ସନ୍ଥମାନେ ସେହି ପବିତ୍ର ଜଳରେ ସ୍ନାନ କରୁଥିଲେ । ଉଦୟଗିରିରେ ଜଳପାନ କରିଥିଲେ । ବାରଭୂଜା ପାଖରେ ପରୀକ୍ଷା ଦେଇ ସାଧୁତା ଲାଭ କରିଥିଲେ । ଖଣ୍ଡଗିରିର ମାହାତ୍ମ୍ୟ- ସତ୍ୟ କହିଲେ ଖଣ୍ଡଗିରି ରହିବ । ମିଥ୍ୟା କହିଲେ ବ୍ୟାଘ୍ର



Scanned by CamScanner

ଖାଇବ । ଆଜି ସେଇ ପୁଣ୍ୟ କ୍ଷେତ୍ର ମିଥ୍ୟାରେ ପରିପୂର୍ଣ୍ଣ । କାରଣ ଏହା ହେଉଛି କଳିର ଖେଳ । କଳିର କଳୁଷ ବଢ଼ିଗଲା ବେଳେ କଳିର ଚତୁର୍ଥ ଭାଗ ସମୟ ବେଳକୁ ଏଠାରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଆଶ୍ରମ ପ୍ରତିଷ୍ଠା ହେବ । ଅଚ୍ୟୁତାନନ୍ଦ ଶିଷ୍ୟ ରାମଦାସ ତାର ମାର୍ଫତଦାର ରହିବେ । ଶେଷରେ ରାମଦାସ ଦ୍ୱାର ସଦୃଶ ଭକ୍ତ ମାନଙ୍କୁ ପରିଚିତ କରାଇ ଇହଲୀଳା ତ୍ୟାଗ କରିବେ । ଏହି ସେହି ସମୟ । ସେହିଠାରେ କଲ୍‌କୀରୂପରେ ଜଗନ୍ନାଥ ଭକ୍ତଙ୍କୁ ଦରଶନ ଦେବେ । ସର୍ବ ଆଶ୍ରୟ ସ୍ଥାନସେଠାରେ ହେବ । କଳିରେ ଷଢ଼ ଗୋସ୍ୱାମୀ ଖଣ୍ଡଗିରିର ପାଦଦେଶରେ ଅବସ୍ଥାନ କରିବେ । ଆଶ୍ରମର ନାମ ସତ୍ୟକୁ ପଥିକ । ଅଚ୍ୟୁତ ନାମରେ ପରିଚୟ । ଦ୍ୱାଦଶ ଗୋପାଳ, ଷୋଳ ସରଦାର, ଚବିଶ ମହନ୍ତ, ପଞ୍ଚସଖା ନାମରେ ନାମ କରଣ ସେହି ସ୍ଥାନରେ ହେବ । ଆଦ୍ୟପ୍ରାନ୍ତ ଠିକଣା, ଶୈବ କାନନ, କଳିର ସର୍ବ ପାପ ବିନାଶ ନିମନ୍ତେ ଗୁପ୍ତ ଗଙ୍ଗା ସ୍ନାନ ଜଳ ସିଞ୍ଚନ ପୂର୍ବକ ଭକ୍ତ ମାନଙ୍କୁ ସତ୍ୟ ପଥରେ ପଥିକ କରାଇବେ । ❑

## ସୁନାମ

ଲୋକ ବସବାସ କଲାପରେ ଗାଁ'ର ନାଁ । ମାତୃ ଗର୍ଭରୁ ଜନ୍ମ ହୋଇ ସାରିଲାପରେ ପିଲାର ନାଁ । ମାଟି, ପଥର, ବାଲି ସମୟ ସମୟେ ମିଶିକରି ସମସ୍ତେ ଅଛନ୍ତି । ଗାଁ'ନା, ବାଆ ନାଁ, ମାମୁଘର ନାଁ ମିଶି ପିଲାର ବଂଶ ଗଠନ କରାଯାଏ ।

ଶ୍ରୀକୃଷ୍ଣ ବାଲ୍ୟବସ୍ଥାରେ ତାଙ୍କ ଗାଆଁ ନାଁ ଜାଣିନଥିଲେ । ଆସ୍ତେ ଆସ୍ତେ ବଡ଼ହୋଇ ସାରିଲାପରେ ଗାଁ' ନାଁ ମନେ ପଡ଼ିଲା । ତାଙ୍କର ଗାଁ କ'ଣ ହେବ ? ତଥାପି ଆମ୍ଭମାନଙ୍କୁ ଶିକ୍ଷା ଦେବା ପାଇଁ । ଏ ଗୋଟାଏ ପ୍ରହେଳିକା । ଏଇ ପ୍ରହେଳିକାର ଭାବ ମନୁଷ୍ୟର ସବୁ କରେ । ସେହି ଭାବକୁ ଆଣିବା ପାଇଁ ଘରଟିଏ ଲୋଡ଼ା । ଅଭାଗାରେ ଘରଟିଏ କର । ପୁଣି ସେଇ ଘର



ଭାଗରେ କର । ସମସ୍ତିଙ୍କର ଅଜଣା ଅଚିହ୍ନା ଭିତରେ ଅଭାଗ ମଧ୍ୟଥାଏ । ତେଣୁ ଜନ୍ମ କାଳରୁ ବାଳକ ବେଳେ ଅବିଦ୍ୟା, ଅଶିକ୍ଷା, ଅନାର୍ଯ୍ୟ, ଅନିୟମ, ବିଶୃଙ୍ଖଳାରେ ଜନ୍ମ ହୋଇ ମନୁଷ୍ୟ ଆସେ । ଶୃଙ୍ଖଳିତ ହୁଏ ସଂସ୍କୃତି ଓ ପରିବେଶରେ ମିଶି । ମନୁଷ୍ୟ ଯଦି ସବୁ ସମାନ, ତେବେ ଏତେ ପ୍ରକାର ଅଙ୍କା ବଙ୍କା ଭାଷା କାହିଁକି କରାଗଲା ? ନାଁ ମନୁଷ୍ୟ ସାଥିରେ ମିଶି ଭାଷା ତିଆରି ହୁଏ । ତେଣୁ ନାନା ଦେଶରେ ନାନା ଭାଷା । ଅନେକ ପୋଷାକ ପରିବର୍ତ୍ତନ ମଧ୍ୟ ହୋଇଯାଏ । କିନ୍ତୁ ଶରୀର କଣ ପରିବର୍ତ୍ତନ ହୋଇଥାଏ ? ଶରୀର ପରିବର୍ତ୍ତନ ହୋଇପାରେ କିନ୍ତୁ ରୂପ ପରିବର୍ତ୍ତନ ହେବ ନାହିଁ । କେତିକି ଦିନ ଏଇ ଦୁନିଆକୁ ଆସି ମିଛ କହ ନାହିଁ, ଦୁର୍ନୀତି କର ନାହିଁ, ଦୁର୍ନୀତି କେବେ ଶେଷ ସମୟକୁ ବଳ ଦେଇ ପାରେ ନାହିଁ ।

ମନୁଷ୍ୟର କଳ କୌଶଳ-ବଳ, ହାତ ଠେଙ୍ଗା ପାହାରକୁ ମାନେ ନାହିଁ । ଆଙ୍କୁଶକୁ ଭୟ କରେ । ଦେହଯାକ ଆଙ୍କୁଶ ମାରିଲେ ହାତୀ ମାନିବ ନାହିଁ । ତାର କପାଳରେ ବ୍ରହ୍ମସ୍ଥାନ ଅଛି । ସେହି ସ୍ଥାନରେ ଆଙ୍କୁଶ ବାଜିଲେ ହାତୀର ମନ ପରିବର୍ତ୍ତନ ହୁଏ । ସେହିପରି ମନୁଷ୍ୟର ଜ୍ଞାନକୁ ଆଙ୍କୁଶ ବୋଲି କୁହାଯାଏ । ଗୁରୁଜନ ମାନେ ଜ୍ଞାନ ରୂପକ ଆଙ୍କୁଶରେ ପଥପ୍ରଦର୍ଶିତ କରାନ୍ତି । ଅନ୍ଧର ଦର୍ପଣ କଣ ଦରକାର ? ଅନ୍ଧକୁ ଉଦ୍ୟାନ ଭିତରକୁ ନେଇ କେଉଁ ଫୁଲ ଦେଖାଇବ ? ସେହିପରି ଆଖିଥାଇ ଯେଉଁମାନେ ଅନ୍ଧଭଳି କାମ କରନ୍ତି ତାଙ୍କୁ ଦିବାନ୍ଧ କୁହାଯାଏ । ଦୁଇକାନ କାଲ ହୋଇଥିବାଲୋକ ବାଦ୍ୟର ସ୍ୱର ସୁନ୍ଦର ଶ୍ରୁତି ମଧୁର ବିଷୟରେ କ'ଣ ବିବେଚନା କରିହେବ ? ସେହିପରି ଏ ଜଗତ୍ରରେ ଗାଁ' ନାହିଁ କି ନାଁ ନାହିଁ । ସର୍ବେ ଅନାଥା ଆଶ୍ରମର ଆଶ୍ରାରେ ଶରୀର ଗଠନ କରିଛନ୍ତି । ସୁନାର ଆବଶ୍ୟକତା କଣ ଅଛି ? ରୋଲ ଗୋଲରେ ଚଳିବ । ହେ ମନୁଷ୍ୟ ଏ ଭାବନା ଛାଡ଼ ! ସୁନାର ମନୋଭାବ ସୁନା ହେଲାଭଳି ସୁନାମ ସୁନାକୁ ବ୍ୟବହାର କର । ଅକଲ ରୂପକ କଷଟିରେ କଷିଧର । ତେଣୁ ସବୁ ମନୁଷ୍ୟ କିପରି ସମାନ ହେବ । କିଣି ହେବ । ମାତ୍ର କନାର ହିସାବ ରଖ । ମିଟର ୧୦ ଟଙ୍କା ଠାରୁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଅଛି । ଦୂରକୁ

ସେହିରଙ୍ଗ ସେହିଭଳି । ମୁଁ ସେଇ ପ୍ୟାଣ୍ଟ ପିନ୍ଧିଛି ସେହିଭଳି ହେବି, ତାହାନୁହେଁ । ଜ୍ଞାନ ସମାନ ହୋଇ ପାରିବ ନାହିଁ । ଧନ ସମାନ ହୋଇ ପାରିବ ନାହିଁ । ବିଦ୍ୟା ସମାନ ହୋଇ ପାରିବ ନାହିଁ । ବୁଦ୍ଧିର ରୂପ ଅନେକ । ସତ୍ୟ କହିଲେ ସୁନାମ ବଢ଼େ, ଜ୍ଞାନ ବଢ଼େ, ଧନ ବଢ଼େ ସର୍ବୋପରି ବୁଦ୍ଧି ମଧ୍ୟ ବଢ଼ିଥାଏ । ହେ ମନୁଷ୍ୟ ସର୍ବଦା ସତ୍ୟ କୁହ । ତେବେ କାଳକୁ ଜୟ କରିପାରିବୁ । ସବୁକାଳକୁ ତୋର ସୁନାମ ଏ ପୃଥିବୀରେ ରହିଥିବ । ❑

## ସାଧନା

ପ୍ରଥମ ସାଧନା- ଭଜନ ଦୃଢ଼ ରଖିବା ପାଇଁ । ସାଧକ ତପସ୍ୟା କରେ । ଆହାର, ନିଦ୍ରା, ମୈଥୁନ ତ୍ୟାଗ କରିବାକୁ ହୁଏ । ପୂର୍ବେ ସାଧକମାନେ ସାଧନା ବେଳେ ଯଥାସମ୍ଭବ ଖାଦ୍ୟ କମ୍ କରୁଥିଲେ । ନିରାହାରୀ କେହିନଥିଲେ । କେହି ପବନକୁ ଆହାର କରୁଥିଲେ, କେହି ଜଳ ଓ ଫଳ ଭକ୍ଷଣ କରୁଥିଲେ । ପବନରେ ଆଠଟି ଜିନିଷ ଥାଏ । ଜଳରେ ମଧ୍ୟ ଆଠଟି ଜିନିଷ ଯୋଗ ହୋଇଥାଏ । ଯୋଗୀ, ସାଧକ ମାନେ ଏ କଥା ଜାଣନ୍ତି । ପବନ ଓ ଜଳର ଏହି ଆଠଟି ବସ୍ତୁ ସହିତ ସେମାନେ ଯୋଗାଯୋଗ ରଖିଥିଲେ । କେଉଁବାୟୁ କେଉଁ ସମୟରେ ଛାଡ଼ିବୁ, କେଉଁ ସମୟରେ ନେବୁ ତାହା ତାଙ୍କୁ ଜଣାଥିଲା । ସୂର୍ଯ୍ୟଙ୍କର ମଧ୍ୟ ଆଠଟି ତେଜ ଶକ୍ତି ରହିଛି । କେଉଁ ତେଜ କେତେକେତେବେଳେ ଗ୍ରହଣ କରିବାକୁ ହେବ ତାହା ସେମାନଙ୍କୁ ଜଣାଥିଲା । ତେଣୁ ସେହି ସମୟକୁ ଚାହିଁ ବାୟୁଠାରୁ, ଜଳଠାରୁ ଓ ସୂର୍ଯ୍ୟଙ୍କଠାରୁ ଶକ୍ତି ଗ୍ରହଣ କରୁଥିଲେ । ଏହାକୁ କୁହାଯାଏ ଦେଶ-କାଳ-ପାତ୍ର । ଏଥିପାଇଁ ପ୍ରଥମେ ସଂଯମତା ଅବଲମ୍ବନ କରିବା ବିଧେୟ ।

ସବୁବେଳେ ଖାଇବାର ଯୋଗ୍ୟ ନୁହେଁ । ସବୁ ଜଳରେ ସ୍ନାନ କରି ହେବ ନାହିଁ । ସବୁ ଜଳ ପୂଜା ଅର୍ଚ୍ଚନାରେ ଲାଗେ ନାହିଁ । ମନୁଷ୍ୟ ମିଠା, ଲବଣ, କ୍ଷାରୀ ଭିତରେ ତିଆରି ହୋଇଛି । ଜଳହିଁ ମନୁଷ୍ୟର ଜୀବନ । ସମୁଦ୍ର



ଜଳ ବର୍ଷା ରୂପରେ ପୃଥିବୀକୁ ଆସେ ବୋଲି ସମସ୍ତେ କହି ପାରିବେ । ମାତ୍ର କେଉଁ ସୂତ୍ରରେ ଜଳ ଆସେ ତାକୁ କେହି ଦେଖି ନାହାନ୍ତି । ବିଭିନ୍ନ ପ୍ରକାର ରଙ୍ଗରେ ବାଦଲ ତିଆରି ହୁଏ । ସବୁ ବାଦଲରେ ବର୍ଷା ହୁଏନି । ଆକାଶକୁ ଛାଡ଼ି ବହୁ ଦୂରରେ ବାଦଲ ତିଆରି ହୁଏ । ବର୍ଷାଜଳରେ ସରୁ ସରୁ ରନ୍ଧ୍ର ତିଆରି ହୋଇଅଛି । ଏସବୁ କାହାର ବିଚକ୍ଷଣତା । କେଉଁ ଚାଳୁଣୀ, କେଉଁ ରନ୍ଧ୍ର, କିଏ ତିଆରି କରିଛି । କ୍ଷଣେ କ୍ଷଣେ ହୁଏ ପୁଣି କ୍ଷଣେ ହୁଏ ନାହିଁ । ତେଣୁ ଏପୃଥିବୀ କ୍ଷଣସ୍ଥାୟୀ । ସୁଖଦୁଃଖ କ୍ଷଣସ୍ଥାୟୀ । ଜୀବନ କ୍ଷଣ ସ୍ଥାୟୀ । ସବୁକ୍ଷଣ ଭଂଗୁର । ଜଣେ ସତ୍ୟ । ଆଉ ସବୁ ମିଥ୍ୟା । ସତ୍ୟକୁ ପାଇବା ପାଇଁ ସାଧନା ଆବଶ୍ୟକ । ତେଣୁ ହେ ମନୁଷ୍ୟ ! ମନ ସ୍ଥିର କରି ସାଧନା କର । ତେବେ ତାର ଦର୍ଶନ ପାଇବୁ । ❑

## ମହୁମାଛି

ମହୁମାଛି ଫୁଲକୁ କେବେ ଜାତି ପଚାରି ମଧୁ ସଂଗ୍ରହ କରେ ନାହିଁ । ସେ ଜାଣେ ସବୁ ଫୁଲରେ ମିଠା ଅଛି । ସେ ଫୁଲର ସୌନ୍ଦର୍ଯ୍ୟ ନଷ୍ଟ କରି ନଥାଏ । ତାର ଧର୍ମ ହେଉଛି ମଧୁଟାଣିବା । ପେଟେ ଟାଣେ । ପାଟିରେ ପାଟିଏ ଆଣି ବସାର କୋଠରୀ ଦେହରେ ଭରି ଭରି ରଖୁଥାଏ । କିନ୍ତୁ ସେ ମହୁଁ ବୋହି ପଡ଼ିବ ନାହିଁ । ତାର ମୁହଁରେ ଆଉ ଗୋଟିଏ ଅଠା ଥାଏ । ଦଶ ଦିନରେ ଗୋଟିଏ ଗାତ ଭରୁଥାଏ । ଏହିଭଳି ଅନେକ ମହୁମାଛି ଯେଝା ଯେଝା ଗାତରେ ମହୁ ଭରନ୍ତି । ଦିନରାତି ଜଗି ମଧ୍ୟ ବସନ୍ତି । କାଳେ କିଏ ମାରି ନେଇଯିବ । ତା ସହିତ କିଛି ଅଣ୍ଡା ମଧ୍ୟ ତିଆରି କରନ୍ତି । କିନ୍ତୁ ମାଛିର ପିଲା ମାଆର ପରିଚୟ ଭୁଲିଯାନ୍ତି । ରାଣୀମହୁ କିନ୍ତୁ ତାର ପିଲାକୁ ଭୁଲିପାରେ ନାହିଁ । ହେଲେ କ'ଣ ହେବ 'ଶବର' ଯେତେବେଳେ ସବୁ ମାରିନେଇ ଯାଏ ? ❑



Scanned by CamScanner

# ସାଧୁର ହିସାବ

ପକ୍ଷୀ ସନ୍ନ୍ୟାସୀ ଋଷି ମୁନି । ଅନେକ ଛୋଟ ବଡ଼ ଡାଙ୍ଗ କୁଟା ଆଦି ଆଣିକରି ପକ୍ଷୀ ବସା ତିଆରି କରେ । ଯେଡ଼େ ପକ୍ଷୀକୁ ସେଡ଼େ ବସା ପକ୍ଷୀ ତିଆରି କରେ । ବସାର ରୂପ ବିଭିନ୍ନ ପ୍ରକାରର । ସେ ପକ୍ଷୀ ଯଦି ପଚାରହୁଏ, ଏ କାଠି କୁଟା କେଉଁ ସ୍ଥାନରୁ ଆଣିଚ ? ସେ ପକ୍ଷୀକୁ ତାର ଉତ୍ତର ଦେଇ ପାରିବ ନାହିଁ । ସେମାନେ ଏଣେ ତେଣେ ବୁଲିବାଲି ପେଟେ ଖାଆନ୍ତି । ପିଲାଛୁଆ ଡ଼ିମ୍ବ ଦେବା ସମୟ ହେଲେ ବସାଟିଏ ତିଆରି କରନ୍ତି । ପିଲା ବଡ଼ କରି ଉଡାଇ ନେଲା ପରେ ତାଙ୍କ ଘରେ ତାଙ୍କର ମନ ନଥାଏ । କାଳକ୍ରମେ ବସାଭାଙ୍ଗି ଗଳି ପଡ଼େ । ସାଧୁ ସନ୍ଥମାନେ ସେହି ପକ୍ଷୀ ସଦୃଶ ଅନେକ ରାଜ୍ୟ ବୁଲି ବୁଲି ଭିକ୍ଷା ମାଗି ଜୀବନ ନିର୍ବାହ କରନ୍ତି । ତାହା ପକ୍ଷୀର ଛୋଟ ବଡ଼ ଡାଙ୍ଗଭଳି । ଭିକ୍ଷାର ପରିମାଣ କିଛି ନାହିଁ । ପକ୍ଷୀ ସଦୃଶ ବାରଗ୍ରାମ ତେରଦେଶ ବୁଲି ବୁଲି ଯେ ଯାହା ଭିକ୍ଷାଥାଳରେ ପକାଏ, ତାହା ଖାଆନ୍ତି । ଯାହା ବଳିପଡ଼େ ମନ୍ଦିର ଆଶ୍ରମ ଦେବତା ପାଇଁ ସେସବୁ ଭିକ୍ଷାଧନକୁ ରଖିଯାଆନ୍ତି । ସେଇଥିରେ ସାଧୁ ଉପଭୋଗ କରନ୍ତି ନାହିଁ । କାଳକ୍ରମେ ପୀଢ଼ିକୁ ପୀଢି ଭକ୍ତ ଉପଭୋଗ କରନ୍ତି । ଯେଉଁମାନେ ପ୍ରଭୁ ଦ୍ୱାରରେ ଭିକ୍ଷା କରି ଗୁରୁ ଆଜ୍ଞାରେ କାଳ ଯାପନ କରନ୍ତି । ତାଙ୍କୁ ଯଦି କେହି ପଚାରନ୍ତି ଏତେଟଙ୍କା ପଇସା କେଉଁଠୁ ଆଣିଲ ? ସେ କ'ଣ ଉତ୍ତର ଦେବେ ? ଯେ ବାପା ମା ଭାଇ ବଂଧୁ ହିସାବ ଛାଡ଼ି ଚାଲିଗଲେ, 'ବାରଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା ।' ସେ ମନ୍ଦିରର ହିସାବ କ'ଣ ଦେଇ ପାରିବେ । ଗୋଟିଏ ପଇସାରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଭିକ୍ଷା ମାଗିପାରୁ । ଭିକାରୀ କେବେ ଉପାସ ରହିପାରନ୍ତି ନାହିଁ । କିଏ ଗାଳିଦିଏ ତ କିଏ ଭିକ୍ଷାଦିଏ । କିଏ ଖାଇବାକୁ ଦିଏତ କିଏ ପାହର ପକାଏ । ଭିକାରୀର ହିସାବ ନଥାଏ । ଯାହା ବଳେ ଠାକୁରଙ୍କ ପାଇଁ ରହେ ।



ସଂସାରୀ ଯେପରି ତାର ପିଲାଛୁଆ ପାଇଁ ସଂସାର ଉପକରଣ ରଖିଯାଏ, ସନ୍ନ୍ୟାସୀ ସେମିତି ଭଗବାନଙ୍କପାଇଁ , ଭଗବାନଙ୍କ ଭକ୍ତଙ୍କ ପାଇଁ ଭିକ୍ଷାରୁ ବଞ୍ଚାଇ କିଛି ଛାୟାଛତ୍ର କରିଯାନ୍ତି ।

ନାନା ପ୍ରକାର ହରିହାଟ ହୁଏ । ଅନ୍ନ ଦାନ ହୁଏ । ସେ କାହାଠାରୁ ହିସାବ ଆଣିନାହାନ୍ତି କି କାହାକୁ ହିସାବ ଦେଇ ପାରିବେ ନାହିଁ । ଭିକ୍ଷାର ନାମ ଅଗଣିତ ଅମାପ । ସନ୍ନ୍ୟାସୀ ଯାହା ଖର୍ଚ୍ଚ କରନ୍ତି ସେ ମଧ୍ୟ ଅମାପ ଅଗଣିତ । ଯେଉଁ ଭକ୍ତର ଯେଉଁଭଳିଭାବ ଏବଂ ମନ ତାଙ୍କର ସେହି ଭଳି ଦାନ । କିଏ ଫଳ ପୁଷ୍ପ ଆଣିଛି, କିଏ ଘଣ୍ଟ ଘଣ୍ଟା ଆଣିଛି, କିଏ ଡାଲି ଚାଉଳ ଆଣିଛି । ଯାହାର ଯାହା କାମନା ଥାଏ, ସୁନା ରୂପାର ଆଖି, କାନ, ମୁକୁଟ ଠାକୁରଙ୍କ ପାଇଁ ଦାନ କରେ । ଆମେ ତାକୁ ଠାକୁର କାମରେ ନିୟୋଜିତ କରାଉ । ତାଙ୍କ ସୁନାରୂପା ଶାଢ଼ୀରେ ଆମର କ'ଣ ଅଛି ? କୌପୁନି ଆମର । ବୃକ୍ଷ ମୂଳେ ଆମର ବାସ । ମିଳିଲେ ପେଟେ ଖାଉ, ନମିଳିଲେ ଉପାସ । ସାଧୁ ଭାବେ ସମସ୍ତଙ୍କୁ ସମାନ ଦେଖିବା ପାଇଁ । ସାଧୁଙ୍କୁ ସମସ୍ତେ ସମାନ ଦେଖନ୍ତି ନାହିଁ । ସାଧୁ ଆକାଶର ବାଦଲ ସଦୃଶ କାଳଯାପନ କରେ । ଆକାଶରେ ବାଦଲ କ୍ଷଣେ ଅଛନ୍ତିତ କ୍ଷଣେ ନାହିଁ । ମାତା ପିତା ରୂପରେ ସାଧୁ ଲକ୍ଷ୍ୟ ପଥରେ କାଳ ଯାପନ କରେ । କିନ୍ତୁ ସେ ସମସ୍ତଙ୍କୁ ଚିହ୍ନିରଖି ପାରନ୍ତି । ସାଧୁ ତାର ସାଧୁକର୍ମ, ଗୁରୁକର୍ମକୁ ମନେରଖେ । ସଂସାରୀ ସେପରି ତାର ବଂଧୁ ବାନ୍ଧବ ସହୋଦରକୁ ମନେରଖିପାରେ । ଯଦି ସନ୍ନ୍ୟାସୀଙ୍କୁ ପଚାରିବ ସବୁ ଦ୍ରବ୍ୟ କେଉଁଠୁ ଆସିଲା, କେତେ ଆଣିଛ, ତାର ହିସାବ କଥା ସେ ବା କଣ କରିବ ? କିପରି ଉତ୍ତର ଦେବ ? ସଂସାରୀ ସିନା ହିସାବ ରଖେ । ସାଧୁର ହିସାବ ନଥାଏ । □

# ହୋଲି ରଂଗ

ସକଳ ମାନବ ପ୍ରାଣୀ ଜଗତର ବନ୍ଧୁ ଜଗବଂଧୁ । ଅନେକ ପୁର ଯେ ରଚିଛନ୍ତି । ଅନେକ କାବ୍ୟଗ୍ରନ୍ଥ ବଳି ପୁରାଣ ଯେ ସୃଷ୍ଟି କରିଛନ୍ତି । ମଣିଷ



Scanned by CamScanner

ମନକୁ ପବିତ୍ର ରଖିବା ପାଇଁ ସକଳ ପର୍ବପର୍ବାଣୀ, ମନ୍ଦିରର ଭିଆଣ । ହୋଲିପର୍ବ ସେଥିରୁ ଅନ୍ୟତମ । ନିଷ୍କଳନା ସତ୍ୟ ସ୍ୱଭାବ ସୂର୍ଯ୍ୟ ଯାହାଙ୍କଠାରୁ ଯେଉଁ ଶତରଙ୍ଗ ବିଚ୍ଛୁରଣ ହୁଏ ସେହିରଙ୍ଗ ଖେଳ ହୁଏ ହୋଲିରେ । ମର୍ତ୍ତ୍ୟପୁର ମାନବ ପ୍ରାଣୀଜଗତ୍ର ପାଇଁ ଦଶମୀ ଦିନ ଗୋବିନ୍ଦ ଘରେ ଘରେ ବୁଲି ଅବିର ଦାନ କରନ୍ତି । ଅବିରତେ ଏକ ବର୍ଷର ପାପଯାଏ । କର୍ପୁର ଅଗରୁ ଚନ୍ଦନ ଗୁଣ୍ଡ, ଗଙ୍ଗା ମୃତ୍ତିକା, ପତ୍ର ରଙ୍ଗ ସବୁଜ ସବୁରି ଅଙ୍ଗରେ ଦ୍ୱାରେ ଦ୍ୱାରେ ପ୍ରଭୁ ସ୍ପର୍ଶ କରନ୍ତି । ତାର ନାମ ଫଗୁ ଗୁଣ୍ଡ । ଫଗୁଣର ରୂପ ବାକ୍ୟଛଳ ସଦ୍‌ଗୁଣ, ସଦ୍‌ଇଚ୍ଛା, ସଦ୍‌ଭାବ, ସଦାଚରୀ ଯେକି ସର୍ବ ମଙ୍ଗଳ କରି ପାରନ୍ତି । ଶୀତଶେଷ ବସନ୍ତ ଆଗମନ, କୋକିଳର କୁହୁତାନ, ବୃନ୍ଦାବନର ପରିଭାଷିତ ବୃକ୍ଷଲତା ଆଦି କଅଁଳ କଅଁଳ ପତ୍ର ଧାରଣ କରି ପ୍ରାଚୀନକୁ ପରିତ୍ୟାଗ କରୁଥାଏ । ମଳୟର ମୃଦୁ ମୃଦୁ ହସ, କୋମଳ କଣ୍ଠରେ ଅକଳଙ୍କ ସ୍ୱର ସେ କୋଇଲି କୃଷ୍ଣ ନାମ ଉଚ୍ଚାରଣ କରେ । ମାନବ କହେ କୁହୁ କୁହୁ କୋକିଳ ରାବୁଛି । ସାତମାସ ପଞ୍ଚ ତାନର ଗାନ କୋକିଳର କଣ୍ଠ ପକ୍ଷୀ କୁଳକୁ ଚେତନା ଦିଏ । ଆଉ ପାଞ୍ଚମାସ ଭୁଲ୍‌ରେ କୁହୁ କୁହୁ ବୋବାଇ ପାରିବ ନାହିଁ । ସବୁରି ମନରେ ବଂଶୀର ମୃଦୁ ମୃଦୁ ସ୍ୱରରେ ଯତିପାତ କରି ବଂଶୀରେ ସ୍ୱର ମିଳାଏ । ତାଳେତାଳେ ଚଇତାଳି କାଳେ କାଳେ ଫଗୁଣ କେବେ ଆସିବ । ଯମୁନା କ'ଣ ସତରେ ହସେ ? ତରଙ୍ଗର ଲହରୀ ନାଚି ନାଚି କୂଳ ଅତିକ୍ରମ କରେ । କୃଷ୍ଣ ଯେଣୁ ଯମୁନା ପାଖରେ ଭ୍ରମଣ କରନ୍ତି । ମୁଁ ଟିକେ ପାଦ ଧୋଇ ନପାରିଲେ ଚାଲିଯିବା ପାଇଁ ପାଦ ଧୁଏତ ସମସ୍ତଙ୍କ ମନରେ ସେହି ଫଗୁଣର ଦ୍ୱାଦଶ ବନ ଷୋଳକୁଞ୍ଜରେ ଅନ୍ତରଭରା ଅମାୟିକ ଭାବ ଦ୍ୱାଦଶ ସଖାଙ୍କ ସାଙ୍ଗରେ ଏହି ଶତରଙ୍ଗ ଫଗୁ ମିଶିଲା ଭଳି ମିଶିଯାଏ । ଫଗୁଣର ଭାବ ବସନ୍ତର ଆଗମନ । ଚନ୍ଦ୍ରମାର ଜ୍ୟୋସ୍ନା ଆଲୋକ ସବୁରିକୁ ପଥ ଦେଖାଏ । ପାଟିରଂ କୁଳୁକଞ୍ଚାରେ କୃଷ୍ଣ ମୁଖ ପିଚକାରୀରେ ସବୁରି ମନରେ ଆନନ୍ଦ ଭରି ଦେଇଥିଲେ । ସେ ଯେଉଁ ବଂଶୀ ଧନୁ ଆଦି ଦଣ୍ଡ ତିଆରି କରିଥିଲେ, ସେହି ରନ୍ଧ୍ରରେ ପିଚିକାଳି ତିଆରି କରିଥିଲେ । ରାଧାର ଅନ୍ତରଭରା ସବୁରି ମନରେ



ଉନ୍ମାଦ ଭରିଦେଇଥିଲେ । ସବୁକାଳର ନୃତ୍ୟର ଗୁରୁ ହେଉଛନ୍ତି ଶ୍ରୀକୃଷ୍ଣ । ସବୁରି ଅନ୍ତରରେ ଦକ୍ଷିଣା ପବନରେ ସେ ପିଚକାରୀ ମାରନ୍ତି । ସେଦିନ ମଧ ବୃଷଭାନୁ ଜେମା ସୁକୋମଳ ଶରୀରରେ ଚଇତାଳି ତାଳେ ତାଳେ ପିଚକାରୀ ମାରିଥିଲେ ।

## ମୃତ୍ୟୁଂଜୟୀ

ସତ୍ୟରୁ ସନ୍ଥ, ମହତ୍‌ଜନ-ମହନ୍ତ ଶହ ଶହ ହଜାର ହଜାର, ଲକ୍ଷ ଲକ୍ଷ ଭୁଲ ପରିମାର୍ଜିତର ଶେଷ ଦାସ । ଦାସ ଉଦାସ । ଗୁରୁ ନାମ ଦେଇଥିବା ନାମ ଅନାମ । ବ୍ରହ୍ମରୁ ଅନ୍ତରୀକ୍ଷ ଅନ୍ତରାଳରେ ଅର୍ନ୍ତରାତ୍ମାରେ ଅନାହତ ବ୍ରହ୍ମରୁ ଦାସ ତିଆରି ହୁଏ । ''ହେଲେ ଦାସର ଦାସ, ଅଖଣ୍ଡର କାଳ ଫାଶ'' । ଦାଶରଥିଙ୍କ ଦାସ ହେଲେ କାଳ ନାଶ ହେବ । ବାଉରୀ ଦାସ, କଣ୍ଡରାଦାସ, ହାଡ଼ିଦାସ, ଜାତିୟାଣା ଦାସ ନୁହେଁ । ଈଶ୍ୱର ନାମଧେୟ ଦାସ । ପଞ୍ଚସଖାକୁ ଯିଏ ଦାସରେ ପରିଣତ କରିଛନ୍ତି, ଗୋସ୍ୱାମୀ ବୋଲି କହିଅଛନ୍ତି ତାହାରି ଦାସର ଦାସ । ବୈଷ୍ଣବ ସର୍ବଜନଠାରୁ ଜ୍ଞାନଗୁଣ ବୟସ ବୟୋଜ୍ୟେଷ୍ଠ ଝାଡୁ ମାରି ମହନ୍ତ ହେବା, ସଂଗେ ସଂଗେ ମହନ୍ତ ହେବା, ଶିକ୍ଷାଦୀକ୍ଷା ନଥାଇ ମହନ୍ତ ହେବା ମହନ୍ତ ନୁହେଁ । ଜ୍ଞାନତତ୍ତ୍ୱ, ଗୁରୁତତ୍ତ୍ୱ, ପୂଜାତତ୍ତ୍ୱ, ମାଳାତତ୍ତ୍ୱ, ପୁରୁଷନୁକ୍ରମେ ତତ୍ତ୍ୱଜ୍ଞାନ ଜାଣିଥିଲେ ମହାତତ୍ତ୍ୱର ଅଧିକାରୀ ହେବ । ସେହି ମହା ତତ୍ତ୍ୱ ଜାଣିଥିବା ଲୋକ ମହନ୍ତ ହେବ । ଧର୍ମ, ଅର୍ଥ, କାମ, ମୋକ୍ଷ ହତ ନହେବା, ମନପ୍ରାଣ ଧୈର୍ଯ୍ୟ ମହନ୍ତ, ସାମନ୍ତ, ସତ୍ୟ, ତପତତ୍ତ୍ୱ, ମହତ୍ତ୍ୱ, ସମାଧି ଗାଦିରୂପ କିଛି ନଥାଏ । ନିର୍ଗୁଣ ସୁଗୁଣ ମିଶି ପୂଜା କରାଯାଏ । ସବୁଜାଣି ସୁଦ୍ଧାମହାପୁରୁଷଶ୍ରୀ ଅଚ୍ୟୁତାନନ୍ଦ ସବୁଶାସ୍ତ୍ରରେ ଦାସ, ହୀନ ଦାସ, ଦାସାନୁଦାସ ନିଜକୁ ଏହିଭଳି କହି ତିଆରି କଲେ । କିନ୍ତୁ କ୍ରୀତଦାସ କାହାରି ନୁହେଁ । ଓପାସ ପଛେ ରହିବୁ ମିଛ କହି ଖାଇବୁ ନାହିଁ । ଆଶିଷରୁ ଶିଷ୍ୟ, ଆଶୀର୍ବାଦରୁ ଶିଷ୍ୟ । ନିରାଶ୍ରୟ ଯେତେବେଳେ ମନୁଷ୍ୟ ହୋଇଯାଏ ସେତେବେଳେ ଜଗଦୀଶ ଭରସା ହୁଅନ୍ତି । ତେଣୁ ସେ ଜଗବଂଧୁ ଅନ୍ତର୍ଯ୍ୟାମୀ ।



Scanned by CamScanner

ସବୁବେଳେ ସତ୍ୟକୁ ଦେଖନ୍ତି । ସତ୍ୟର ଗୁଣଗାନ କରନ୍ତି । ଧର୍ମର ଜୟଗାନ କରନ୍ତି ସମସ୍ତଙ୍କୁ ସବୁ ପ୍ରକାର ନ୍ୟାୟ ଦେଇପାରନ୍ତି । ସମୟକୁ ଅପେକ୍ଷା କରିବାକୁ ହେବ । ସମୟ ଆସିଲେ ସତ୍ୟର ଜୟ ହେବ । ସତ୍ୟ ପଥର ପଥିକୀ ହେଲେ ଦୁଃଖ, ନିର୍ଯ୍ୟାତନା, ଅପମାନ, ସହ୍ୟ କରିବାକୁ ହୁଏ, କିନ୍ତୁ ସତ୍ୟର ଜୟ ଘଟେ । ସ୍ଥାନ କାଳ ପାତ୍ର ନିର୍ବିଶେଷରେ ସବୁ ଯୁଗରେ ସବୁ ସମୟରେ ପାପର କ୍ଷୟ ହୋଇଛି ସତ୍ୟ ଧର୍ମର ଜୟ ଘଟିଛି । ଏକଥା ପୁରାଣ ମହାଭାରତ ରାଁମାୟଣରେ ପ୍ରମାଣ ମିଳେ । ଆଜି ମଧ୍ୟ ସମାଜରେ ସତ୍ୟର ଜୟ ଘଟି ଚାଲିଛି । ଯୁଗେ ଯୁଗେ ସତ୍ୟ-ଚିରନ୍ତନ-ଅମୂଲ୍ୟ ଧନ । ତାର ମୃତ୍ୟୁ ନାହିଁ । ସେ ମୃତ୍ୟୁଞ୍ଜୟୀ । ❑

## ଶିବ ମହିମା

ସକଳ ମାନବ ଜୀବନର ପ୍ରଭୁ ହେଉଛନ୍ତି ମଙ୍ଗଳମୟ ଶିବ । ଦେବଗଣଙ୍କର ଦେବତା ବିଷ୍ଣୁ । ସର୍ବଜନଙ୍କର ଦେବତା ଜୀବ ଜଗତ ମାନବ ଜଗତ ଦାନବ ଜଗତ ଜୀବଜନ୍ତୁ ଜଗତର ଦେବତା-ବ୍ରହ୍ମା ବା ପ୍ରଜାପିତା । ଔଷଧ-ବୃକ୍ଷଲତା ଇତ୍ୟାଦି ସବୁ ହେଉଛି ଶିବ । ତେଣୁ ସେ ଅଜାମ୍ବର । ତାଙ୍କର ଦେହାନ୍ତ ହୁଏ ନାହିଁ । ସର୍ବେ ଗଲେ ଶିବ ଥାଆନ୍ତି । ଜଳରେ ସ୍ଥଳରେ ଆକାଶରେ ପାତାଳରେ ସବୁଠି ସେ ମହା ମୃତ୍ୟୁଞ୍ଜୟ । ମୃତ୍ୟୁକୁ ସେ ଜୟ କରିଥିବାରୁ ତାଙ୍କ ନାମ ମହାମୃତ୍ୟୁଞ୍ଜୟ । ସମୁଦ୍ର ମନ୍ଥନ ପରେ ସର୍ବେ ମୋହିନୀ ମାୟାରେ ବାଇ ହୋଇଥିଲେ । ଏକ ମାତ୍ର ଶିବଥିଲେ ଭିନ୍ନରୂପ ହୋଇ । ବାଲୁକା ଲିଙ୍ଗକୁ ଅନେକଲୋକ ପୂଜା କରି ମଧ୍ୟ ବରଲାଭ କରିଛନ୍ତି । ଆଜି କାଲି କାରିଗରମାନେ ଶିବଙ୍କୁ ହସେଇ ଦେଉଛନ୍ତି ମାତ୍ର ଶିବ ସର୍ବଦା ଯୋଗ ଲଗ୍ନରେ ବୁଡ଼ି ରହିଥାନ୍ତି । ତାଙ୍କର ମୁଖରେ ହରଷ ନଥାଏ କି ବିରଷ ନଥାଏ । ଶିବଙ୍କୁ ଧ୍ୟାନ କଲେ ସବୁ ଦଃଖ ଚାଲିଯାଏ । ସେ ସର୍ବ ଜ୍ଞାନଦାତା ବୁଦ୍ଧିଦାତା ଧ୍ୟାନଦାତା ମନ୍ତ୍ରଦାତା ସକଳ ଶକ୍ତିର ଆଧାର । ତାଙ୍କ ପାଦରେ ଶରଣ ଗଲେ



ଜୀବର ଦୁଃଖ ରହେ ନାହିଁ । ତେଣୁ ହେ ମନୁଷ୍ୟ-ଶିବଙ୍କର ଶରଣାପନ୍ନ ହୁଅ । ତାଙ୍କର ମହିମା ଅନନ୍ତ । ତାଙ୍କ ଆଶ୍ରିତ ପ୍ରାଣୀମାନେ ସକଳ ଦୁଃଖ ସନ୍ତାନରୁ ରକ୍ଷା ପାଇଥାନ୍ତି । ❑

## ମହାକଳ୍ପବଟ

ଆଦିଯୁଗ, ଅନାଦିଯୁଗ, ଓଁକାରଭେଦ, ଅଣାକାର ସୂତ୍ର, ବ୍ରହ୍ମ ପରିଚୟ, ଅଣଚାଶ ଗତି, ଚଉଷଠି ସିଦ୍ଧି, ଅଷ୍ଟାଦଶ ବିଭୂତି, ଅଷ୍ଟାଙ୍ଗ ଯୋଗ, ନବଧା ଭକ୍ତି, ଦଶ ମହାଭାଗ, ଏକାଦଶ ଇନ୍ଦ୍ରିସ୍ଥାନ, ଦ୍ୱାଦଶ ବାୟୁବାଜଣା ତ୍ରୟୋଦଶ ନିଗମ ଆଗମ, ଚତୁର୍ଦ୍ଦଶ ଭୁବନର ବାଣୀ, କେଉଁ ସୂତ୍ର, ବ୍ରହ୍ମସୂତ୍ର ପଞ୍ଚୋଦଶ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ଷୋଡ଼ଶ କଳା, ସପ୍ତଦଶ, ଛଅଶହ ବାଆସ୍ତରି ଶିରାପ୍ରଶିରାଯୋଗ, ଅଷ୍ଟାଦଶ ପାଦର ଠାର, ଚାରି ହଜାର ଆଠଶହ ଅଣାନବେ ବାଇଶିଦିନ, ପାଞ୍ଚହଜାଟ ସାତମାସ ଅଠରଦିନ ଚୈତ୍ର ଗୁରୁବାର ମଧୁ ମାସରେ ବସନ୍ତ କ୍ଷୟ, ଅବସନ୍ତ ବାତ ବହିବ । ଜଳସ୍ଥଳ ଆକାଶ ମହାସମର ଜ୍ଞାନ ବିଜ୍ଞାନ ଶୂନ୍ୟଜ୍ଞାନ ଯୋଗ ହେବ । ଏହା ଯେଉଁଦିନ ହେବ ତହା ଜ୍ଞାନୀ କହି ପାରିବ । ଅଜ୍ଞାନୀ ଅନ୍ଧ । ଅଦୃଶ୍ୟ ବ୍ୟକ୍ତି ଅକାମନାଯୋଗ ଭାବ ଜ୍ଞାନୀ କହିପାରିବ । ଅଜ୍ଞାନୀ ଅନ୍ଧ । ଅଦୃଶ୍ୟ ବ୍ୟକ୍ତି ଅକାମନା ଯୋଗ ଭାବ ଯାହାର ଥିବ ସେ କହି ପାରିବେ । ଭାରତ ଏକ ଭାଗ ଜଳରେ ଦୁଇଭାଗ ଅଗ୍ନିରେ । ଏକ ଭାଗ ବିହନ ସତ୍ୟ ସତ୍ୟ ସତ୍ୟ । 'ମୁଁ' କେହି ରହିବେ ନାହିଁ । 'ମୁ' କେହି କହିବେ ନାହିଁ । ଗ୍ରହ ଖଣ୍ଡ ବିଖଣ୍ଡିତ ହେବେ । ପାଞ୍ଚଶହ ଅଣଚାଳିଶ ବାୟୁର ଗତି ଅଣଚାଶ ଖଣ୍ଡ ଅଢ଼େଇ ଘଣ୍ଟା ଠାବେ ଠାବେ ବହିବ। କେଉଁଠି ପବନ ହେବ, କେଉଁଠି ଅଗ୍ନି, କେଉଁଠି ଜଳ, କେଉଁଠି ଖଳ, କେଉଁଠି କାଳ, କେଉଁଠି ବିକାଳ, ଶୂନ୍ୟ ଶବ୍ଦରୁ ଶବ୍ଦ ଜାତ ହେବ । ମହାମାୟାର କାୟା ବିସ୍ତାର ହେବ । ହିମାଳୟ ପାଦଦେଶରେ ଯେଉଁ ଦ୍ୱାଦଶ ସାଧୁ ଅଛନ୍ତି ସେହିମାନଙ୍କ ଦ୍ୱାରା ଧ୍ୱଂସ ବିଧ୍ୱଂସ ହେବ । ଅମରାବତୀ ଦ୍ୱାର ଖୋଲିବ । ପଞ୍ଚକବାଟ, କଂସାର କବାଟ ଖୋଲା ହେବ । ଓଳାଶୁଣିରୁ ଶର ଯାଇ ବଙ୍ଗରେ ପଡ଼ିବ । ସେହି ସ୍ଥାନରେ ଯଜ୍ଞାଶାଳା ହେବ । ରୁପା, ସୁନାର



Scanned by CamScanner

ଜଳପାତ୍ର ଏହି ସ୍ଥାନରେ ଦ୍ୱାଦଶ ଆଦିତ୍ୟ ଆରୋହଣ କରିବେ । ଅଠର ମାସ ନଅଦିନ ଓଳିଏ ଭିତରେ ସର୍ବ କର୍ମ ସଂପୂର୍ଣ୍ଣ ହେବ । ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ ଅଚ୍ୟୁତ । ସର୍ବେଚ୍ୟୁତ । ପଞ୍ଚଭୂତ ସାଧକ ଅଚ୍ୟୁତ ଅନର୍ଥ କରିବେ ।

ଖଣ୍ଡଗିରିର ପାଦଦେଶ ପଶ୍ଚିମ ଦ୍ୱାରକୁ ମନ ନିରୀକ୍ଷଣ କର । ଖଣ୍ଡଗିରି ଠାରୁ ସ୍ୱର୍ଗ ଦ୍ୱାର ପର୍ଯ୍ୟନ୍ତ, ଖଣ୍ଡଗିରିଠାରୁ ପାରାଦ୍ୱୀପକୁ, ଖଣ୍ଡଗିରିଠାରୁ ଚୌଦୁଆର ପର୍ଯ୍ୟନ୍ତ ଗୁପ୍ତ ସୁଡ଼ଙ୍ଗ ଅଛି । ମହାପଦ୍ମ କଳ୍ପବଟ ସତ୍ୟ, ତ୍ରେତୟା, ଦ୍ୱାପର, କଳି ଯୁଗରେ ରହିଛି । ମହାକଳିର ଖେଳ ଆଜକୁ ଏକଷଠି ବର୍ଷ ହେଲା ତାର ଖେଳ । ସରିବା ସମୟ ନିକଟ ହେଲାଣି । କଳି ବଟର ନାମ ଶ୍ୱେତବଟ । ସେଠାରେ ଗୁପ୍ତ ସ୍ଥାନ ଅଛି । ସାଧୁ ଯିଏ ସାଧନା କରିଥିବ ସେ କହିପାରିବ । ଜଗୁଆଳୀ ଅଛନ୍ତି । ଋଷିମାନେ ସେଠାରେ ଦ୍ୱାରୀ ଅଛନ୍ତି । ମହାଭୈରବ, ଅନନ୍ତ ବାସୁକୀ ଅଛି । ବିଷ୍ଣୁଙ୍କର ଘୋର ନିଦ୍ରା ସେକାଳେ ଚୈତ୍ର ଦୁଇହଜାର କୃଷ୍ଣ ପକ୍ଷରେ ଭାଙ୍ଗିବ । ମହାକଳ୍ପ ବଟର ଲୀଳା ଆରମ୍ଭ ହେବ । ଯେଉଁମାନେ ସତ୍ୟ କହୁଥିବେ ସେମାନେ ଏହି ଲୀଳାକୁ ଦେଖି ପାରିବେ । ❑

## ମାନବ ଓ ଦାନବ

ମାନବ ଦାନବ ଭିତରେ ପ୍ରଭେଦ କ'ଣ ? ମାନବ ଅମୃତ । ଦାନବ ବିଷ । ମାନବ ବିଶ୍ୱାସୀ । ଦାନବ ଅବିଶ୍ୱାସୀ । ଏଇଥିରେ ଜାତିଧର୍ମ ସତ୍ୟାସତ୍ୟ ଆଚରଣ । ମାନବିକତାର ସଂପୂର୍ଣ୍ଣ ଭାବ ମାନବ । ମାନବ ଧର୍ମରେ ମନଦିଏ, ଦେବତା ପୂଜା କରେ, ସତ୍ୟ କହେ ସର୍ବଦା ଆନନ୍ଦ ଉଲ୍ଲାସ ଭିତରେ ଗତିକରେ । ମାତ୍ର ଦାନବ ଖଳ-କୁଟୀଳ, ସହିବାର ଶକ୍ତି ଆଦୌ ନଥାଏ । ଗୁରୁ ଗୁରୁଜନ, ପିତାମାତାଙ୍କୁ ନମସ୍କାର କରିବାକୁ ଇଛା ନଥାଏ । ଦେବତା ପୂଜା କର୍ମକୁ ଟାହିଟାପରା କରେ । ଏକା ମା' ପେଟରୁ ଜନ୍ମ । କେହି କାହାକୁ ସମାନ ମନେ କରନ୍ତି ନାହିଁ । ମାନବ କର୍ମ କରେ । କର୍ମ ହିଁ ଈଶ୍ୱର । ଈଶ୍ୱର



ସବୁଠି ଅଛନ୍ତି । ଭାବନାରେ ଆସନ୍ତି । ସତ୍ୟରେ ଆସନ୍ତି । ହେ ମାନବ ! ଈଶ୍ୱର ସବୁରି ହୃଦୟ ଭିତରେ ଅଛି । ଏଣେତେଣେ ବୁଲନା କସ୍ତୁରୀ ମୃଗପରି । ସ୍ଥିର ହୁଅ, ଶାନ୍ତ ହୁଅ । ଦେଖିବ, ଦାନବଗୁଣ ଅପସରିଯାଇ ମାନବ ଗୁଣ ବିକଶିତ ହେବ । ଶାନ୍ତିରେ ଆନନ୍ଦରେ ରହିବ ଏକଥା ସତ୍ୟ ! ସତ୍ୟ ! ସତ୍ୟ । ❑

## ଦେଇଥିଲେ ପାଇ

ସଂସାର-ନକ୍ଷତ୍ରଗତ ରାଶି ଯୋଗରୁ ଜନ୍ମ ଗ୍ରହଣ କରି ମନୁଷ୍ୟ ଏହି ପୃଥିବୀକୁ ଆସେ । ଧନ, ଜନ, ବୟସ ସବୁ ପୂର୍ବାର୍ଜ୍ଜିତ । ଜନ୍ମ ହୋଇ ସାରିଲା ପରେ ସତ୍‌ସଙ୍ଗ ଜ୍ଞାନ ବୁଦ୍ଧି ବିବେକ ଅକଲ ସବୁ ଲାଭ କରେ । ଦେବତା ସାଧୁ ଏମାନେ ଆଶୀର୍ବାଦର ହକ୍‌ଦାର । ଏମାନେ କାହାକୁ ଦେଇ ପାରିବେନି ଧନ । ସୁଦାମାକୁ ଯେଉଁ ଧନ ଦାନ ହୋଇଥିଲା, ଭଗବାନଙ୍କ ପାଖରେ ସୁଦାମାର ସେତିକି ଦାନ ଥିଲା । ଦ୍ରୌପଦୀକୁ ଯେତିକି ବସ୍ତ୍ର ଦାନ ମିଳିଥିଲା ତାର ସେତିକି ଦାନଥିଲା ଭଗବାନଙ୍କ ପାଖରେ । ତେଣୁ କୁହାଯାଏ-

"ଦେଇଥିଲେ ପାଇ, ପଡ଼ିଆ ବାଡ଼ିରେ ଗୋଧନ ଚରେଇ ।"

କେହି ନଦେଇ କରି ପାଇନାହାନ୍ତି । ଦାସିଆବାଉରୀ, ଲୀଳାମ୍ବରଦାସ, ବନ୍ଧୁ ମହାନ୍ତି ଏମାନେ ତ ଭଗବାନଙ୍କ ସହିତ ସାଙ୍ଗ ହୋଇଥିଲେ । ଏ ଜନ୍ମର କର୍ମର ଫଳ ପୁତ୍ର ଅମଳରେ ମିଳିବ ନାହିଁ, ନାତି ଅମଳରେ ମିଳିବ । ଆଗେ ତୁମେ ଯାହା କରିଥିଲ ସେହି ଅନୁପାତରେ ତୁମକୁ ମିଳୁଛି । ସମସ୍ତେ ଦୁଇହାତିଆ ଚାରିହାତିଆର ଯୋଗ ନହେବା ଯାଏ ମନୁଷ୍ୟ ଚାରିଆଙ୍ଗୁଳା ଆଗକୁ ବଢ଼ି ପାରିବ ନାହିଁ । ଭାଗବତର କଥା । ପରୀକ୍ଷିତ ପୂର୍ବାପୂର୍ବ ଭୋଗ କରିବାକୁ ବାଧ ହେଲେ । ମୁଁ ଭଗବାନଙ୍କୁ ଏତେ ଡ଼ାକୁଛି, କାହିଁ ମୋ କଥା ଶୁଣୁ ନାହାନ୍ତି । ଯେଉଁମାନେ ପିଣ୍ଡପ୍ରାଣ ସମର୍ପଣ କରିଥିଲେ, ତାଙ୍କଠାରୁ ତୁମେତ ତେଣୁ ଅଧିକ ନୁହେଁ । ଏଣୁ ଉଦ୍‌ଯୋଗ କର୍ମକର୍ତ୍ତା । କର୍ତ୍ତବ୍ୟକୁ ଗୁରୁ ରୂପରେ ପାଳନ କରିବାକୁ ପଡ଼ିବ । ପଞ୍ଚଗୁରୁ ଭିତରେ ଶ୍ରେଷ୍ଠ ଗୁରୁ ମାନବର ମନୋବଳ । ପୁରାଣ ପଢିଲେ ବୁଦ୍ଧି ଆସେ । ସତ୍‌ସଙ୍ଗ କଲେ ଜ୍ଞାନ ଆସେ । ଏକାଗ୍ରତାରେ ଧ୍ୟାନ ଆସେ । ଭଗବାନଙ୍କୁ ଧନ ମାଗିଲେ ମିଳିବନି, ଆଶୀର୍ବାଦ ମାଗିଲେ ମିଳିବ । ସରସ୍ୱତୀଙ୍କୁ ପୂଜା କଲେ



Scanned by CamScanner

କଟାକ୍ଷ ମିଳିବ । ବାପା, ମାଆ, ଭଗବାନ, ଗୁରୁ ଏହାଙ୍କର ନାମ କଳ୍ପତରୁ । ଯେତେବେଳେ ଖରାପ ମସୟ ଆସେ କଳ୍ପତରୁକୁ ମଧ୍ୟ ମନୁଷ୍ୟ ନିନ୍ଦା ଅପବାଦ କରିବାକୁ ଇଚ୍ଛାକରେ । ଗଛର ଛାୟା ମାଆର ଦୟା । ଜଣେ ଦାନ ଦେଉଛି, ଅନ୍ୟ ଜଣେ ନେଉଛି । ବିଛଣା ତକିଆ ଅଭାବ । ରାସ୍ତାକଡ଼ରେ ଓପାସରେ ଶୋଇଯାଏ । ତାକୁ କଣ ଶ୍ରଦ୍ଧା ଲାଗେ ?

କାହାର ଭଲରେ ରହିବାକୁ ଇଚ୍ଛା ନାହିଁ । ନାଁ-ତା ଉପରେ ଭଗବାନଙ୍କ ଆଖି ପଡୁନାହିଁ । ତାକୁ ଦିଆଯାଇଥିଲା । ସିଏ ଅପବ୍ୟୟ କରି ଦେଇଛି । କୁ ମାର୍ଗରେ ଖର୍ଚ୍ଚ କରିଛି । ପାତ୍ର ଅପାତ୍ର ଦୁଇଟି କଥା । ଅପାତ୍ରରେ ଦାନକଲେ ଆଉ ମିଳିବ ନାହିଁ । ତିନି ଜନ୍ମ ଅନ୍ତେ ପୁଣି ମିଳିବ । ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ ଏ' ତ ଅଚ୍ୟୁତଙ୍କ ବିଧାନ । ଆଜି ଯେ ଦୁଃଖୀ କାଲି ସେ ସୁଖୀ ଥିଲା, ଆଉ ଆଜି ଯେ ସୁଖୀ କାଲି ସେ ଦୁଃଖୀ ଥିଲା । ସୁଖୀ କିଏ ? ତାର ଉତ୍ତର ସହଜରେ ନିଜ ହୃଦୟ ଭିତରେ ମିଳି ପାରିବ । କାମନା ବାସନା ରହିତ ମନ ସୁଖ ସୋପାନର ମୂଳକଥା । କାମନାକୁ ଛାଡ଼ି କିଏ ଗତି କରି ପାରିବ ? ଯେତେବେଳେ ମନୁଷ୍ୟ ରାଗିଯାଏ, ଶୁଆଇ ବସାଇ ଦେଉନାହାନ୍ତି, କାହିଁକି ମତେ ଏତେ ଜଂଜାଳ ଦେଉଛ ବୋଲି କହେ, ସେତେବେଳେ ସେ ନିଜକୁ ଭୁଲିଯାଏ । ଭଗବାନ ତାଙ୍କୁ ଏହିଭଳି ଗୁଡ଼ିଏ ଜଂଜାଳ ଶୂନ୍ୟ ସମୟ ଦେଇଥାନ୍ତି । ପୁରାଣ ଭାଗବତରେ ଏହାର ଉଦାହରଣ ବହୁତ । ନିଷ୍କାମ ମନହିଁ ସୁଖର ମୂଳକଥା । ଭଗବାନଙ୍କର ସଖାମାନେ ପଞ୍ଚସଖା ରୂପରେ ଧରାଧାମକୁ ଆସିଥିଲେ ଗୁଣଗାନ କରିବାକୁ । ଏକମାତ୍ର ଗୋଟିଏ କର୍ମ । ପ୍ରଭୁନାମ, ଧାମ ଗାନ । ଏବେତ ସାଧୁ ସନ୍ଥ ମାନଙ୍କର ମନ ଅନେକାଂଶରେ ବିକଳାଙ୍ଗ । ମନୋଜ୍ଞ ଗ୍ରନ୍ଥ ରଚନା କରୁଛନ୍ତି, ଏପରିକି ଥରେ ପଢ଼ିଲେ ଦ୍ୱିତୀୟବାର ପଢ଼ିବାକୁ ଇଚ୍ଛା ହେବ ନାହିଁ । କାହିଁକି ? ସୂର୍ଯ୍ୟାଲୋକ ସବୁଆଡ଼େ ବିଛାଡ଼ି ହୋଇ ପଡ଼ିଛି । ସେହି ଆଲୋକରେ ଯିଏ ଚଳିବ ସୂର୍ଯ୍ୟ ବୋଲି ସେହି ମୁଖରେ କହିବ । ଏଣୁ ଯେଉଁମାନେ ସୂର୍ଯ୍ୟାଲୋକ ଚନ୍ଦ୍ରାଲୋକ ପ୍ରଭୃତିରୁ ବାଣୀ ଶୁଣି ଅକ୍ଷର ରୂପ ଦେଇଥିଲେ ତାହା ହେଉଛି ଅକଳଙ୍କ ବିଦ୍ୟା । ପଞ୍ଚସଖା, ପଞ୍ଚତତ୍ତ୍ୱ, ପଞ୍ଚଭୂତ, ପଞ୍ଚ ମହାପୁରୁଷ ଲେଖାଭିନ୍ନ ଅନ୍ୟଶାସ୍ତ୍ର ପଠନରେ ମୋକ୍ଷ ମିଳେ ନାହିଁ । ମନୁଷ୍ୟର ସମୟ ବିନାମୂଲ୍ୟରେ କ୍ଷୟ ହୋଇଯାଏ । ଭାଗବତ ଛନ୍ଦରେ ଭାବତତ୍ତ୍ୱକୁ ମିଶାଇ ଲେଖା ଯାଇଥିଲା । ରାମାୟଣ ତାରଣରାଣ ଦିଆହୋଇ ଲେଖାଯାଇଥିଲା । ମହାଭାରତ ଆଇନ୍ କୃଷ୍ଣ କରିଥିବା ଆଇନ୍ -



ଭାତୃଭାଗ ସଂସ୍କାର ସହିତ ତିଆରି କରିଥିଲେ । ଏଥିରେ ସବୁ ସାରବତ୍ତା ରହିଛି । ଗୀତା, ଏସର୍ବ ହୋଇ ସାରିଲାପରେ ଲେଖା ଯାଇଛି । ଗୀତା ନ ହୋଇଥିବା ଆଗରୁ ଲେଖା ହୋଇଛି ଯେତେ ପୁରାଣ-ଗୀତା ସର୍ବପିତା । ଯେତେ ପୁରାଣ ଚଣ୍ଡୀ ସର୍ବ ମାତା । ଅନାର୍ଯ୍ୟରୁ ଆର୍ଯ୍ୟ, ଅସଂସ୍କାରରୁ ସଂସ୍କାର ଏହିଭଳି ବହୁତ କଥା । ନାନାମୁନି ନାନାମତ । ଯାହାକୁ ଯେଉଁଭଳି ଦେଖାଗଲା ସେ ଲେଖିଲେ । କିନ୍ତୁ ସର୍ବ ଉତ୍ତାରେ ସାରତତ୍ତ୍ୱ ହେଲା 'ଗୁରୁ ଆଜ୍ଞା' । ଦେବତା ନଥିବା ଆଗରୁ ଗୁରୁଥିଲେ । ଗୁରୁ ଦେବାୟ ନମଃ- କେହି କହି ପାରିବେନି ଦେବାୟ ଗୁରୁ ନମଃ । ଗୁରୁ ଦେବତାଙ୍କୁ ନମସ୍କାର ହେବା ପାଇଁ ଦଣ୍ଡ ବୈଠୀ ପ୍ରଣାମ ହେବା ବିଧେୟ । ଗୁରୁ ସର୍ବ ଶକ୍ତିର ଆଧାର । ସେତେବେଳେ ମୁନିଋଷି ଯେଉଁ ତପସ୍ୟା କରୁଥିଲେ ତାହା ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ନିମିତ୍ତ ଉଦ୍ଦିଷ୍ଟ ନଥିଲା, ପୁଅ ଝିଅ ଧନ ମାଗୁନଥିଲେ । ତାଙ୍କ ତପସ୍ୟାଥିଲା ସମାଜରେ ସତ୍ୟ ପ୍ରତିଷ୍ଠା ପାଇଁ । ଏବର କଳିଯୁଗର ଗୁରୁ ମନ୍ତ୍ରଦାନ କଲେ । ଶିଷ୍ୟ କଲେ । ଶିଷ୍ୟ କରିବା ଏକମାତ୍ର ଅର୍ଥ ହିସାବ । ପାଞ୍ଚହଜାର ପାଞ୍ଚ ପାଞ୍ଚ ଏତେ । ସଂଖ୍ୟା ବୃଦ୍ଧିର ଶିଷ୍ୟ ଗୁରୁର ଇଷ୍ଟଧର୍ମ ପାପିଷ୍ଠତା କୂଳ କିନାରା ତ୍ୟାଗ କର । ଗୁରୁମାନେ ଯାହା ନକହିଥିଲେ ଶିଷ୍ୟମାନେ ତାର ଅଧିକ ଚତୁଃଗୁଣା କରିବାକୁ ଚାହିଁଲେ । ଭିକ୍ଷାଧନକୁ ଚାରିଭାଗ ଶିଷ୍ୟ, ଗୁରୁ, ଗୁରୁମା, ଦେବତା । ଏଣୁ ଯିଏ ଯେତେ ଶିଷ୍ୟ ପହଞ୍ଚାଇବ, ଟଙ୍କାକେ ପଚିଶ ପଇସା ପାଇବ । ଏଭଳି ଧର୍ମ ଯାଚକ ଯୁଗେ ଯୁଗେ ନଥିଲା । କଳିରେ ହେଲା । ସଂଗେ ସଂଗେ ଯାଇ ଦେଇ ହେବ । ଛପା ଯୁଗରେ ବାପା ନାହିଁ । ଛପେଇ ଧପେଇ ଖାଇବେ । ପ୍ରଭୁ ନାମ ମୁଖେ ଗାଇବେ । ସର୍ବ ଦେବା ଦେବୀ ନାମରେ ଚାନ୍ଦା । କଳିରେ କଳଙ୍କ ପସରା ଘରେ ଘରେ । ଭଜୁଥିବେ ମିଛେ ହରେ ହରେ । ମହାପୁରୁଷ ମାନେ ଥିବା ଭିତରେ ସିଏ ମହାପୁରୁଷ ବୋଲି ଉଚ୍ଚାରଣ କରିବାକୁ ଦେଇନଥିଲେ ନା କରିନଥିଲେ । କଳିଯୁଗରେ ଆଠଦିନ ବାବାଜୀ ହେବାପରେ ଶହେ ଆଠ ଶ୍ରୀ ଲଗେଇ ନାମକରଣ କରାଯାଉଛି । ତେଣୁ କହିବାକୁ କିଏ ମନା କରିବ । ଯେଉଁମାନେ ଆଗରୁ ଉଚ୍ଚାରଣ କରିଯାଆନ୍ତି, ସେମାନଙ୍କର ପଛକୁ କିଛି ନଥାଏ । ଏଣୁ ଏହି ସମୟରେ ମହାପୁରୁଷମାନଙ୍କର ଦ୍ରୁବ କଅଁଳିବା ସଦୃଶ ଠାବେ ଠାବେ ତିଆରି କରୁଛନ୍ତି । ମାଳିକା ମୁଖସ୍ଥ କରି ବାବାଜୀ, ଭକ୍ତ ବୋଲେଇ ଦିଗ୍‌ଦର୍ଶନ କରାଇବେ ଓ ନିଜର ନାମ ପ୍ରଚାର କରିବେ । ମହାପୁରୁଷ କିନ୍ତୁ ଜଳରୂପରେ ଗୁପ୍ତରେ ଖେଳୁଥିବେ । ଏସବୁ ପୂର୍ବାର୍ଜିତର ଫଳ । ନାମକୁ ହୃଦୟରେ

ଗୁପ୍ତଧନ ସଦୃଶ ସାଇତି ରଖିଲେ ତାଙ୍କର ଦର୍ଶନ ପାଇବୁ । ରେ ମନ ! ଦେଇଥିଲେ ପାଇ ଏକଥାକୁ ହେଜ ରଖିଥିବୁ । ❑

## ହେ ମନୁଷ୍ୟ ! ସ୍ଥିର ହୁଅ

ଯୁଗେ ଯୁଗେ ଧର୍ମ ଉଚ୍ଚନୀଚ ବିଚାର ପରୀକ୍ଷା କରୁଛି । ସିଏ ତାର ଭାଙ୍ଗେ ଯୋଡ଼େ , ନୂଆ ପୁରୁଣା ଗଢ଼େ । ରାଜଦ୍ୱାର, ଧନ ଦ୍ୱାର, ଦେବଦ୍ୱାର, ଧର୍ମଦ୍ୱାର, ପରୀକ୍ଷାଦ୍ୱାର ଆଦିରେ ପରୀକ୍ଷା ନହେଲେ ମନୁଷ୍ୟର ପରିଚୟ ହୋଇପାରେ ନାହିଁ । ଯିଏ ଦେଇଛି ସିଏ ଭାଗ୍ୟ ବିଧାତା, ସିଏହିଁ ଆଲୋକ ଦାତା । ମନୁଷ୍ୟ ସାମାନ୍ୟ ନିମିତ୍ତ ମାତ୍ର । ସେ କିଛି କରିପାରେ ନାହିଁ । କେବଳ ଶୂନ୍ୟଶକ୍ତି ପ୍ରଗାଢ଼ ଭକ୍ତିରେ ସବୁ କିଛି କରେ, କରାଏ । ଜଣେ ଧନୀ, ଜଣେ ଦରିଦ୍ର, ଜଣେ ଅଫିସର, ଜଣେ କାଙ୍ଗାଳ, ଏଣୁ ପୃଥିବୀ ଯାହାର ସିଏ କରାଉଛି । ସିଏ ମାଲିକ । ସବୁରି ଭିତରେ ସେହି ଖେଳୁଛନ୍ତି । ସେ ଧନ ଦିଅନ୍ତି ପୁଣି ନିଅନ୍ତି । ସେ ବୁଦ୍ଧି ଦିଅନ୍ତି ପୁଣି ନିର୍ବୁଦ୍ଧିଆ କରନ୍ତି । ଜଗତ୍ରରେ ତାଙ୍କୁ କିଛି ଲୁଚି ରହିବ ନାହିଁ । କେହି ଚେଷ୍ଟା କରି ମଧ ଲୁଚେଇ ପାରିବେ ନାହିଁ । ତେଣୁ କୁହାଯାଏ- 'ଦୟା ହରନ୍ତି ଦୟାନିଧି, ଦୟା ଦିଅନ୍ତି ଦୟାନିଧି ।' ଭକ୍ତି ଭାବ ଭକ୍ତି ନାବ କରୁଣା କୃପା ସିଏ ଦ୍ୱାରୀ ପରାୟ ତାଙ୍କ ଦ୍ୱାରରେ ସଦାର୍ବଦା ହସି ହସି ସବୁ କିଛି କରାନ୍ତି । ତେଣୁ ହେ ମନୁଷ୍ୟ ! ବିପଦ ବେଳେ କାତର ହୁଅ ନାହିଁ । ସଂପଦ ବେଳେ ଚାତର ଦେଖାଅ ନାହିଁ । ସ୍ଥିର ହୁଅ । ମୁଁ ସବୁଠି ଅଛି । ସବୁ ଦେଖୁଛି । ସବୁ କରୁଛି ଆଉ ସବୁ କରାଉଛି ।

ମିଥ୍ୟା ମହାପାପ । ପାପକଲେ ବାପ ରଖି ପାରିବ ନାହିଁ । ଯାହା ନଦେଖିଛ ଦୁଇ ଆଖିରେ କାନରେ ଶୁଣି ତାହା ବିଶ୍ୱାସ କରନାହିଁ । ସବୁ ବସ୍ତୁର ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ କର । ଏହାପରେ ମନକୁ ଦୃଢ କର । ହେ ମନୁଷ୍ୟ ! ସବୁବେଳେ ଏ ଆଖି ଆଖିରେ ରହେ ନାହିଁ । ଆଖିରେ ଯାହାଧର୍ମ ଦେଖିବ । ଘର ସାକ୍ଷୀ ହେଉଛି ପାଟି । ସେ ସାକ୍ଷୀ ସ୍ୱରୂପରେ କାନକୁ କହେ, ଆଖି ଯାହା ଦେଖିଛି ଠିକ୍ ନା ଭୁଲ ? କାନ କହେ ଆଖି କ'ଣ ଦେଖିଲା ମୁଁ ତାହା କିପରି ଜାଣିବି ? ଏ ସମସ୍ତଙ୍କୁ ଭଲପାଏ ଶରୀର ଭିତରେ ପାଦ ଯୋଡ଼ିକ । ପାପ ପୁଣ୍ୟ ସଭିଙ୍କୁ ସେ ବୁଝାଇ ଚାଲିଛି । ତାକୁ ଯେତେବେଳେ କଷ୍ଟ ହୁଏ, ସେ କେଉଁଠି ଝୁଣ୍ଟେଇ କେଉଁଠି ବାଡ଼େଇ ହୋଇଯାଏ । ଗୋଟିଏ ଗୋଟିଏ ଥର ସମୂଳେ ଉପୁଡ଼ିଯାଏ । ତଥାପି



ତା ପରିଶ୍ରମ ଦେଖି ଆଖିରୁ ପାଣି ବାହାରିଯାଏ । ଏମାନେ ସମସ୍ତେ ସମସ୍ତଙ୍କ ପାଇଁ ଚିନ୍ତାମଗ୍ନ ଥାନ୍ତି । ଏ ଦେହ ଭିତରେ, ଦେହ ବାହାର, ପୃଥିବୀରେ ଚିନ୍ତା ଛାଡ଼ି କିଏ ଅଛି ? ପରସ୍ପର ପରସ୍ପରକୁ ଲଗାଲଗି । କିନ୍ତୁ କେଶ ! ତାର ଚିନ୍ତାନାହିଁ । ସେ ନରହିଲେ ଦେହ ପରିବେଶ ଅସୁନ୍ଦର ହୋଇଯାଏ । ଏଣୁ କେଶର ଆଦର ଦର୍ଶନୀୟ ଶୋଭା ମନୁଷ୍ୟର ଶୋଭା ବଢ଼ାଏ । ଦନ୍ତ ମୁଖ ପାଇଁ, କେଶ ମସ୍ତକ ପାଇଁ, ଚର୍ମ ଆବରଣ ପାଇଁ ଯିଏ କାରିଗର ଯାହା ଯେଉଁଠି ଲାଗିବ ତାହାକୁ ସେ ଖଂଜିଥାଇ । ଆଖିର ମାଂସ କମିଗଲେ ଆଖି ଭିତରକୁ ପଶିଯାଏ । ସିଏ ମଣିଷର ହାତ ଗଢ଼ା ମୂର୍ତ୍ତି ନୁହେଁ ଯେ ଆଉଥରେ ତିଆରି କରାଯିବ । ସେହି ସଦୃଶ ଦେହର ଭାଗ ମାପ ଆଗରୁ ଗଢ଼ା ହୋଇଛି । ଯିଏ ବିଶ୍ୱ କାରିଗର, ଯାହାଙ୍କ ହାତରେ ବିଶ୍ୱ ପରିମାପ ଅଛି, ଯିଏ ବିଶ୍ୱକୁ କ୍ଷଣିକରେ ଖଣ୍ଡ ଖଣ୍ଡ କରିପାରେ, ତୁମେ ଛାର ହୋଇ ତା' ଆଖିରେ ଧୂଳି ଦେବା ପାଇଁ ଚେଷ୍ଟା କର ନାହିଁ । ସିଏ ସର୍ବ ବ୍ୟାପି । ମିଥ୍ୟା କହୁଛୁ କି ସତ୍ୟ କହୁଛୁ ସର୍ବ ଦେଖୁଛି ସେ । ମନୁଷ୍ୟର ଓଜନ କମିଲେ ନିଜପାଇଁ, ସୂର୍ଯ୍ୟଙ୍କର ଓଜନସ୍ତର କମିଲେ ସାରାବିଶ୍ୱ ପାଇଁ କ୍ଷତିହୁଏ । ସେ କ୍ଷୟକୁ ପୂର୍ଣ୍ଣ କରିବା ପାଇଁ ସେଇ ପୂର୍ଣ୍ଣବ୍ରହ୍ମ ପୂର୍ଣ୍ଣାଙ୍ଗ କରି ପାରନ୍ତି । ତାଙ୍କ ଚରଣରେ ସକଳ ମନ କର୍ମ ପ୍ରାଣକୁ ସମର୍ପଣ କରି ପାରିଲେ ସହଜରେ ସର୍ବ କାମନା ପୂର୍ଣ୍ଣ ହୋଇ ପାରିବ ।

ହେ ମନୁଷ୍ୟ ! ସିଏ ଆଜି ଅଧାଗଢ଼ା କାହା ପାଇଁ ? ତୋର ଅବିଶ୍ୱାସ ଭାବ ପାଇଁ । କଳିଯୁଗରେ ଅଧା ବିଶ୍ୱାସ, ଅଧାଭାବ ନେଇ, ଅର୍ଦ୍ଧ ରାତ୍ରରେ ଦ୍ୱାର ଖୋଲିବାରୁ ସେ ଆଜି ଅଧାଗଢ଼ା । ଏହାର କାରଣ ଅଧ୍ୟାତ୍ମିକ ଚେତନାର ଅବକ୍ଷୟ । ସେ କହିଗଲେ ମା' ! ତୋର କିଛି ଭୁଲ୍ ନୁହେଁ । ଏସବୁ ସମୟର । କଳି ଯୁଗରେ ମନୁଷ୍ୟ ଅର୍ଦ୍ଧ ଆୟୁ ସ୍ୱଭାବ, ଜ୍ଞାନ ହୀନ ଅସୁର ସମାନ । ସ୍ୱଭାବ ପଶୁର ସମାନ । ଆଚରଣ ଦସ୍ୟୁର ସମାନ । ସର୍ବେ ଅବିଶ୍ୱାସ ଭାବ ବହିବେ । ତେଣୁ ମୋର ହାତ ଥିବ ଅଥଚ କାହାରିକୁ ଧରି ପାରିବି ନାହିଁ । ପାଟିଥିବ କାହାକୁ ମୁହଁ ଖୋଲି କହି ପାରିବି ନାହିଁ । ଆଖିଥିବ ସବୁ ଦେଖୁଥିବି, କାହାରିକୁ ମନା କରି ପାରିବି ନାହିଁ । ସବୁ ପୂର୍ଣ୍ଣ ପୁଣି ସବୁ ଅଧା । ଅର୍ଦ୍ଧ ପଥରେ ସମସ୍ତେ ବିନାଶ ହେବେ ।

ହେ ମନୁଷ୍ୟ ! ଶାନ୍ତ ହୁଅ । ସ୍ଥିର ହୁଅ । କ୍ଅଁଳ ସମୟରେ କାକ, କୋକିଳ କୋଳାହଳ ନାଦ କରନ୍ତି । ସ୍ଥିର ହେଲେ ଅମୃତ ନାଦ ସୃଷ୍ଟି ହୁଏ । ବିଶ୍ୱାସରେ ଉଶ୍ୱାସ୍ । ଅବିଶ୍ୱାସରେ ସର୍ବନାଶ । ❑



Scanned by CamScanner

# ହେ ମନୁଷ୍ୟ ! ପ୍ରେମ କର

ଉଦ୍ୟାନ ଭରା ଫୁଲ । ସାରା ବିଶ୍ୱରେ କେତେ ଫୁଲ ଉଦ୍ୟାନ । ଅଗଣିତ ପାଖୁଡ଼ା, ଅଗଣିତ ଫୁଲ, ଅମାପ ରସ ସୌନ୍ଦର୍ଯ୍ୟ । ଅଗଣିତ ନାରୀ ପୃଥିବୀର ଗୋଟିଏ ଗୋଟିଏ ଫୁଟିଲା ଫୁଲ । ଫୁଲର ରୂପ ଗୁଣ ପରିଚୟ ଅନେକ । ଥଣ୍ଡା ତାର ପ୍ରିୟ । ଶ୍ରୀକୃଷ୍ଣଙ୍କୁ ମୁଗ୍ଧ କରାଏ । ଫୁଲେଇ ହୁଏ ଫୁଲ, କଣ୍ଠହାର ହେବାପାଇଁ ପୁଣି ଗଭାରେ ମଣ୍ଡି ହେବାପାଇଁ ପୁଣି ଦେବତାର ଚରଣ ତଳେ ଲୋଟି ଯିବା ପାଇଁ । ସବୁ ଫୁଲର ଭାଗ୍ୟ ଏକା ପରି ନୁହେଁ । ମହୁମାଛି ଓ ଭଅଁର ମାନେ ଗୁଣୁ ଗୁଣୁ ତାନରେ ଫୁଲର ଏକନିଷ୍ଠ ମନକୁ ଭାଙ୍ଗିଦିଅନ୍ତି । ଫୁଲ କହେ- ତୁମେ ମୋତେ କିଛି କୁହନା । ଭଅଁର କୁହେ, ଏକମାତ୍ର ତୁମକୁ ମୁଁ କହିବାକୁ ଆସେ । ମୁଁ ସିନା କଳା ମୋ କଣ୍ଠସ୍ୱର କ'ଣ କଳା ? ମୁଁ କେବେ ତଳେ ବସେ ନାହିଁ, ପତ୍ର ଡାଳରେ ବସେ ନାହିଁ, ଫୁଲରେ ବସେ । ଫୁଲ ନପାଇବା ପର୍ଯ୍ୟନ୍ତ ଉଡ଼ିବୁଲୁଥାଏ । ଗୋଟିଏ ଫୁଲକୁ ଛାଡ଼ି ଆଉ ଗୋଟିଏ ଫୁଲରେ ବସେ । ବାସ କରେ ନା ମୁଁ କାହାରି ବସାରେ । ବାଉଁଶକୁ ରନ୍ଧ୍ର କରି ତା ଭିତରେ ରହେ । ବଇଁଶୀର କୁହୁ କୁହୁ ସ୍ୱର, କଳକଣ୍ଠର ସ୍ୱର କଳା ଭ୍ରମରର ଗୁଣୁ ଗୁଣୁ ତାନରେ ଯମୁନା ନଈର ଜଳ ଉଚ୍ଛୁଳିଆସେ । ପବନର ଗତିରେ ଢ଼େଉର ଗତି । ମୋର ସ୍ୱର ଶୁଣି ତାର ନିଦ ଭାଙ୍ଗେ । କଥା କୁହେ, ନାଚେ ଅଧୀର ହୋଇ । ସେ ଭାବେ କଳା ଭଅଁର ସବୁ କରୁଛି । ମୁଁ ଯେତେ ମନାକଲି ଆମ ଉଦ୍ୟାନକୁ ଆସିବ ନାହିଁ, ସେ ଭଅଁରର ଜମାରୁ ଛଳନାହିଁ । ସେ ଆସୁଛି ଆଉ କହୁଛି- ଉଦ୍ୟାନ ମୋର, ଫୁଲ ବି ମୋର । ମୁଁ ଆସିବି ଫୁଲ ପାଇଁ । ଫୁଲ ଫୁଟିବ ମୋ ପାଇଁ । ମୋ ଭିତରେ ଫୁଲ ଓ ଫୁଲ ଭିତରେ ମୁଁ । ମୋ ଭିତରେ ମୁଁ, ମୋ ଭିତରେ ମଣିଷ ଏବଂ ମଣିଷ ଭିତରେ ମୁଁ । ବୁଢ଼ୀଆଣି ଜାଲ ଭିତରେ ଛନ୍ଦି ହେଲା ଭଳି ମୁଁ ମୋ ଭିତରେ ବନ୍ଦୀ ହୋଇଅଛି । ସେ ବନ୍ଧନ ଫିଟିବ ଏକମାତ୍ର ଭାବରେ, ପ୍ରେମରେ । ତେଣୁ ହେ ମନୁଷ୍ୟ ପ୍ରେମକର । ଆନନ୍ଦ ଲାଭ କର । ଆନନ୍ଦ ଭିତରେ ମୁଁ ଅଛି । ମୋ ଭିତରେ ଶ୍ରେଷ୍ଠ ଆନନ୍ଦ ରହିଛି । ଏଣେତେଣେ ବୁଲନା କସ୍ତୁରୀ ମୃଗ ପରି । □□□



Scanned by CamScanner